# ଆଦିବାସୀ



ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ

# ଆଦିବାସୀ

## ଓଡ଼ିଶା ଆଦିବାସୀ ଗବେଷଣା ପରିଷଦ

ଦ୍ୱିତୀୟ ବର୍ଷ ]　　୧୯୫୭-୫୮　　[ ଦ୍ୱିତୀୟ ଓ ତୃତୀୟ ସଂଖ୍ୟା

ସମ୍ପାଦକ—ଗଣନାଥ ଦାସ
ଯୁଗ୍ମ ସମ୍ପାଦକ—ନିତ୍ୟାନନ୍ଦ

ଓଡ଼ିଶା ସରକାରଙ୍କ
ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗଦ୍ୱାରା
ପ୍ରକାଶିତ

ମୂଲ୍ୟ—ଆଠଅଣା ମାତ୍ର

# ସୂଚୀପତ୍ର


୧ । କୋରାପୁଟରେ ହୋଇଥିବା ୪ର୍ଥ ଆଦିବାସୀକଲ୍ୟାଣ ସମ୍ମିଳନୀରେ ସମାଜକଲ୍ୟାଣ ବିଭାଗର ଅଧ୍ୟକ୍ଷ

ଶ୍ରୀ ଲ. ମ. ଶ୍ରୀକାନ୍ତଙ୍କର ଉଦ୍‌ବୋଧନ ... ... ୧

୨ । ଆଦିବାସୀଙ୍କ ପାଇଁ ସଦ୍ଧର୍ମ ପନ୍ଥା

ନିଖିଳ ଭାରତ ଆଦିବାସୀ ସମ୍ମିଳନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ ... ୪

୩ । ଗୋଟିଏ ଜୁଆଙ୍ଗ ଯୁବକର ବିଭାଘର

ଅଜିତ ରାୟ ... ... ... ୮

୪ । ଆଦିବାସୀ ସମସ୍ୟା

ବିଦ୍ୟାଧର ସିଂହ ଦେଓ ... ... ... ୧୪

୫ । ଆଦିବାସୀମାନଙ୍କ ଶିକ୍ଷା

ସୋମନାଥ ମହାପାତ୍ର ... ... ... ୧୮

୬ । ପ୍ରତିମାର ଶୁଦ୍ଧିକ୍ରିୟା

ନିତ୍ୟାନନ୍ଦ ପଟ୍ଟନାୟକ ... ... ... ୨୨

୭ । ଆଦିବାସୀଙ୍କର ଅର୍ଥନୀତି

ଅମ୍ବାଲାଲ ବ୍ୟାସ ... ... ... ୨୬

୮ । କଳାହାଣ୍ଡିର ଡଙ୍ଗରିଆ କନ୍ଧ

ନିତ୍ୟାନନ୍ଦ ଦାସ ... ... ... ୨

୯ । ମାନବ ବିଜ୍ଞାନ ଓ ଆଦିବାସୀକଲ୍ୟାଣ

ନିର୍ମଳକୁମାର ବୋଷ ... ... ୩୧

୧୦ । ପ୍ରଗତି ପଥରେ ଓଡ଼ିଶାର ଆଦିବାସୀ

ବୀର ବିକ୍ରମାଦିତ୍ୟ ସିଂହ ବରିହା ... ... ୩୬

୧୧ । ଆଦିବାସୀ ଓ ଆମେ

ଲକ୍ଷ୍ମୀନାରାୟଣ ସାହୁ ... ... ... ୪୦


୧୨ । ମରୁଡ଼ି ପୂଜା

ଗଣନାଥ ଦାସ ... ... ... ୪୩

୧୩ । କନ୍ଧର ଆଇନ

ଗୋପୀନାଥ ମହାନ୍ତି ... ... ... ୪୬

୧୪ । ସମ୍ପାଦକୀୟ



ନିଖିଳ ଭାରତ ଚତୁର୍ଥ ଆଦିବାସୀ ଗ୍ରାମମଙ୍ଗଳ ସମ୍ମିଳନୀ ଉପଲକ୍ଷେ
ଅନୁଷ୍ଠିତ ପ୍ରଦର୍ଶନୀରେ ଆଦିବାସୀ-କଳାର ସୁସଜ୍ଜିତ ତୋରଣ



ମଧ୍ୟପ୍ରଦେଶର ଆଦିବାସୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ନରେଶଚନ୍ଦ୍ରଙ୍କ ଦ୍ୱାରା କୋରାପୁଟ ଆଦିବାସୀ ପ୍ରଦର୍ଶନୀ ଉଦ୍‌ଘାଟନ

## କୋରାପୁଟରେ ହୋଇଥିବା ୪ର୍ଥ ଆଦିବାସୀ କଲ୍ୟାଣ ସମ୍ମିଳନୀରେ
## ସମାଜକଲ୍ୟାଣ ବିଭାଗର ଅଧ୍ୟକ୍ଷ

# ଶ୍ରୀ ଲ. ମ. ଶ୍ରୀକାନ୍ତଙ୍କର ଉଦ୍‌ବୋଧନ

ପ୍ରାୟ ଶହେ ବର୍ଷ ହେଲା ଖ୍ରୀଷ୍ଟିଆନ ଧର୍ମ-ପ୍ରଚାରକମାନେ ଭାରତର ଆଦିବାସୀମାନଙ୍କ ମଧ୍ୟରେ କଲ୍ୟାଣମୟ କାର୍ଯ୍ୟମାନ ଆରମ୍ଭ କରିଛନ୍ତି । ସେମାନେ ବୋଧହୁଏ ବିହାରରେ ଏହି ଦିଗରେ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲେ । ଫଳତଃ ବିହାର ଓ ଆସାମର ବହୁସଂଖ୍ୟକ ଆଦିବାସୀ ଖ୍ରୀଷ୍ଟିଆନ ହୋଇଥିବାର ଦେଖିବାକୁ ମିଳେ । ହିନ୍ଦୁ ଧର୍ମପ୍ରଚାରକ ବା ଭାରତୀୟ-ମାନେ ଆଦିବାସୀମାନଙ୍କ ମଧ୍ୟରେ ସମାଜସେବା କାର୍ଯ୍ୟାବଳୀ ଗତ ତିନି ବା ଚାରି ଦଶାନ୍ଧୀ ଧରି ଆରମ୍ଭ କରିଥିଲେହେଁ ଭାରତ ସେବକ ସଂଘର ଅଗ୍ରଣୀ ସମାଜସେବକ ମୃତ ଶ୍ରୀ ଠକ୍କର ବାପାଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥାଏ । ତାଙ୍କର ଦୂରଦୃଷ୍ଟି ଓ ଦରିଦ୍ର ଏବଂ ଦଳିତମାନଙ୍କ ପାଇଁ ଉତ୍ସାହପୂର୍ଣ୍ଣ ନିଃସ୍ୱାର୍ଥ ସମାଜ-ସେବା ହେତୁ ଭାରତୀୟ ଆଦିମ ଜାତି ସେବକ ସଂଘ ନାମକ ଏକ ବେସରକାରୀ ସଂସ୍ଥା ଆରମ୍ଭ ହୋଇ ପାରିଥିଲା, ଯାହାର ଆନୁକୂଲ୍ୟରେ ଆଦିବାସୀମାନଙ୍କର ମଙ୍ଗଳାର୍ଥେ ବିଭିନ୍ନ ସମସ୍ୟାର ଆଲୋଚନା କରିବାକୁ ଗତ ୪ ବା ୫ ବର୍ଷ ଧରି ବାର୍ଷିକ ସମ୍ମିଳନୀମାନ ଡକାଯାଉଛି । ତାଙ୍କଠାରୁ ସୂଚନା ପାଇଥିବା ପ୍ରବୀଣ ସମାଜସେବକଙ୍କଦ୍ୱାରା ଏହି ଅନୁଷ୍ଠାନ ସହ ସଂପୃକ୍ତ ୪୦ଟି ସଂସ୍ଥା ସଂଗଠିତ ହୋଇଥିଲା । ଆପଣମାନେ ସମସ୍ତେ ଜାଣନ୍ତି, କେବଳ ସମାଜସେବକଙ୍କ ପାଇଁ ନୁହେଁ, ଥରକୁ ଥର ଆଦିବାସୀମାନଙ୍କର ଭିନ୍ନ ଭିନ୍ନ ସମସ୍ୟା ଉପରେ ମତ ବିନିମୟ ନିମନ୍ତେ ଶାସକ, ଆଦିବାସୀ ଓ ନୃତତ୍ତ୍ୱବିତ୍‌ମାନଙ୍କ ପାଇଁ ଏହି ସମ୍ମିଳନୀ ଏକ ସ୍ଥଳ ଅଟେ ।

ସମସ୍ତଙ୍କର ବିଶେଷତଃ ସମାଜସେବକମାନଙ୍କର ମନେ ରଖିବା ଉଚିତ ଯେ ଅଗମ୍ୟ ଅଞ୍ଚଳରେ ବାସ-କରୁଥିବା ଆଦିବାସୀମାନଙ୍କର ସେବାହିଁ ସେମାନଙ୍କର ପରମ କର୍ତ୍ତବ୍ୟ । ସେମାନେ କୌଣସି ପ୍ରକାର ଲାଭ ଆଶା ନ ରଖି ଆଦିବାସୀମାନଙ୍କର କଲ୍ୟାଣ ପାଇଁ ନିଃସ୍ୱାର୍ଥପର କାମ କରିବା ଉଚିତ । ଗାନ୍ଧୀଜୀ ଓ ଠକ୍କର ବାପାଙ୍କ ଭଳି ସମାଜସେବୀମାନଙ୍କଦ୍ୱାରା ନିର୍ଭୁଲଭାବେ ସେବାର ପ୍ରକୃଷ୍ଟ ପନ୍ଥା ସୂଚାଇ ଦିଆଯାଇଛି । ବର୍ତ୍ତମାନ ଅନେକ ସ୍ଥଳରେ ନିର୍ବାଚନ ସମାଜସେବକ-ମାନଙ୍କୁ କିଛି ପରିମାଣରେ ପ୍ରଭାବିତ କରିଅଛି । ନଗଦାନଗଦ ଘଟଣାରୁ ପ୍ରମାଣ ମିଳେ ଯେ ସମାଜ-ସେବକମାନେ ଦଳବିଶେଷଙ୍କର ନିର୍ବାଚନ ପ୍ରଚାରର ବ୍ୟାପକ ଢେଉଦ୍ୱାରା ପ୍ରଭାବିତ ହେବାର ବିଶେଷ ସମ୍ଭାବନା ଅଛି । ସ୍ୱାଧୀନତା ସଂଗ୍ରାମର ତ୍ୟାଗୀବୃନ୍ଦ ସ୍ୱାଧୀନତାପ୍ରାପ୍ତି ପରେ କ୍ଷମତାର ଆସ୍ଥାନମାନ ମାଡ଼ି ବସିବାପାଇଁ ବିଶେଷ ଲାଳାୟିତ ଓ ସମାଜସେବକମାନେ ଏଥିରୁ ମୁକ୍ତ ନୁହନ୍ତି—ଏ କଥା ଗୋଟିଏ ଜଣାଶୁଣା ବିଷୟ ଅଟେ । ନିର୍ବାଚନ ପ୍ରଚାର ଦଳଭେଦ ଆଡ଼ିକୁ ଅଧୋଗତି କରେ । ଫଳରେ ସମାଜର ଶେଷ ଲକ୍ଷ୍ୟ, ଦଳିତ ଜନତାର ଉନ୍ନତି ସାଧନକୁ ମନୁଷ୍ୟ ଭୁଲିଯାଏ । ସେହି ଅର୍ଥରେ ଆଦିବାସୀମାନେ ଅଧିକାର ମାଡ଼ି ବସିବା ପାଇଁ ଲାଗିଥିବା ରାଜନୀତିର ରେସ୍ ବୋର୍ଡରେ ହତିଆର ହୋଇଥାନ୍ତି । ରାଜନୀତିରେ ଲିପ୍ତ ହେବାର ଏହି ଜନ୍ତା ବିଷୟରେ ଆମ୍ଭେମାନେ ସର୍ବଦା ସଜାଗ ହେବା ଉଚିତ । ମହାତ୍ମା ଗାନ୍ଧୀଙ୍କଦ୍ୱାରା ସ୍ଥାପିତ ହରିଜନ ସେବକ ସଂଘ ଏଥିରୁ ପୁରାପୁରି ବଞ୍ଚିତ

ଥିଲି । ଏଭଳି ନିର୍ବାଚନ ପ୍ରଚାରରେ ଲିପ୍ତ ରହିବା ଅନୁଷ୍ଠାନମାନଙ୍କ ହେତୁ ଯେ କେବଳ ସମାଜସେବକମାନଙ୍କ ମଧ୍ୟରେ ଆତ୍ମତ୍ୟାଗର ଭାବ ଉଭେଇଯାଏ ତା ନୁହେଁ; ବରଂ ଆଦିବାସୀମାନଙ୍କ ମଧ୍ୟରେ ଏଭଳି କାର୍ଯ୍ୟ ସୃଷ୍ଟି ହୁଏ, ଯାହାକି ଉଭୟ ଦେଶ ଓ ସେମାନଙ୍କ ପକ୍ଷରେ କ୍ଷତିକାରକ ଅଟେ । ଆଜିକାଲି ନିର୍ବାଚନ ପ୍ରଚାରରୁ ପୂରାପୂରି ଅଲଗା ରହିବା ସମ୍ଭବ ନୁହେଁ । ଆମ୍ଭର ଭୁଲିଯିବା ଉଚିତ ନୁହେଁ ଯେ ଜାତିର ପିତା ଓ ସ୍ୱର୍ଗତ ଠକ୍କର ବାପା ବାରମ୍ବାର ଜୋର ଦେଇ କହିଛନ୍ତି, ସ୍ୱାର୍ଥଜଡ଼ିତ ଲୋକଙ୍କ ଦ୍ୱାରା ଦରିଦ୍ର ପାଇଁ ନିଃସ୍ୱାର୍ଥପର ସମାଜସେବା ଓ ଗଠନମୂଳକ କାର୍ଯ୍ୟ କେବେହେଁ ଦକ୍ଷତାର ସହ କରାଯାଇ ନ ପାରେ । ରାଜନୀତିରେ ଭାଗ ନେବାଦ୍ୱାରା ସେବକମାନଙ୍କ ମଧ୍ୟରେ ଶକ୍ତି ଓ କ୍ଷମତା ପାଇଁ ସଂଘର୍ଷ ସୃଷ୍ଟି ହୁଏ । ଗଣ୍ଡଗୋଳିଆ ରାଜନୀତିଠାରୁ ଆଜି ପର୍ଯ୍ୟନ୍ତ ଅଲଗାଥିବା ଆଦିବାସୀମାନଙ୍କ ସହ ଆମର ସମ୍ପର୍କ ବିଷୟରେ ଆମ୍ଭେମାନେ ସଜାଗ ରହିବା ଉଚିତ ।

ଠକ୍କର ବାପାଙ୍କଠାରୁ ପ୍ରେରଣାପ୍ରାପ୍ତ, ପୁରୁଖା ଓ ପ୍ରବୀଣ ସମାଜସେବକମାନେ ପ୍ରବନ୍ଧ ପ୍ରଭୃତି ଆକାରରେ ଏହି ସମ୍ମିଳନୀକୁ କିଛି ଦାନ କରି ନାହାନ୍ତି । ଏଥିପାଇଁ ତାଙ୍କୁ ମୋତେ କହିବାକୁ ପଡ଼ିବାରୁ ମୁଁ ବିଶେଷ ଦୁଃଖିତ । ଆଦିବାସୀମାନଙ୍କ ମଧ୍ୟରେ ସମାଜସେବା ବର୍ଷ ବର୍ଷ ଧରି କଲା ପରେ ପୁରୁଖା ଲୋକ ଆଦିବାସୀ ଲୋକଙ୍କର ନାନାପ୍ରକାର ସମସ୍ୟା ବିଷୟରେ ପ୍ରବନ୍ଧ ଆକାରରେ ଦାନ କରିବାକୁ ସମୟ ପାଇବାରେ କ୍ଷମ ହୋଇ ପାରନ୍ତି ନାହିଁ । ଦୁଃଖର କଥା, ଅନୁଷ୍ଠାନର ପ୍ରତି ଦିନର କାର୍ଯ୍ୟାବଳୀ କର୍ମୀମାନଙ୍କର ଏତେ ସମୟ ଓ ଶକ୍ତି ନେଇଯାଏ, ଯାହାଦ୍ୱାରା କି ଆଦିବାସୀମାନଙ୍କ ପାଇଁ ମଙ୍ଗଳପ୍ରଦ ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ବନ୍ଧେ ଅନ୍ୟକୁ ସୂଚନା ଦେବାପାଇଁ ସେମାନେ କିଛି କରିପାରନ୍ତି ନାହିଁ । ଆଦିବାସୀମାନଙ୍କ ମଧ୍ୟରୁ ଯେତେ ଅଧିକ ଅନୁଭୂତି ଆମେ ପାଉ, ସେତେ ନୂଆ ବିଷୟରେ ଭାବିବାକୁ ଓ ନୂଆ ଯୋଜନା ବିଷୟରେ ଉପାୟ ପ୍ରୟୋଗ କରିବାରେ ସମର୍ଥ ହେଉ । ଭାବର ଆଦାନପ୍ରଦାନ ଓ ପୁସ୍ତକଗତ ବିଦ୍ୟାଦ୍ୱାରା ଆମ୍ଭର ଅନୁଭୂତିକୁ ସମୃଦ୍ଧିଶାଳୀ କରିବାରେ ସମର୍ଥ ହେଉ । ଆମ୍ଭେମାନେ ମନେ ରଖିବା ଉଚିତ ଯେ ବିଭିନ୍ନ ଅନୁଷ୍ଠାନର ଆଦିବାସୀଜୀବନ ଓ ମଙ୍ଗଳପ୍ରଦ କାର୍ଯ୍ୟାବଳୀ ସମ୍ବନ୍ଧେ ଯାହା କିଛି ଅନୁଭୂତି ଅଛି, ତାହା ଅନ୍ୟକୁ ଓ ପରବର୍ତ୍ତୀ ବଂଶଧରମାନଙ୍କୁ ଦେଶର ଭବିଷ୍ୟତ ଉନ୍ନୟନ ପାଇଁ ଜଣାଇବା ଉଚିତ । ଦୈନିକ କାର୍ଯ୍ୟ ନିର୍ବାହ କରିବା ସଙ୍ଗେ ସଙ୍ଗେ ଆମେ ଯଦି ନୂତନ ସମସ୍ୟା ଓ ମଙ୍ଗଳପ୍ରଦ ପରିକଳ୍ପନାର ବିଚାର ନ କରୁ, ତେବେ ଅନୁଷ୍ଠାନଟି ନିଶ୍ଚୟ ନିଷ୍କ୍ରିୟ ହେବ । ନୂତନ ସେବକମାନଙ୍କୁ ପ୍ରେରଣା ଦେବା ଓ ତାଙ୍କଠାରେ ନୂତନ ଭାବ ପ୍ରସାର କରିବାରେ ଆମ୍ଭେମାନେ ଅସମର୍ଥ ହେବୁ । ଏହାହିଁ ଆମ୍ଭମାନଙ୍କର ପ୍ରଧାନ ସମସ୍ୟା । ଆଦିବାସୀମାନଙ୍କର ସେବା କରିବା ପାଇଁ ଆଗ୍ରହାନ୍ୱିତ ସମାଜସେବକ କିପରି ଗଠନ କରିବାକୁ ହେବ ତାହାହିଁ ବର୍ତ୍ତମାନର ଅତି ଜରୁରୀ ସମସ୍ୟା । ଆସାମ, ବିହାର,, ମଧ୍ୟପ୍ରଦେଶ, ଓଡ଼ିଶା ଓ ଏପରିକି ଆନ୍ଧ୍ରରେ ବହୁତ କିଛି କାମ କରିବାକୁ ଅଛି । ଏ ସ୍ଥାନରେ କଲ୍ୟାଣମୟ କାର୍ଯ୍ୟାବଳୀ ସମ୍ପାଦନ କରିବା ପାଇଁ ବେସରକାରୀ ଅନୁଷ୍ଠାନ ଗଠନ ହେବା ଦରକାର । ଭାରତୀୟ ଆଦିମ ଜାତି ସେବକ ସଂଘ ଓ ଅନ୍ୟାନ୍ୟ ଅନୁଷ୍ଠାନଦ୍ୱାରା ଚାଲୁ ହୋଇଥିବା କେନ୍ଦ୍ରର ସଂଖ୍ୟା ଅତି କମ୍ । ବିଶ୍ୱସ୍ତ ସେବକ ହିସାବରେ ଯୁବକକୁ ଆକର୍ଷଣ କରିବା ପାଇଁ ଆମ୍ଭମାନଙ୍କୁ ଆଜୀବନ କର୍ମୀ ଶ୍ରେଣୀ ଗଠନ କରିବାକୁ ହେବ । ଏଥିପାଇଁ ସରକାର କିମ୍ବା ଗାନ୍ଧୀ ସ୍ମାରକ-ନିଧି ବାର୍ଷିକ ପରିବର୍ତ୍ତେ ୫ ବର୍ଷ ପାଇଁ ସାହାଯ୍ୟ ଦେବା ଉଚିତ, ଯାହାଦ୍ୱାରା ଏକ ବଡ଼ ସମସ୍ୟା ସମାଧାନ ହୋଇ ପାରିବ । କେନ୍ଦ୍ରସ୍ଥ ସଂଗଠନ ଆସାମରେ ଶାଖାମାନ ସ୍ଥାପନ କରିବାକୁ ଚେଷ୍ଟା କରୁଅଛି । ଆପଣମାନେ ଜାଣନ୍ତି, କେନ୍ଦ୍ର ସାହାଯ୍ୟ ଉପରେ ନିର୍ଭର

କରି ଯଦି କର୍ମୀ ମିଳନ୍ତି, ତେବେ ମିକର ଓ ଗାରୋ ପାହାଡ଼ରେ ଦୁଇଟି କେନ୍ଦ୍ର ଖୋଲିବାକୁ ଅତି ନିକଟରେ ସେମାନେ ସ୍ଥିର କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ମିଳିଛି । ଏହି କାମ ପାଇଁ ଯଦି ଗୋଟିଏ ଜାତୀୟ ସମାଜସେବକ ଶ୍ରେଣୀ ଖୋଲିବା ଚେଷ୍ଟା କାର୍ଯ୍ୟକାରୀ ହୁଏ, ତେବେ ଏହା ଗୋଟିଏ ଶୁଭ ସୂଚନା ହେବ । ସରକାରୀ କର୍ମଚାରୀବୃନ୍ଦ ସେମାନଙ୍କର ବେତନ ସମ୍ବନ୍ଧରେ ଲିପ୍ତ ଥିବାରୁ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ଆଦିବାସୀମାନଙ୍କ ମଧ୍ୟରେ ମଙ୍ଗଳକର କାର୍ଯ୍ୟମାନ ବିଶେଷ ଦକ୍ଷତା, ମିତବ୍ୟୟିତା ସହିତ ଜୀବନ୍ତରୂପେ ଚାଲିପାରିବ ବୋଲି ସରକାରୀ ଉଚ୍ଚପଦସ୍ଥ କର୍ମଚାରୀ ଓ ସମସ୍ତଙ୍କଦ୍ୱାରା ସ୍ୱୀକାର କରାଯାଇଅଛି ।

ଆଦିବାସୀମାନଙ୍କର ମଙ୍ଗଳାର୍ଥେ ଦୈନିକ ସମସ୍ୟାର ଚିନ୍ତା କରିବା ଯେପରି ପୁରୁଖା ଓ ପ୍ରବୀଣ ସମାଜସେବକମାନଙ୍କ ପକ୍ଷେ ଦରକାର, ସେହିପରି ପୁସ୍ତକଗତ କିଛି ଶିକ୍ଷା ସେମାନେ ପାଇବା ନିତାନ୍ତ ଦରକାର । ବ୍ୟାବହାରିକ କ୍ଷେତ୍ରରେ ଅନୁଭୂତି, ପୁସ୍ତକ ଚର୍ଚ୍ଚା ଓ ଆଲୋଚନାଦ୍ୱାରା ସମାଜସେବାର ସିଦ୍ଧାନ୍ତକୁ ଅଳ୍ପ ସମୟରେ ବୁଝିବାପାଇଁ ସାହାଯ୍ୟ କରେ । ଆମ୍ଭେମାନେ ଆମ୍ଭମାନଙ୍କର ଅଧିକ ବୟସ ନେଇ ଲଜ୍ଜା ଅନୁଭବ କରିବା ଉଚିତ ନୁହେଁ । ଆମର ଦୈନିକ କାର୍ଯ୍ୟରେ ବ୍ୟସ୍ତ ଥିଲେ ମଧ୍ୟ ଆଦିବାସୀମାନଙ୍କ ସମ୍ପର୍କୀୟ ପୁସ୍ତକ ପଢ଼ିବାକୁ ଓ ସମ୍ଭବ ହେଲେ ସେ ପ୍ରକାର ସାହିତ୍ୟିକ ଲେଖା ଦାନ କରିବା ପାଇଁ ସମୟ କରିବା ଉଚିତ । ଆମ୍ଭେମାନେ ଛଅ ମାସ ପାଇଁ ଶିକ୍ଷା ନେଇପାରୁ । ତାହା ଆମର ଆଦିବାସୀ କାର୍ଯ୍ୟର ଅନୁଭୂତିକୁ ପ୍ରଣାଳୀବଦ୍ଧ କରିବ ଓ ଆମର ଅନୁଭୂତି ଦୃଷ୍ଟିରୁ ମଙ୍ଗଳମୟ ଯୋଜନାର ମୂଲ୍ୟ ନିରୂପଣ କରିବାରେ ସାହାଯ୍ୟ କରିବ ।

ଆଦିବାସୀମାନଙ୍କ ପାଇଁ ଆରମ୍ଭ ହୋଇଥିବା କେତେକ ଅନୁଷ୍ଠାନ ଅତି ପୁରୁଣା ହୋଇଗଲାଣି ଓ ବିରାଟ ସଂଗଠନରେ ପରିଣତ ହେଲାଣି । ଅନୁଭୂତି ଦୃଷ୍ଟିରୁ ଏହି ସଂଗଠନମାନଙ୍କଦ୍ୱାରା ହୋଇଥିବା ବିଭିନ୍ନ ପ୍ରକାର କଲ୍ୟାଣମୟ ଯୋଜନାଗୁଡ଼ିକ ପୁନଃ ପରୀକ୍ଷିତ ହେବା ଉଚିତ । ଅନୁଭୂତି ସମ୍ପର୍କୀୟ ଆଲୋଚନା ଏହି ସମ୍ମିଳନୀରେ ହେବା ଉଚିତ । ଉଚ୍ଚ କର୍ମଚାରୀବୃନ୍ଦ ଶ୍ରେଷ୍ଠ ଶ୍ରେଷ୍ଠ ଅନୁଷ୍ଠାନର କାର୍ଯ୍ୟ ସମ୍ବନ୍ଧରେ ଖବର ଲାଭ କରିବାପାଇଁ ପ୍ରଦେଶ ଓ ଓ ବାହାରର ଅନ୍ୟ ଅନୁଷ୍ଠାନଗୁଡ଼ିକ ବୁଲି ଦେଖିବାକୁ ମନସ୍ଥ କରିବା ଉଚିତ । ଯଦି ମୁଁ କହେ ଯେ କର୍ମୀମାନେ ତାଙ୍କ ପ୍ରଦେଶର ଅନ୍ୟ ଅନୁଷ୍ଠାନ ଗୁଡ଼ିକ ଦେଖିବାକୁ ଅବସର ପାଉ ନାହାନ୍ତି, ତେବେ ମୋର କିଛି ଭୁଲ ହେବ ନାହିଁ । ସରକାର ନୂତନ ପରିକଳ୍ପନାଗୁଡ଼ିକ ଭଲଭାବରେ ପରୀକ୍ଷିତ ହେବାକୁ ଚାହାନ୍ତି, ଆଦିବାସୀମାନଙ୍କର ଏଥିପ୍ରତି କିପରି ମନୋଭାବ ତାହା ଜାଣିବାକୁ ଚାହାନ୍ତି । ଯଦି ଆମେ ଆଦିବାସୀଙ୍କ ଜୀବନ ପର୍ଯ୍ୟାଲୋଚନା କରିବାକୁ ଓ ସେମାନଙ୍କ ବିଷୟରେ ଯଥେଷ୍ଟ ଖବର ସଂଗ୍ରହ କରିବାକୁ ସମୟ ପାଉ, ତେବେ ପରିକଳ୍ପନାର ସମାଜ-ପର୍ଯ୍ୟବେକ୍ଷକଙ୍କୁ ଏଡ଼ି ପାରିବା ନାହିଁ । ଏଭଳି ସମ୍ମିଳନୀରେ ସେବକମାନଙ୍କୁ ତାଙ୍କଦ୍ୱାରା ବା ସରକାରଙ୍କଦ୍ୱାରା ହେଉଥିବା ପରିକଳ୍ପନାର ମୂଲ୍ୟ ନିରୂପଣ କରିବାକୁ କହିବା ଠିକ୍ ନୁହେଁ । ତେଣୁ ମୁଁ ଉପରୋକ୍ତ ତିନି ଚାରୋଟି କଥା ମନେ ରଖିବାକୁ ସମାଜସେବକଙ୍କୁ ଅନୁରୋଧ କରୁଛି । ଯଦି ମୋର ଯୁକ୍ତିର ଗୁରୁତ୍ୱ ଉପଲବ୍ଧି କରାଯାଏ, ତେବେ ମୋର ଆଶା, ଆସନ୍ତା ସମ୍ମିଳନୀରେ ଦେଶର ତଥା ଆଦିବାସୀ ମଙ୍ଗଳାର୍ଥେ ପ୍ରବନ୍ଧ, ପରିକଳ୍ପନା ଓ ଯୋଜନା ଆକାରରେ ବହୁତ ତଥ୍ୟ ଓ ଉପାଦାନ ଉପସ୍ଥାପିତ କରାଯାଇ ପାରିବ ।

# ଆଦିବାସୀଙ୍କ ପାଇଁ ସଦ୍ଧର୍ମ ପନ୍ଥା


## ନିଖିଳ ଭାରତ ଆଦିବାସୀ ସମ୍ମିଳନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

ଓଡ଼ିଶା ସରକାର ତଥା ଜନସାଧାରଣଙ୍କ ତରଫରୁ ଓ ଭାରତୀୟ ଆଦିମ ଜାତି ସେବକ ସଙ୍ଘର ଅଭ୍ୟର୍ଥନା ସମିତି ସଭାପତି ଭାବରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଅଛି । ଏହି ଅଧିବେଶନ ଏପରି ଗୋଟିଏ ରାଜ୍ୟରେ ହେଉଛି, ଯେଉଁଠାରେ କି ଆଦିବାସୀମାନଙ୍କ ସଂଖ୍ୟା ସମଗ୍ର ଜନସଂଖ୍ୟା ଅନୁପାତରେ ଭାରତରେ ସବୁଠାରୁ ବେଶି । ଏହି ରାଜ୍ୟର ଶତକରା ୨୧ ଭାଗ ଲୋକ ଆଦିବାସୀ ଓ ଏମାନେ ରାଜ୍ୟର ଦକ୍ଷିଣରୁ ଉତ୍ତର ପର୍ଯ୍ୟନ୍ତ ବ୍ୟାପୀ ରହି ଅଛନ୍ତି । ଏ ରାଜ୍ୟର ଏକ-ତୃତୀୟାଂଶ ଅଞ୍ଚଳରେ ସେମାନେ ବାସ କରୁଅଛନ୍ତି । ଯେଉଁଠାରେ ଅଶୋକଙ୍କ ସରକାର ଆଦିବାସୀଙ୍କ ମଙ୍ଗଳପାଇଁ ଧ୍ୟାନ ଦେଇଥିଲେ, ସେହିଭଳି ଏକ ରାଜ୍ୟରେ ଏ ଅଧିବେଶନ ପ୍ରଥମ ଥର ହୋଇ ବସୁଛି । କୋରାପୁଟଠାରୁ ଦେଢ଼ଶହ ମାଇଲ ଦୂରରେ ଅଶୋକଙ୍କର ଗୋଟିଏ ଶିଳାଲିପି ଅଛି । ଏହି ଶିଳାଲିପି ଆମ ଦେଶର ଏହି ଅଞ୍ଚଳ ଉଦ୍ଦେଶ୍ୟରେ ସ୍ଥାପିତ ହୋଇଥିଲା । ସେତେବେଳେ ଏହା କଳିଙ୍ଗ ନାମରେ ଖ୍ୟାତ ଥିଲା । ଏହି ଲିପିରେ "ପ୍ରତ୍ୟନ୍ତବାସୀନ" ଅର୍ଥାତ୍ ଆଦିବାସୀଙ୍କ ବିଷୟ ସ୍ୱତନ୍ତ୍ର ଭାବରେ ବର୍ଣ୍ଣିତ ହୋଇଅଛି । ସେଥିରେ ସମ୍ରାଟ ଅଶୋକ କହିଛନ୍ତି, "ଆଦିବାସୀମାନେ ଯେତେବେଳେ ପଚାରିବେ ଯେ ସମ୍ରାଟ ସେମାନଙ୍କୁ କି ଦୃଷ୍ଟିରେ ଦେଖନ୍ତି, ସେମାନଙ୍କୁ କହିଦେବ ଯେ ସମ୍ରାଟ ତାଙ୍କ ନିଜ ସନ୍ତାନମାନଙ୍କୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ସେମାନଙ୍କୁ ମଧ୍ୟ ସେହି ଦୃଷ୍ଟିରେ ଦେଖନ୍ତି । ସେମାନଙ୍କ ମଙ୍ଗଳରେ ସମ୍ରାଟ ଓ ତାଙ୍କ ସନ୍ତାନମାନଙ୍କର ମଙ୍ଗଳ ନିହିତ । ସେମାନେ ସଦ୍ଧର୍ମର ପନ୍ଥା ଅର୍ଥାତ୍ ପ୍ରକୃତ ସଭ୍ୟତାର ପନ୍ଥା ଅନୁସରଣ କରନ୍ତୁ, ଏହାହିଁ ସମ୍ରାଟଙ୍କର ଇଚ୍ଛା ।"


ଏହି ବାଣୀ ଦୁଇହଜାର ବର୍ଷ ତଳେ ପ୍ରଚାରିତ ହୋଇଥିଲେ ମଧ୍ୟ ଏତେ ଶକ୍ତିଶାଳୀ ଯେ ଆମ ସମସ୍ତଙ୍କୁ ତାହା ଏକ କର୍ତ୍ତବ୍ୟ ପାଳନ କରିବାକୁ ପ୍ରେରଣା ଦେଉଛି । ଭଗବତ୍‌ଦତ୍ତ କର୍ତ୍ତବ୍ୟ ପାଳନରେ ଭାରତବାସୀ ଯେଉଁ ଅବହେଳା ଦେଖାଇ ଆସିଛନ୍ତି, ଏହା ଆମ୍ଭମାନଙ୍କୁ ସେ ବିଷୟରେ ଚେତାଇ ଦେଉଛି ।

### ସ୍ୱତନ୍ତ୍ର ଜାତି ନୁହନ୍ତି


ବିଗତ ହଜାର ହଜାର ବର୍ଷ ମଧ୍ୟରେ ଏଠାରେ ବିଭିନ୍ନ ସଭ୍ୟତା ବିକାଶଲାଭ କରି କାଳକ୍ରମେ ନାନାପ୍ରକାର ଚିହ୍ନ ରଖାଯାଇଅଛି । ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠାରେ କି ସଭ୍ୟତାର ବିଭିନ୍ନ ସ୍ତର ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ବର୍ତ୍ତମାନ ସୁଦ୍ଧା ସୁସ୍ପଷ୍ଟ ଏବଂ ସବୁ ଐତିହାସିକ ଓ ନୃତତ୍ତ୍ୱବିତ୍‌ମାନଙ୍କର ଗବେଷଣାର ବିଷୟ ହୋଇ ରହିଛି । ଭାରତର ବହୁ ଅଂଶରେ ପ୍ରାକ୍-ଆର୍ଯ୍ୟ ସଭ୍ୟତା ଓ ଆର୍ଯ୍ୟ ସଭ୍ୟତାର ମିଶ୍ରଣ ଏପରି ଭାବରେ ସମ୍ପୂର୍ଣ୍ଣ ହୋଇଯାଇଛି ଯେ କାହାର ସ୍ୱତନ୍ତ୍ର ସତ୍ତା ବର୍ତ୍ତମାନ ବାରିହେବ ନାହିଁ । କିନ୍ତୁ ଓଡ଼ିଶାରେ ଏହି ମିଶ୍ରଣ-ପ୍ରକ୍ରିୟାର ଚିହ୍ନ ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଏଥିରୁ ନିଃସନ୍ଦେହରେ ପ୍ରମାଣିତ ହୁଏ ଯେ ତଥାକଥିତ ଆଦିମ ସଭ୍ୟତା ଏବଂ ଅଧିକତର ଅଗ୍ରଗାମୀ ସଭ୍ୟତା (ବା ଅନ୍ୟ ଯେଉଁ ନାମରେ ତାହା କଥିତ ହେଉଥାଉ



୨୯ । ୪ । ୫୭ ତାରିଖ ଦିନ କୋରାପୁଟ ଜିଲାରେ ଅନୁଷ୍ଠିତ ନିଖିଳ ଭାରତ ଆଦିବାସୀ ଓ ଗ୍ରାମମଙ୍ଗଳ ସମ୍ମିଳନୀର ଚତୁର୍ଥ ଅଧିବେଶନରେ କେନ୍ଦ୍ର ସରକାରଙ୍କର ଘରୋଇ ମନ୍ତ୍ରୀ ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ଥ ଭାଷଣ ଦେଉଛନ୍ତି



ଉକ୍ତ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଅଭ୍ୟର୍ଥନା ସମିତିର ସଭାପତି ଭାବରେ ତାଙ୍କର ଭାଷଣ ଦେଉଛନ୍ତି



କୋରାପୁଟରେ ଅନୁଷ୍ଠିତ ନିଖିଳ ଭାରତ ଚତୁର୍ଥ ଆଦିବାସୀ ଓ ଗ୍ରାମମଙ୍ଗଳ ସମ୍ମିଳନୀ ଉପଲକ୍ଷେ ହୋଇଥିବା ପ୍ରଦର୍ଶନୀରେ
ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗଦ୍ୱାରା ପରିଚାଳିତ ଷ୍ଟଲ୍‌କୁ
ମଧ୍ୟପ୍ରଦେଶର ଆଦିବାସୀ ଗ୍ରାମମଙ୍ଗଳ ବିଭାଗର ମନ୍ତ୍ରୀ ରାଜା ନରେଶ ଚନ୍ଦ୍ର ସିଂହ ପରିଦର୍ଶନ କରୁଅଛନ୍ତି

ପଛରେ) ଦୁଇଟି ସ୍ୱତନ୍ତ୍ର ଜାତି ନୁହନ୍ତି । ବସ୍ତୁତଃ ଗୋଟିଏ ଅପରଟିର କ୍ରମବିକାଶ ମାତ୍ର । ଆଜିକାଲି ଆଦିମ ଲୋକମାନଙ୍କ ମଧ୍ୟରେ ଯେଉଁସବୁ ଲୋକାଚାର ଓ ରୀତିନୀତି ଅମାର୍ଜିତ ଅବସ୍ଥାରେ ଦେଖାଯାଏ, ସେ ସବୁ ଅଧିକତର ମାର୍ଜିତ ଆକାରରେ ପ୍ରାୟ ସେହି ପରିମାଣରେ ନିଜକୁ ଆଦିମ ଲୋକଙ୍କଠାରୁ ସ୍ୱତନ୍ତ୍ର ବିଚାରୁଥିବା ଅନ୍ୟ ଲୋକଙ୍କ ମଧ୍ୟରେ ବି ଦେଖାଯାଏ । ଯେଉଁ ଜାତି ଓ ଗୋଷ୍ଠୀକୁ ବର୍ତ୍ତମାନ ଆଦିମ ନାମ ଦିଆଯାଉଛି, ସେଥିରୁ ଓଡ଼ିଶାର ଅନେକ ସମ୍ଭ୍ରାନ୍ତ ଓ ପ୍ରାଚୀନ ବଂଶର ଉତ୍ପତ୍ତି ହୋଇଥିଲା ବୋଲି ଜଣାପଡ଼େ । କାଳକ୍ରମେ ଯେତେବେଳେ ଏହି ବିରାଟ ଦେଶରେ ସଭ୍ୟତାର କାର୍ଯ୍ୟ ଧାରାବାହିକ ଭାବରେ ଓ ଅସମଭାବରେ ଚାଲିଆସିଛି ଏବଂ ଯେତେବେଳେ ଏକ ସଭ୍ୟତା ସଙ୍ଗେ ଅନ୍ୟ ସଭ୍ୟତାର ସଂଘର୍ଷ ଘଟିଛି, ସେତେବେଳେ ଶ୍ରେଣୀ ଶ୍ରେଣୀ ଭିତରେ ବିରାଟ ବିଭେଦ ସୃଷ୍ଟି ହୋଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଅଳ୍ପ ଐତିହାସିକମାନେ ସାଧାରଣଙ୍କ ମନରେ ଗୋଟିଏ ବିଶ୍ୱାସ ଜନ୍ମାଇ ପାରିଛନ୍ତି ଯେ ଏହି ଶ୍ରେଣୀମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ପୃଥକ୍ ଏବଂ ଏଥିରୁ ଗୋଟିକୁ ଆଦିମ ବା ଅନାର୍ଯ୍ୟ ବୋଲି କୁହାଯିବା ଉଚିତ । ମୋ ମତରେ ଏହା ସମ୍ପୂର୍ଣ୍ଣ ଭୁଲ ଏବଂ ଏହା ଏହି ଦେଶର ଉନ୍ନୟନରେ ବହୁତ କିଛି କ୍ଷତି ଘଟାଇଛି ।

ସୌଭାଗ୍ୟର ବିଷୟ ଯେ ବିଖ୍ୟାତ ଐତିହାସିକ ଓ ନୃତତ୍ତ୍ୱବିତ୍‌ମାନେ ଭାରତ ଏବଂ ଭାରତୀୟ ଅଧିବାସୀଙ୍କର ଇତିହାସ ଯେତେ ବେଶି ବେଶି ଆଲୋଡ଼ନ କରୁଛନ୍ତି, ସେତେ ପୂର୍ବର ସେହି ଅନାର୍ଯ୍ୟ ଓ ଆର୍ଯ୍ୟ ଭେଦଭାବ ବିଦୂରିତ ହେଉଅଛି । ପ୍ରକୃତରେ ଆମେ ସମସ୍ତେ ଆଦିମ ଜାତି ଏବଂ ଆଜି ଆମ ଭିତରୁ ଯେଉଁମାନଙ୍କୁ ଅଧିକ ଉନ୍ନତ ବୋଲି ବିଚାର କରାଯାଏ, ସେମାନେ ପ୍ରକୃତରେ କମ୍ ଉନ୍ନତ ଓ ଆଦିମ ବୋଲି କଥିତ ଜାତିମାନଙ୍କ ବଂଶଧର । ବଂଶ ଭିତରୁ ଜଣେ ଶିକ୍ଷିତ ପୁଅ ତାର ଅଶିକ୍ଷିତ ଗାଉଁଲି ବାପକୁ ଘୃଣା କରିବା କିମ୍ବା ଅନୁଗ୍ରହ ବା ସହାନୁଭୂତି ଦେଖାଇବା ଅନୁଚିତ । ସେହିପରି ଆମ୍ଭମାନଙ୍କ ପକ୍ଷରେ ଆମର ନିଜ ଆତ୍ମୀୟ ଏହି ଆଦିମ ଗୋଷ୍ଠୀଙ୍କୁ ଘୃଣା ବା ତାଚ୍ଛଲ୍ୟ ଭାବ ଦେଖାଇବା ଅନୁଚିତ । କାରଣ ଆମେ ଯେଉଁମାନେ ଉନ୍ନତ ଅବସ୍ଥାରେ ଥାଇଁ, ସେମାନେ ଯେ ନିଜ ଯୋଗ୍ୟତାଯୋଗୁଁ ସେପରି ଅବସ୍ଥାକୁ ଆସିଛନ୍ତି ତାହା ନୁହେଁ—ନାନା ଘଟଣାଯୋଗୁଁ ସେମାନେ ସେପରି ହୋଇ ପାରିଛନ୍ତି । ଆମେ ସମସ୍ତେ ଏକ ଓ ଅଭିନ୍ନ । ତେଣୁ ଆମ ସମସ୍ତଙ୍କୁ ଉନ୍ନତିର ସମାନ ସ୍ତର ଏବଂ ପ୍ରକୃତ ସଭ୍ୟତାର ସମାନ ପଥକୁ ଆଣିବାପାଇଁ ଚେଷ୍ଟା କରିବା ଆମ ସମସ୍ତଙ୍କର ଅବଶ୍ୟ କର୍ତ୍ତବ୍ୟ । ଏହାହିଁ ଅଶୋକଙ୍କର ନିର୍ଦ୍ଦେଶ ଥିଲା ।

## ଅନୁଗ୍ରହର ଆଭିମୁଖ୍ୟ କ୍ଷତିକାରକ

ତଥାକଥିତ ଆଦିମ ଅଧିବାସୀଙ୍କ ମନୋଭାବ ଅଧ୍ୟୟନ କରିବାପାଇଁ ମୁଁ ଚେଷ୍ଟା କରିଅଛି । ସେମାନଙ୍କର ଇତିହାସ ଗବେଷଣା କଲାବେଳେ ସେମାନଙ୍କ ମନୋବିଜ୍ଞାନ ଜାଣିବାପାଇଁ ମୁଁ ସେମାନଙ୍କ ମଧ୍ୟରେ ସମୟେ ସମୟେ ବାସ କରିଅଛି । ଆମେ ଯେଉଁମାନଙ୍କୁ ଆଦିବାସୀ କହୁଁ, ସେମାନେ ଅତ୍ୟନ୍ତ ଆତ୍ମାଭିମାନୀ । ଆମର ପୂର୍ବପୁରୁଷମାନେ ଅନ୍ୟମାନଙ୍କ ବିରୁଦ୍ଧରେ ଯେଉଁସବୁ ଲଢ଼େଇ କରିଥିଲେ, ସେଥିରେ ଇତିହାସ ପଢ଼ିଲାବେଳେ ଆମେ ଯେପରି ଗର୍ବ ଅନୁଭବ କରୁଁ, ସେମାନେ ମଧ୍ୟ ଠିକ୍ ସେମିତି ତାଙ୍କ ପୂର୍ବପୁରୁଷଙ୍କ ଯୁଦ୍ଧବିଗ୍ରହରେ ଗର୍ବ ଅନୁଭବ କରିଥାନ୍ତି । ଆମେ ଯେମିତି ତାଙ୍କପ୍ରତି ଘୃଣା ତାଚ୍ଛଲ୍ୟ ପ୍ରକାଶ କରୁ, ସେମାନେ ମଧ୍ୟ ଆମପ୍ରତି ଠିକ୍ ସେଭଳି ମନୋଭାବ ପୋଷଣ କରନ୍ତି । ଆମେ ଯେ ସେମାନଙ୍କୁ ଅନୁଗ୍ରହ ଦେଖାଇବା ପରି ବ୍ୟବହାର କରୁଁ, ସେକଥା ସେମାନେ ପସନ୍ଦ କରନ୍ତି ନାହିଁ । ଏଥିରେ ସେମାନଙ୍କର ଆତ୍ମାଭିମାନ କ୍ଷୁର୍ଣ୍ଣ ହୁଏ । ସେମାନେ ଦୁର୍ବଳ ଏବଂ ଅସହାୟ । ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ସେମାନେ

ଯେଉଁ ଦିନୁ ବନଭିତରକୁ ବାଧ୍ୟ ହୋଇ ଯାଇଅଛନ୍ତି, ସେହିଦିନଠାରୁ ପୁରୁଷ ପୁରୁଷ ଧରି ତାଙ୍କ ମନରେ ପରାଜୟର ଗ୍ଲାନି ରହି ଆସିଅଛି । ସେମାନଙ୍କର ଧର୍ମାନୁଯାୟୀ ବହୁକାଳ ଧରି ସେମାନେ ଯେଉଁ ଭୂମିବାଡ଼ି ଓ କ୍ଷମତା ଉପଭୋଗ କରି ଆସିଥିଲେ, ସେଥିରୁ ଅନ୍ୟମାନେ ତାଙ୍କୁ ବଞ୍ଚିତ କରିଛନ୍ତି, ତେଣୁ ଅନ୍ୟମାନଙ୍କ ଉପରେ ପ୍ରତିଶୋଧ ନେବାର ସ୍ପୃହା ତାଙ୍କର ଅଛି । ସେମାନଙ୍କର ଏହି ମନୋବୃତ୍ତିକୁ ବାଦ୍ ଦେଲେ ବି ଦେଶର ଅନ୍ୟ ଲୋକମାନେ ଯେଉଁ ସବୁ ରାଜନୀତିକ ଅଧିକାର ଉପଭୋଗ କରୁଛନ୍ତି, ସେମାନେ ମଧ୍ୟ ଆଜି ସେହି କ୍ଷମତାର ଅଧିକାରୀ । ଏହି କ୍ଷମତାକୁ ସେମାନେ ଖୁବ୍ ଚତୁରତାର ସହିତ ଓ ଦୀର୍ଘକାଳର ଧାରଣା ମୁତାବକ କାର୍ଯ୍ୟରେ ଲଗାଉଛନ୍ତି । ଏ ଧାରଣା ସମ୍ପର୍କରେ ପ୍ରଶ୍ନ କରିବାର କାହାରି ଅଧିକାର ନାହିଁ ।

ଅଶୋକ ଯେପରି ଭାବରେ ଆମ୍ଭମାନଙ୍କୁ ନିର୍ଦ୍ଦେଶ ଦେଇଯାଇଛନ୍ତି, ସେହିଭାବରେ ସେମାନଙ୍କୁ ପ୍ରକୃତ ସଭ୍ୟତାର ବାଟକୁ ଆଣିବାପାଇଁ କାମ ଆରମ୍ଭ କଲାବେଳେ ଆମ୍ଭମାନଙ୍କୁ ଏ ସବୁ କଥା ମନେ ରଖିବାକୁ ହେବ । ଏ କାମରେ ଅନୁଗ୍ରହ ଦେଖାଇବା ମନୋବୃତ୍ତି ପାଇଁ କୌଣସି ସ୍ଥାନ ନାହିଁ । ଯଦି ଅନୁଗ୍ରହ ଦେଖାଇବା ମନୋବୃତ୍ତିରେ ଉକ୍ତ କାର୍ଯ୍ୟ କରାଯାଏ, ତେବେ ଏ କାମ ଫଳପ୍ରଦ ହେବ ନାହିଁ । ବସ୍ତୁତଃ ନିର୍ମଳ ସେବାଭାବରେ ଏହା କରାଯିବା ଦରକାର । ଆମ ଗୋଷ୍ଠୀକୁ ଯେଉଁସବୁ ବିଷୟମାନ ହାନିକର ବା ଅରୁଚିକର ବୋଧହୁଏ, ଆଦିବାସୀଙ୍କ ପକ୍ଷେ ସେଗୁଡ଼ିକ ସେହିପରି ଜଣା ପଡୁଥିବ ବୋଲି ଆମେ ଧରିନେବା ଉଚିତ । ଆମେ ବା ଆମ ଗୋଷ୍ଠୀ ଯେଉଁ କାର୍ଯ୍ୟ କରନ୍ତି ନାହିଁ ବା କରିବାକୁ ଅପମାନଜନକ ମନେ କରନ୍ତି, ସେପରି କାର୍ଯ୍ୟ କରିବାକୁ ତାଙ୍କୁ କହିଲେ ସେମାନଙ୍କୁ ଏହା ବଡ଼ ବାଧେ ।

ଆଦିବାସୀର ମନ ଭୟାତୁର ଏବଂ ସଭ୍ୟତାର ବୃଦ୍ଧି ସଙ୍ଗେ ସଙ୍ଗେ ଭୟ ହିଁ ତାହାର ମନକୁ ଆଚ୍ଛନ୍ନ କରି ରଖିଅଛି । ଅନ୍ୟ ଯେଉଁମାନଙ୍କ ସଙ୍ଗେ ସେମାନେ ପ୍ରତିଯୋଗିତାରେ ତିଷ୍ଠି ପାରିନାହାନ୍ତି, ସେମାନଙ୍କଠାରୁ ଦୂରକୁ ପଳାଇଯିବା ତାଙ୍କର ମାନସିକ ଲକ୍ଷଣ । ସେମାନଙ୍କର ଏହି ମନୋବୃତ୍ତିରୁ ଫାଇଦା ଉଠାଇବା ଅନୁଚିତ । ସେମାନଙ୍କର ଭୟ ଦୂର କରିବାକୁ ହେବ ଏବଂ ତାଙ୍କର ଅଲଗା ରହିବା ମନୋଭାବକୁ ବଦଳାଇବାକୁ ହେବ । ଯେତେବେଳେ ଆମ୍ଭେମାନେ ସେମାନଙ୍କୁ ଆମର ନିକଟ ସମ୍ପର୍କୀୟ ବୋଲି ମନେ କରିବା ଏବଂ ଶିକ୍ଷିତ ପୁଅ ତାର ଅଶିକ୍ଷିତ ଗାଉଁଲି ବାପପ୍ରତି ବ୍ୟବହାର କଲାଭଳି ସେମାନଙ୍କ ପ୍ରତି ବ୍ୟବହାର କରିବା, ସେତେବେଳେ ଯାଇଁ ଏ କଥା ସମ୍ଭବ ହୋଇ ପାରିବ ।

ଏହି ଦୃଷ୍ଟିରୁ ମୋର ଦୃଢ଼ ମତ ଯେ ଏହି ଯେଉଁ ଅଞ୍ଚଳକୁ ସେମାନେ ବାଧ୍ୟ ହୋଇ ଆସିଛନ୍ତି ଏବଂ ଯେଉଁଠାରେ ବାସ କରୁଛନ୍ତି, ସେଠାକୁ ରାସ୍ତାଘାଟ ପକାଯିବା ଏବଂ ସେଠାରେ ଆଧୁନିକ ଶିକ୍ଷାର ପ୍ରସାର କରାଯିବା ଉଚିତ । ସମାଜ ଉପରେ ଆଧୁନିକ ଶିକ୍ଷାର ଏକ ସମତା ଆଣିବାର ପ୍ରଭାବ ଅଛି । ତେଣୁ ଆଦିବାସୀମାନଙ୍କର ଉନ୍ନତି ପାଇଁ ଯେକୌଣସି ଉନ୍ନୟନ ଯୋଜନା କଲାବେଳେ ଶିକ୍ଷା ବିସ୍ତାରକୁ ପ୍ରଥମ ସ୍ଥାନ ଦେବା ଦରକାର । ଆଦିବାସୀମାନଙ୍କପାଇଁ ଏକ ସ୍ୱତନ୍ତ୍ର ପ୍ରକାର ସମାଜର ପରିକଳ୍ପନା କେବଳ ଯେ ଭାରତର ଏକତାପକ୍ଷେ କ୍ଷତିକାରକ ତା ନୁହେଁ, ଆଦିବାସୀମାନେ ମଧ୍ୟ ଏହାକୁ ଅବିଶ୍ୱାସ-ଚକ୍ଷୁରେ ଦେଖନ୍ତି । ଅବଶ୍ୟ ସେମାନେ ତାଙ୍କର ଏହି ଭାବକୁ ଭାଷାରେ ପ୍ରକାଶ କରିବାକୁ କ୍ଷମ ହୋଇ ନାହାନ୍ତି ।

## ଓଡ଼ିଶାରେ ଆଦିବାସୀ ଉନ୍ନୟନ କାର୍ଯ୍ୟ

ପ୍ରାୟ ଗତ ଦଶ ବର୍ଷ ହେଲା ଏହି ଓଡ଼ିଶା ରାଜ୍ୟରେ ଆଦିବାସୀମାନଙ୍କ ଉନ୍ନୟନ କାର୍ଯ୍ୟକୁ ପ୍ରଥମ ସ୍ଥାନ ଦିଆଯାଇଅଛି । ଆମେ ଏ କାର୍ଯ୍ୟରେ କେତେ

ଦୂର ସଫଳ ହୋଇଛୁଁ, ତାହା ମୁଁ କହି ପାରୁନାହିଁ। କିନ୍ତୁ ଆମ୍ଭେମାନେ ସମାଜର ଯେଉଁ ସ୍ତରରେ ଅଛୁ ଆଦିବାସୀ ସଂପ୍ରଦାୟଙ୍କୁ ସେହି ସ୍ତରକୁ ଆଣିବାର ଆବଶ୍ୟକତା ଯେ ଅତି ଜରୁରୀ, ସେଥିପ୍ରତି ସାରା ସମାଜର ଦୃଷ୍ଟି କେନ୍ଦ୍ରୀଭୂତ କରିବାରେ ଆମେ କୃତକାର୍ଯ୍ୟ ହୋଇଛୁ। ଶ୍ରୀ ଶ୍ରୀକାନ୍ତ ୧୯୪୭ ମସିହାଠାରୁ ଓଡ଼ିଶାର ଆଦିବାସୀ ଉନ୍ନୟନ କାର୍ଯ୍ୟ ସହ ସଂପୃକ୍ତ ଅଛନ୍ତି। ସେତେବେଳେ ସେ ବର୍ତ୍ତମାନ ପରି କମିସନର ନ ଥିଲେ। ତେତେବେଳେ ମୁଖ୍ୟମନ୍ତ୍ରୀ ଭାବରେ ମୁଁ ଆଦିବାସୀମାନଙ୍କ ମଧ୍ୟରେ ଉନ୍ନୟନ କାର୍ଯ୍ୟପାଇଁ ଏକ ଯୋଜନା ପ୍ରଣୟନରେ ତାଙ୍କର ସାହାଯ୍ୟ ଲୋଡ଼ିଥିଲି ଏବଂ ଦୟାପୂର୍ବକ ସେ ତାହା କରିଥିଲେ। ତେତେବେଳେ ଆଦିବାସୀ ଅଞ୍ଚଳରେ କାମ କରିବାପାଇଁ ସେ ଆମ୍ଭମାନଙ୍କୁ କର୍ମୀ ଓ ଉପଦେଶ ଦେଇ ସାହାଯ୍ୟ କରିଥିଲେ। ଆଜି ଓଡ଼ିଶାରେ ଏ ଦିଗରେ ଯାହା କିଛି ହେଉଛି, ସେ ସବୁର ମୂଳଭିତ୍ତି ହେଉଛି ମୁଖ୍ୟତଃ ୧୯୪୭ରେ ସେ କରିଥିବା ପରିକଳ୍ପନା।

ଆମର ସମ୍ବିଧାନ ଅନୁସାରେ ଆଦିବାସୀମାନଙ୍କ କଲ୍ୟାଣ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପ୍ରଥମ ଦାୟିତ୍ୱ। ଆଜି ଆମ୍ଭମାନଙ୍କୁ ପଥପ୍ରଦର୍ଶନ ଓ ପ୍ରୋତ୍ସାହିତ କରିବାପାଇଁ ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ଥଙ୍କୁ ଆମେ ଯେ ଆମ୍ଭମାନଙ୍କ ମଧ୍ୟରେ ପାଇଥାଇଁ, ଏହାକୁ ମୁଁ ଏକ ସୁବର୍ଣ୍ଣସୁଯୋଗ ବୋଲି ମନେ କରୁଛି। ସେ ଯେ କେବଳ ଭାରତର ଘରୋଇ ମନ୍ତ୍ରୀ ତାହା ନୁହେଁ, ସେ ଜଣେ ତୁଙ୍ଗ ନେତା।

ଭାରତ ଯୁବସମାଜର ସେବାର ପ୍ରତୀକ ଶ୍ରୀ ଧେବର ଭାଇ ମଧ୍ୟ ସୌଭାଗ୍ୟକ୍ରମେ ଆମର କାର୍ଯ୍ୟରେ ପ୍ରେରଣା ଓ ସାହାଯ୍ୟ ଦେବାପାଇଁ ଆଜି ଏଠାରେ ଅଛନ୍ତି।

ମୁଁ ନିଶ୍ଚିତ ଯେ ଆଜି ଏଠାରେ ଯେଉଁ ସମ୍ମିଳନୀ ଅନୁଷ୍ଠିତ ହେଉଛି, ତାହା ରାଜ୍ୟର ଆଦିମ ସମ୍ପ୍ରଦାୟର ଉନ୍ନୟନ ଇତିହାସରେ ଗୋଟିଏ ଉଲ୍ଲେଖଯୋଗ୍ୟ ଘଟଣା ହୋଇ ରହିବ। ଭାରତୀୟ ଆଦିମ ଜାତି ସେବକ ସଂଘ ଏକ ବିରାଟ ଅନୁଷ୍ଠାନ ଏବଂ ଭାରତରେ ଯେଉଁମାନଙ୍କର ମତର ମୂଲ୍ୟ ଅଛି, ସେମାନେ ଏହାକୁ ସମର୍ଥନ କରନ୍ତି। ଏହି ବିରାଟ ଅନୁଷ୍ଠାନର ଆନୁକୂଲ୍ୟରେ ଅଶୋକଙ୍କର ବାଣୀ କାର୍ଯ୍ୟକାରୀ ହେବା ବିଧିନିର୍ଦ୍ଦିଷ୍ଟ।

ଏହି ସମ୍ମିଳନୀକୁ ସର୍ବାଙ୍ଗସୁନ୍ଦର କରିବାପାଇଁ ଓଡ଼ିଶା ସରକାର ଯେତେଦୂର ଯାହା କରିବାର, କରିଛନ୍ତି। କେବଳ ଯେ ଏଥିପାଇଁ ସେମାନେ ଅର୍ଥ ଦେଇଛନ୍ତି ତାହା ନୁହେଁ; କିନ୍ତୁ ସମଗ୍ର ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗଟିକୁ ଏହି ସମ୍ମିଳନୀ ଅଧୀନରେ ରଖି ଦିଆଯାଇଅଛି। କୋରାପୁଟ ଜିଲ୍ଲାର ଏବଂ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ଯେଉଁ କର୍ମଚାରୀମାନେ ଏହି ସମ୍ମିଳନୀକୁ ସାଫଲ୍ୟମଣ୍ଡିତ କରିବାପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଛନ୍ତି, ସେମାନଙ୍କୁ ଏହି ସୁଯୋଗରେ ମୁଁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଅଛି।

ଏହାର ସାଫଲ୍ୟ ପାଇଁ ଯେଉଁ ସ୍ୱେଚ୍ଛାସେବକ ଓ ବେସରକାରୀ ନେତାମାନେ କଷ୍ଟଭୋଗ କରିବାରେ କୁଣ୍ଠିତ ହୋଇ ନାହାନ୍ତି, ସେମାନଙ୍କୁ ମଧ୍ୟ ମୁଁ ଧନ୍ୟବାଦ ଜଣାଉଛି।

# ଗୋଟିଏ ଜୁଆଙ୍ଗ ଯୁବକର ବଭାଘର

## ଅଜିତ ରାୟ

ବୋଧହୁଏ ଏହି ଜୁଆଙ୍ଗ ଯୁବକଟିର କପରି ଭାବରେ ବିବାହ ହେଲା, ତାହା ପ୍ରଶ୍ନୋତ୍ତର ଭାବରେ ଦେଲେ ଖୁବ ସୁନ୍ଦର ହେବ । ମୁଁ ଯୁବକଟିର ପିତାଙ୍କୁ ପ୍ରଶ୍ନ ପଚାରୁଛି, ସେ ମୋତେ ଉତ୍ତର ଦେଉଅଛନ୍ତି ।

୧ । ପ୍ରଶ୍ନ—ତୁମର ପୁଅର ବିବାହ କପରି ହେଲା, ମୋତେ କହିବ କି ?

ଉତ୍ତର—ମୁଁ ଆଗରୁ ଗୋଟିଏ ଗାଁରେ ଗୋଟିଏ ଝିଅର ଖବର ପାଇଥିଲି । ଦିନେ ତାକୁ ଦେଖିବାକୁ ଗଲି । ଦେଖିଲି, ଝିଅର କପାଳଟି ଭିତରକୁ ପଶି-ଯାଇଛି ଏବଂ ଝିଅଟି ଖୁବ ଡେଙ୍ଗା ଏବଂ ତାର ଗୋଟିଏ ଆଖି ଛୋଟ । ଏ ସବୁ ଭଲ ଚିହ୍ନ ନୁହେଁ । କାରଣ ଝିଅଟି ଡେଙ୍ଗା ହେଲେ ରାକ୍ଷସୀ ପରି ଆଚରଣ କରିବ ଏବଂ ମୂଷା ଓ ବିଲେଇ ପରି ସବୁବେଳେ ଖାଇବାକୁ କହିବ । ତେଣୁ ମୋ ମନକୁ ପସନ୍ଦ ନ ହେବାରୁ ମୁଁ ଫେରି ଆସିଲି ।

୨ । ପ୍ରଶ୍ନ—ତା ପରେ ତୁମେ ଆଉ କଣ କଲ ?

ଉତ୍ତର—ମୁଁ ଆଉ ଗୋଟିଏ ଜାଗାରୁ ଗୋଟିଏ ଝିଅର ସନ୍ଧାନ ପାଇଲି । ସେଠାକୁ ଯିବାପୂର୍ବରୁ ଆମ ଜାତିପ୍ରଥା ଅନୁସାରେ ଝିଅ ଓ ପୁଅ ସୁଖିବେ କି ନାହିଁ, ତାହା ଜାଣିବା ପାଇଁ କିଛି କରିବାକୁ ହୁଏ । ଗୋଟିଏ ଜାଗାରେ ୭ଠି ୩ଟି ଲେଖାଏଁ ଗୁଣ୍ଡୁଳ (ଦୁଇଟି ଗୁଣ୍ଡୁଳ ଉପରେ ଗୋଟିଏ ଗୁଣ୍ଡୁଳ ଏପରି ଅଲଗା ଅଲଗା ୭ଠି) ଥୋଇ ଗୋଟିଏ ନୌତିରେ ଘୋଡ଼ାଇ ଦେଲୁ । ୭ଠି ରଖିବାର ଉଦ୍ଦେଶ୍ୟ ନିମ୍ନରେ ଦିଆଗଲା ।

୧ମ—ସ୍ୱାସ୍ଥ୍ୟ ଭଲ ରହିବ କି ନାହିଁ ?
୨ୟ—ବନ୍ଧୁ ଝିଅକୁ ଦେବ କି ନାହିଁ ?
୩ୟ—ରାସ୍ତାଘାଟ ଭଲ ଥିବ କି ନାହିଁ ?
୪ର୍ଥ—ସନ୍ତାନସନ୍ତତି ହେବେ କି ନାହିଁ ?
୫ମ—ଗ୍ରାମ ଥାନୁପତି ଖୁସି ହେବେ କି ନାହିଁ ?
୬ଷ୍ଠ—ଗ୍ରାମଶ୍ରୀ ସନ୍ତୁଷ୍ଟ ହେବେ କି ନାହିଁ ?
୭ମ—ପୁଅ ଓ ଝିଅଙ୍କ ରାଶି ନକ୍ଷତ୍ର ମିଳିବ କି ନାହିଁ ?

ଏହି ଗୁଣ୍ଡୁଳ ସବୁ ରଖିବା ସମୟରେ ଆମ୍ଭେମାନେ ଗାଁର ଶ୍ରୀମହାପାତ୍ର, କଳା ମହାପାତ୍ର, ଧାଟିଆଳ ମହାପାତ୍ର, ଆଳ ମହାପାତ୍ରମାନଙ୍କୁ ସମ୍ବୋଧନ କରି କହିଲୁ—

"ମହାପାତ୍ରେ,
ମୁନ ମିସାନକ ଆପେତେ ଗାଲମ ଆମ ଆଁ ଇଆ
ଶୁଭ ଦେଉଲ ଯାଁଦେ ଠିକଏ ରମସ୍ୱେ ନାଁ ।।

( ହେ ପ୍ରଭୁମାନେ—ଏହି ଯେଉଁ "ପାଞ୍ଚି" ନେଲୁ ବା ଶୁଭ ଦେଲୁ , ଏ ସବୁ ଯେପରି ଠିକ ରହିବ । )

ହାତରେ ମଦ ଧରି କିଛି ଧାନ ତଳେ ରଖି ବାର ଗାଁର ଭାଇମାନେ ମିଳି ଏହା କରିବାକୁ ହୁଏ । ଏହି ସମୟରେ ମୁଁ ଘରେ ୪ଟି ଜାଗାରେ ଭାତ ଢାଳି ଈଶାନ ଘରେ ପିତୃପିତାଙ୍କୁ ଅର୍ପଣ କଲି । ଅର୍ପଣ ବେଳେ କହିଲି, "ଆଇଣ୍ଡାରେ ଶୁଭ ଇଞ୍ଜେରମସ୍ୱେନା (ଆମମାନଙ୍କର ଶୁଭ ହେଉ) ।" ଏହି ପାଞ୍ଚି ଉତ୍ସବରେ ଯୋଗଦାନ କରିବାପାଇଁ ଆଗନ୍ତୁକ ବ୍ୟକ୍ତିମାନଙ୍କୁ ଉତ୍ସବ ପରେ ଖାଇବାକୁ ଦେଇ ତା'ପରେ ସେମାନଙ୍କୁ ବିଦାୟ କରି ଦେଇଥିଲି ।

ତହିଁ ଆରଦିନ ସକାଳୁ ସେ ନୌତିକୁ ଖୋଲି ଦେଖିଲି ଯେ, ଯେଉଁ ଗୁଣ୍ଡୁଳ ଯେଉଁଠି ରଖାଯାଇଥିଲି ଠିକ ସେହି ଅବସ୍ଥାରେ ଥିଲା । ମୋ ସାଙ୍ଗରେ ଆଉ ଦୁଇଜଣ ଲୋକ ମଧ୍ୟ ଥିଲେ ।

୩ । ପ୍ରଶ୍ନ—ତା ହେଲେ କଣ ବିବାହ ସେଠାରେ ଠିକ ହୋଇଗଲା ?

ଉତ୍ତର—ହଁ, ପ୍ରାୟ ଠିକ ହେଲା ବୋଲି କହିବାକୁ ହେବ; କିନ୍ତୁ ତହିଁ ଆରଦିନ ମୋ ଘର ପଡ଼ିଶା ଗାଁର ଦୁଇଜଣ ମାହାଲିଆ (ଦାୟିତ୍ୱବାନ ଲୋକ) ଝିଅର ବାପ ଗାଁକୁ ଗଲେ ।

୪ । ପ୍ରଶ୍ନ—କାହିଁକି ଗଲେ ? ସେଠାରେ ସେମାନେ କଣ କଲେ ?

ଉତ୍ତର—ହଁ, ମୁଁ ଗୋଟି ଗୋଟି କରି ସବୁ କହୁଛି । ଏମାନେ ଯାଇ ଗାଁର ମଜାଙ୍ଗରେ ବସିଲେ । ଦୁହିଁଙ୍କୁ ଦେଖି ଲୋକେ ପଚାରିଲେ, "ମାଣ୍ଡି ବ ଘଇ ?" (କୁଆଡ଼େ ଆସିଛ ?)

ମାହାଲିଆ କହିଲେ, "ଗଡ଼ାଙ୍ଗ ବାନ୍ଧାଇଅ" (ରାସ୍ତା ଭୁଲି କରି ଆସିଛୁ ) ।

ଲୋକେ କହିଲେ, "ଆଡ଼ଆବ ?" (କାହା ପାଖକୁ ଆସିଛ ? ) ।

ମାହାଲିଆ କହିଲେ, "ଦାମୁର ଇଆଁ ରବ" ( ଦାମୁର ଘରକୁ ) ।

ଲୋକେ କହିଲେ, "ଅଇ" ( ଠିକ ଅଛି ) ।

ତା ପରେ ଏହି ମାହାଲିଆମାନେ ଗାଁର ଦୁଇଜଣ ଲୋକଙ୍କୁ ଦାମଘରକୁ ପଠାଇଲେ । ସେମାନେ ଯାଇ ଝିଅର ବାପା ଦାମଙ୍କୁ ଖବର ଦେଲେ ଯେ ଏପରି ଅମୁକ ଗ୍ରାମରୁ ଦୁଇଜଣ ମାହାଲିଆ ଆସିଛନ୍ତି । ସେମାନେ କହିଲେ "ମାହାଲିଆ କ ଡେଙ୍ଗେରେ କ ଆମ୍ଡ଼ାବ ?" (ମାହାଲିଆମାନେ ତୁମ ପାଖକୁ ଆସିଛନ୍ତି ? )

ଦାମ ଏହା ଶୁଣି କହିଲେ, "ମାହାଲିଆ ଡେନଜ ଭଲଇଆନ" (ମାହାଲିଆମାନେ ଆସିଛନ୍ତି ତ ଭଲ) ।

ଏବଂ ଆହୁରି କହିଲେ "ବନ୍ଧୁଝିଅ କ ବନ୍ଧୁପୁଅ ତ ସଂସାର ଲାଗତସେରେ" (ବନ୍ଧୁଝିଅ ବନ୍ଧୁପୁଅ ଦୁନିଆରେ ଲାଗି ରହିଛି) ।

ଗ୍ରାମର ଦୁଇଜଣ ଲୋକ କହିଲେ, "ମିଡ଼ଂଏଁ କ ଦେନାର୍" ? (ଦେବ କି ନାହିଁ ? )

ଝିଅର ବାପ ଉତ୍ତର ଦେଲେ, "ଡଂଙ୍ଗେ ତ" ( ଦେବି ତ ) ।

ଗ୍ରାମର ଲୋକ ଦୁଇଜଣ ତା'ପରେ କହିଲେ "ତମେ ଆଡ଼ପା ଠିକ କବେ ଉଡ଼ ମିଆଁ କ" (ତେବେ ଗୋଟିଏ ଓଲି ପାଇଁ ଭାତ ଡାଲି ଠିକ କରି ରଖ ) ।

ଝିଅର ବାପା କହିଲେ, "ଡାକ ଡାଲଂକ ମେସେନାରେ, ଡାଗ୍ଡ଼େ" (ସେମାନଙ୍କୁ ପାଣି ନେଇ ଦେଇ ଆସ, ସେମାନେ ମୁହଁହାତ ଧୁଆଧୋଇ କରନ୍ତୁ ) ।

ପ୍ରଶ୍ନ—ତା ପରେ କଣ ହେଲା ?

ଉତ୍ତର—ତା ପରେ ସେ ଲୋକ ଦୁଇଜଣ ଫେରି ଆସି ମାହାଲିଆଙ୍କୁ କହିଲେ, "କୁ ନବା କୁଗୁ ଯୁାଡ଼ଂଯୁା" (ଚାଲ ଯିବା ମୁହଁହାତ ଧୋଇ ଆସିବା) ।

ଇତିମଧ୍ୟରେ ମାହାଲିଆମାନେ ଯେଉଁ ଧୂଆଁ ଆଣିଥିଲେ ତାକୁ ମଜାଙ୍ଗରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବାଣ୍ଟିବାକୁ ଲାଗିଲେ । ତା ପରେ ଲୋକ ଦୁଇଟି କହିଲେ, "ଡା ଉଡ଼େପା ମାହାଲିଆକଆଁ" (ମାହାଲିଆମାନେ, ଚାଲ ଖାଇବାକୁ ଯିବା) । ସେମାନେ ଖାଇ ଆସି ସେଦିନ ରାତିରେ ମଜାଙ୍ଗରେ ବିଶ୍ରାମ ନେଲେ । ତା ପର ଦିନ ଗ୍ରାମବାସୀ ଓ ମାହାଲିଆ-ମାନେ ଏକାଠି ବସି କଥାବାର୍ତ୍ତା ହେବାକୁ ଲାଗିଲେ । ମାହାଲିଆମାନେ ଝିଅର ବାପକୁ ପଚାରିଲେ, "ଝିଅ ମିଡ଼ଏଁ ଦେନାର ?" (ଝିଅ ଦେବ କି ନାହିଁ ) ?

ଝିଅର ବାପ କହିଲେ, "ଡଂଙ୍ଗେ" (ଦେବା) ।

ତା ପରେ ମାହାଲିଆମାନେ ଗାଁକୁ ଫେରିଗଲେ । ଯିବା ପୂର୍ବରୁ କେଉଁ ଦିନ ଭୁଜାପୁଡ଼ା ହେବ,ସେ ଦିନଟି ଠିକ କରିଦେଇ ଗଲେ । ସାଧାରଣତଃ ଭୁଜାପୁଡ଼ା କୌଣସି ଏକ ସୋମବାର ଦିନ ଠିକ ହୁଏ । ଏହି ଦିନ ପୁଅଘରୁ କେତେକ ଲୋକ କେତେକ ଜିନିଷପତ୍ର ନେଇ ଝିଅ ଘରେ ପହଞ୍ଚନ୍ତି ।

ଭୁଜା ଓ ଉଖୁଡ଼ା ଏକ ପୌଟି ।

ନଡ଼ିଆ ତିନି ଗୋଟି ।

କଦଳି ଏକ ଫେଣା ।

ଆରିଷା ୨୫ ଗଣ୍ଡା ।
ଦହି ଏକ କୁଡ଼ୁଆ ।
ଲୁଗା ଏକ ଗୋଟି ।

ଏହି ସବୁ ଜିନିଷ ନେଇ ସେ ଦିନ ମୋ ଲୋକମାନେ ଯାଇ ଝିଅଘରେ ପହଞ୍ଚିଲେ । ଖାଇପିଇ ସେ ଦିନ ସେମାନେ ମଜାଙ୍ଗରେ ଶୋଇ ପଡ଼ିଲେ । ତହିଁ ଆର ଦିନ ଝିଅର ବାପ ଗୋଟିଏ ଖାସି କାଟି ଭୋଜି କଲେ । ଅତିଥିମାନଙ୍କୁ ଭଲ ଭାବରେ ଖାଇବାକୁ ପିଇବାକୁ ଦେଲେ । ସେ ଦିନ ସେମାନେ ରହି ତହିଁ ଆରଦିନ ଗ୍ରାମକୁ ଫେରି ଆସିଲେ । ଗାଁରେ ପହଞ୍ଚିବା ମାତ୍ରେ ଲୋକମାନେ ପଚାରିଲେ, "ବିରି ବିରି ଚର୍ଚ୍ଚା କିପ ସେରି ?" ( କି ରକମ ତୁମମାନଙ୍କୁ ଚର୍ଚ୍ଚା କଲେ ? )

ସେମାନେ ଉତ୍ତର ଦେଲେ, "ଆଉ ବିରିତା ମେରମ ମୁଁ ଇଁଠି କିପ ସେରି ।" (ଆଉ କଣ କରିବେ, ଗୋଟିଏ ଖାସି କାଟି ଭୋଜି କରିଥିଲେ । )

ଗାଁର ଲୋକେ ପୁଣି ପଚାରିଲେ, "ସବୁ ଭଲ କିପ୍ ସେରିନ ?" ( ସବୁ ଭଲ ଚର୍ଚ୍ଚା କରିଥିଲେ ? )

ସେମାନେ ଜବାବ ଦେଲେ, "ଭଲ ବନ୍ଧୁ ତ" ।

କିଛି ଦିନ ପରେ ଝିଅର ବାପ ମୋ ଗାଁକୁ ଆସିବା ପାଇଁ ଗୋଟିଏ ଲୋକ ହାତରେ ମୋ ପାଖକୁ ଖବର ପଠାଇଲା । ସେ ଲୋକ ଆସି ମତେ କହିଲା, "ଓ ଭାଇ ! ଆମଡ଼ା ନୂଆ ସମନ୍ଧି ମତେ ମୋୟୂମ ଡେମେନା" ( ଓ ଭାଇ, ତୁମର ନୂଆ ସମନ୍ଧି ପରଦିନ ଆସିବେ । )

ମୁଁ କହିଲି, "ଓଇ" ( ଆଚ୍ଛା ) ।

ନିର୍ଦ୍ଦିଷ୍ଟ ଦିନ ଝିଅର ବାପ ଆସି ମୋ ଗାଁରେ ପହଞ୍ଚିଲେ । ସେ ଯାଇ ମଜାଙ୍ଗରେ ବସିଲେ । ତାଙ୍କୁ ପାଣି, ଧୂଆଁ ପତ୍ର ପ୍ରଭୃତି ନେଇ ଦେଲୁ । ଝିଅର ବାପ ମୋତେ କହିଲେ, "ଭଲ ତ, ଗୃହବାସ କିବାଞ୍ଜି ଚଲେକେ । ନାନ୍‌ତେ ବିତେ ମା-ମିଡ଼ିକେଂ ଦେନା; ହକନାକ୍ ନାନ୍‌ତେ ଝିଅ ମିଡ଼ିଂଙ୍ଗେ—ଆୟୁଁ ମନ୍‌ତେ ପାଇଅ; କିନତ୍ରେ ଭଲ ଠିକନା କିନନ୍ତ୍ର କାମଜାମ ଭଲ କିପ୍‌କେ; ପର ବୁଦ୍ଧିରେ ମେଭୁଲଆନ୍ ଡେର ଭାଇ ।" (ଭାଇ, ସବୁ ଭଲ ତ ? ଘରଦୁଆର ଭଲ । ଗୃହବାସ ତ ଭଲ ଚାଲିଛି । କାହିଁକି ଏଠାରେ ଝିଅ ଦେବୁ ନାହିଁ ? ନିଶ୍ଚୟ ଏଠାରେ ଝିଅ ଦେବୁ । ମୋର ମନ ଏଠାରେ ପାଇଗଲାଣି । ପୁଅ ତ ଭଲ । ସେ ତ ଭଲ କାମ କରୁଛି । ଓ ଭାଇ, ତୁମେ ପରବୁଦ୍ଧିରେ ପଡ଼ିବନି । )

ମୁଁ କହିଲି, "ହକ୍‌ନାକ୍ ନାନ୍‌ତେ ଡିଂଙ୍ଗେ—ପରବୁଦ୍ଧି ଆଇଁଡ଼େ ସବଡ଼େଦେନା" (ମୁଁ ଠିକ ଏଠାରେ ବିଭା ଦେବି—ପରବୁଦ୍ଧି କିଛି କରିପାରିବ ନାହିଁ ) ।

କିଛି ଦିନପରେ ମୁଁ ନିଜେ ସେହିପରି ଝିଅର ବାପଘରକୁ ବୁଲିବାକୁ ଗଲି । ସେଠାରେ ସେ ମୋତେ ଉପଯୁକ୍ତ ସତ୍କାର କଲା । ମୁଁ ଯାଇ ଝିଅର ବାପଘର ଦେଖିଆସିଲି ଓ ଝିଅକୁ ମଧ୍ୟ ଦେଖି ଆସିଲି । ଆମ ଜାତିରେ ଅଛି ଯେ, ବିବାହ ପୂର୍ବରୁ କୌଣସି ପକ୍ୱପକ୍ୱାଣୀ ହେଲେ ଉଭୟେ ଉଭୟଙ୍କ ପାଖକୁ ନିମନ୍ତ୍ରଣ ପଠାନ୍ତି ।

ପ୍ରଶ୍ନ:—ତୁମେ ତ ମୋତେ ଏତେ କଥା କହିଲଣି । ଆଉ ବିବାହ କେବେ ହେବ ?

ଉତ୍ତର:—ହଁ, କହୁଛି । ଗୋଟି ଗୋଟି କରି ମୂଳରୁ ଆମ ବିବାହ ପ୍ରଥା କହିଯାଉଛି ଶୁଣ । ଏହା ଏକ ବୁଧବାର ଦିନ କରିବାକୁ ସ୍ଥିର ହେଲା । ନିର୍ଦ୍ଦିଷ୍ଟ ଦିନ ମୁଁ, ଆମର ମାହାଲିଆ, ଆଉ ଜଣେ ଅବିବାହିତ ଯୁବକ ଓ ଜଣେ ଗ୍ରାମର ଲୋକ ଏବଂ ଦୁଇଜଣ ଭରୁଆ କେତେକ ଜିନିଷପତ୍ର ନେଇ ଝିଅର ବାପଘରକୁ ଗଲୁ । ଏହି ସବୁ ଜିନିଷ ନେଇ ଯାଇଥିଲୁ—

ଚାଉଳ ୨ ପୌଟି
ଜାଇ ୫ ଗୌଣୀ
ଜିରା, ପିଆଜ, ରସୁଣ ଇତ୍ୟାଦି ½ ମାଣ
ହଳଦୀ ୧ ତାଟିଆ
ମଦ ୧ ବୋତଲ
ସୋରିଷ ତେଲ ୧ ଟିନା

ତହିଁ ଆରଦିନ ମୋର ଶଳା ଓ ଗ୍ରାମର ଅନ୍ୟାନ୍ୟ ୩୪ ଜଣ ଲୋକ ଯାଇ ଝିଅର ବାପଘରେ ପହଞ୍ଚିଲେ । କଣ୍ଟାମାଣ୍ଡି ଯେଉଁ ଦିନ ହେବ, ତାହା ଝିଅର ବାପ ଝିଅର ମାମୁଁଙ୍କୁ ଖବର ଦେଇଥାଏ ଓ କହିପଠାଇ ଥାଏ ଯେ ସେ ଯେପରି ଆସି ସେ ଦିନ ପହଞ୍ଚିବ । ମାହାଲିଆମାନେ ଝିଅର ବାପଘର ଗାଁର ଲୋକମାନଙ୍କୁ କହିଲେ ଯେ, "ବା ତା ଭାଇ ରୁଂକୁପ୍‌ତେ ନେତାଙ୍ଗଏ" (ଚାଉଳଗୁଡ଼ିକ ମାଗି ରଖ) । ତା ପରେ ଚାଉଳ ମାପ ହୋଇ ରୋଷେଇ କରାଗଲା । ରନ୍ଧାବଢ଼ା ହୋଇ ସାରିବା ପରେ "ଓ ମାହାଲିଆ ବା ଯୁାନ୍‌ତେ ନକପ୍ କଜେ" (ଓ ମହାଲିଆ, ଆସ ଭାତ ଖାଇବା) । ତା'ପରେ ସମସ୍ତେ ଏକ ସଙ୍ଗେ ବସି ଖାଇଲୁ । ତା'ପରେ ମାହାଲିଆ କହିଲେ, "ମାମୁରୁତେ ଠେଲମିଂ ଡିଂଙ୍ଗପେ ମଦରେ" (ମାମୁଁଙ୍କୁ ଟିକିଏ ମଦ ଦିଅ) । ତା'ପରେ ସମସ୍ତଙ୍କୁ ମଦ ଦିଆଗଲା । ସମସ୍ତେ ଖାଇପିଇ ସାରି ବିଦାହେଲେ ।

ପ୍ରଶ୍ନ:—ବିଭାଘର ପୂର୍ବରୁ ଆଉ କଣ କରିବାର ଅଛି ନା ଏଥର ବିଭାଘର ହେବ ?

ଉତ୍ତର:—ହଁ, କହୁଛି ଶୁଣ । "ଡା ମାହାଲିଆ ଅନାପା ସୋମବାର ଦିନ ତେ ଖାର୍ଥିଗୁହା ହାଭିଙ୍ଗ ଗିଏ" (ସୋମବାର ଦିନ ଗୁଆ ଭାଙ୍ଗିବା ପାଇଁ ମାହାଲିଆମାନେ ଝିଅର ବାପଘରକୁ ଗଲେ) । ସାଙ୍ଗରେ ଗୋଟିଏ ଗୁଆ ଓ ଖଣ୍ଡେ ହଳଦି ନେଇଥିଲେ । ଗୁଆଭଙ୍ଗାବେଳେ କୁହାଯାଏ, "ବା ଗୋସାଇଁଙ୍କ ଗୁଆ ନେଭିଙ୍ଗେନା ଖାର୍ଥି ମେସୋବାଞ୍ଜି ମେଡ଼ିଂରେରେ" (ଓ ଗୋସାଇଁମାନେ ! ଆମ୍ଭେମାନେ ଗୁଆ ଭାଙ୍ଗିବାପାଇଁ ଆସିଛୁ) । ଝିଅର ବାପ କହିଲେ, "ଡିଂରେରେ ସୋମବାର ତେ ମଙ୍ଗନ—ମଙ୍ଗଲବାରତେ ଝିଅ ମନା" (ସୋମବାର ଦିନ ମଙ୍ଗନ—ମଙ୍ଗଲବାରେ ଝିଅଯିବ) । ମାହାଲିଆ ଝିଅର ବାପକୁ କହିଲେ, "ଗୋସାଇଁ କିଆ ଗୁଆରେ ସୋମବାରତେ ବଣ୍ଟରାଇଆନ୍" (ଏହି ଗୁଆକୁ କାଟି କରି ସୋମବାର ଦିନ ସମସ୍ତଙ୍କୁ ଟିକିଏ କରି ଦେଇଦେବ) । "ଗୋସାଇଁଙ୍କ ଆଇଁଆ ସୋମବାରତେ ଗୁଆ ଭଙ୍ଗାଇଆନ୍ ମଙ୍ଗନ ସୋମବାରତେ ହେକଂଅ ଗୋସାଇଁଙ୍କ" (ଏହି ସୋମବାର ଦିନ ଗୁଆ ଭଙ୍ଗାଯାଉଛି—ଅନ୍ୟ ସୋମବାର ଦିନ ମଙ୍ଗନ ହେବ) । ଭଦ୍ରଲୋକମାନେ ଏଥିରେ ସମ୍ମତି ଦେଲେ । ଏହି ଗୁଆ ଯେ କେବଳ ଗ୍ରାମର ଲୋକମାନଙ୍କ ମଧ୍ୟରେ ବଣ୍ଟାଯାଏ, ତାହା ନୁହେଁ—ଅନ୍ୟାନ୍ୟ ଗ୍ରାମରେ ମଧ୍ୟ । ଝିଅର ବାପ ଗ୍ରାମବାସୀଙ୍କୁ କହିଲେ, "ଦୁଚାର ମନିଷ ସାହାଯ୍ୟ ଡିଂଙ୍ଗପେ; ଗୁଆ ଲଗାଏ ମନା କିଆ" (ଦୁଇଚାରି ଜଣ ମନୁଷ୍ୟ ମତେ ସାହାଯ୍ୟ ଦେବେ, ସେମାନେ ଯାଇ ଅନ୍ୟ ଗ୍ରାମରେ ଗୁଆ ବାଣ୍ଟି ଦେଇ ଆସିବେ) । ଗ୍ରାମର ଲୋକେ ନେଇ ବନ୍ଧୁଘର-ମାନଙ୍କରେ ଗୁଆ ଦେଇ ଆସିଲେ । "ଗୋସାଇଁକିଆ, ସମନ୍ଧ ସୋମବାର ତେ ବାହାଘର ଗୁଆ ହାକୁଇଆନ୍" (ଗୋସାଇଁମାନେ, ସମନ୍ଧର ସୋମବାରଦିନ ବାହାଘର ହେଉଛି—ଏହି ଗୁଆ ତୁମମାନଙ୍କୁ ଦିଆଗଲା) ।

( ଏହି ଗୁଆଫୁଟା ପ୍ରଥା ଯେପରି ପୁଅର ତରଫରୁ ଝିଅର ବାପଘରେ ପାଳିତ ହୁଏ, ସେହିପରି ଝିଅର ବାପ ତରଫରୁ ପୁଅର ବାପଘରେ ପାଳିତ ହୁଏ । )

ମଙ୍ଗନ ପୂର୍ବଦିନ ଝିଅଘରେ ଓ ଆମ ଘରେ ଛାମୁଣ୍ଡିଆ ତିଆରି ହେଲା, ବଡ଼ ଚୁଲି ତିଆରି ହେଲା । ଉଭୟ ଜାଗାରେ ଗୋଟିଏ ପୂଜା ପାଳିତ ହୁଏ । ଏହି ପୂଜାରେ ସିନ୍ଦୂର, ମଦ, ୪ଟି ବଳିତା ଓ ଗୋଟିଏ କୁକୁଡ଼ା ଲାଗେ । ଏହି ପୂଜା ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ହୁଏ ଓ ଚତୁପାର୍ଶ୍ୱ ଦେବତାଙ୍କ ସକାଶେ ହୁଏ । "ଡେ଼ ଭାଇ ଝୁରି କୁଠାଇ ରଗେ" (ହାତରେ ଟିକିଏ ଟିକିଏ ମଦ ନେଇ ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ କହି) । ପୂଜାପରେ ସେଦିନ ସମସ୍ତଙ୍କୁ ଭାତ ଓ ମଦ ଦିଆଗଲା ।

## ମଙ୍ଗନ ଦିନ

ସେ ଦିନ ଗୋଟିଏ ଭୋଜି ହେଲା । ଉଭୟ ଜାଗାରେ ପ୍ରାୟ ୧୦ ଗୌଣୀ ଚାଉଳ ଓ ପ୍ରାୟ

୨ ଗୌଣୀ ଜାଇ ରନ୍ଧାଗଲା ଓ ରାତିରେ ଚାଉଳ ୮ ପୌଟି ଓ ଜାଇ ୧୦ ଗୌଣୀ ରନ୍ଧାଗଲା । ଅତିଥି ଓ ଗ୍ରାମବାସୀମାନଙ୍କୁ ଭୂରି-ଭୋଜନ ଦିଆଗଲା । ଯେପରି ଆମଘରେ ଭୋଜଭାତ ହେଲା, ସେପରି ଝିଅଘରେ ମଧ୍ୟ ହେଲା ଓ ଗ୍ରାମବାସୀଙ୍କୁ ଖାଇବାକୁ ଦିଆଗଲା । ରାତିରେ ଆମୋଦପ୍ରମୋଦ ହେଲା ଓ ଚାଙ୍ଗୁ ନାଚ ହେଲା । "କୁ ଭାଇ ଚାଙ୍ଗୁ ନୁବୁଣ" (ଭାଇମାନେ ଚାଙ୍ଗୁ ବଜାଇବ ଯାଅ) । ଅନ୍ୟ ଜଣେ କହେ, "କୁ ଟମକାଇରେ ଚାଙ୍ଗୁରେ" (ଚାଲ ଚାଙ୍ଗୁକୁ ଟିକିଏ ଟାଣି ଦେବା) । "କୁ ନନା" (ଚାଲ) ।

ନାଚ ସଙ୍ଗେ କିଛି ଗୀତ ମଧ୍ୟ ଗାନ କରାଯାଏ । ଗୋଟିଏ ଗୀତ ନିମ୍ନରେ ଉଦ୍ଧୃତ କରାଗଲା:—

"ବନ୍ଧବ ବନ୍ଧଲ ବୋଇଲେ ବନ୍ଧକ ବନ୍ଧଲିରେ
ଏହି ଗରାମର ବନ୍ଧ ଆଇଲ କଲି ମହାପାଟରେ
ସାରି ଲୋ ଶୁଆ ରାମେ ଭଜୁଛି
ଚାରି ଚନ୍ଦ ନୂଆ ସାହି ଟିପ ବାଜୁଛି
ଚରି ଗଲି ବତା ବୋଇଲେ ଚରି ଗଲି ବତା
ଏଇ ଗରାମର ଆଇଲ ଗ୍ରାମ ଥାନପତି ରେ
ସାରି ଲୋ ଶୁଆ ରାମେ ଭଜୁଛି
ଚାରି ଚନ୍ଦ ନୂଆ ସାହି ଟିପ ଝରୁଛି ।"

ଏହିପରି ଭାବରେ ରାତିଟି କଟିଗଲା । ତହିଁ ଆରଦିନ ଭୋଜଭାତ ରନ୍ଧାଗଲା ଓ ସମସ୍ତଙ୍କୁ ଖାଇବାକୁ ଦିଆଗଲା । ଏ ଭୋଜରେ ଚାଉଳ ୮ ପୌଟି, ଜାଇ ୧୦ ଗୌଣୀ ଓ ବାଇଗଣ ଦୁଇ ଗୁଞ୍ଜି ରନ୍ଧାଗଲା । ରାତିରେ ମଧ୍ୟ ଏହି ମାପରେ ଚାଉଳ ଡାଲି ରନ୍ଧାଗଲା ଓ ଖିଆପିଆ ହେଲା । ତହିଁ ଆରଦିନ ଝିଅକୁ ନେଇ ଝିଅର ଭାଇ ଓ ଗ୍ରାମର କେତେକ ଲୋକ ଓ ଗୋଟିଏ ବୁଢ଼ୀ ଆମ ଗାଁକୁ ଆସିଲେ । ସେମାନେ ଆସି ଆମ ଗାଁମୁଣ୍ଡରେ ଅପେକ୍ଷା କଲେ ଏବଂ ଆମ ଘରକୁ ଖବର ଦେଲେ । ପୁଅଝିଅମାନେ ଚାଙ୍ଗୁ ବଜାଇ ବଜାଇ କନ୍ୟାକୁ ଘରକୁ ନେଇ ଆସିଲେ । କନ୍ୟାକୁ ଆଣିଲାବେଳେ କୁହାଯାଏ, "ନାଁ ରେ ଲୋ ଉଲୁ ଉଲୁ ପାଇକ ରହୁତ ଡିଆଉକୁ ସାମିନାକ; କିଛି ଅକଲ କଣ୍ଠା ମା ଆଙ୍ଗାଁ ନା ରେ ଲୋ ଉଲୁ ଉଲୁ ଉଲୁ" (ଯେପରି କୌଣସି ଖରାପ ନ ଘଟେ.........)

ତା ପରେ ଜେଠି କନ୍ୟାକୁ କୋଳ କରି ନେଇ ଆସିଲା । କନ୍ୟାକୁ ଆଣି ଘର ଆଗରେ ଠିଆକଲେ । ଝିଅକୁ ଗୋଟିଏ ଜୁହାଳି ଉପରେ ଠିଆ କରାଇ ତାର ପାଦ ଓ ଦେହ ହଳଦି ପାଣିରେ ଧୋଇଦେଲେ । ତା'ପରେ ତାକୁ ଘର ଭିତରକୁ ନେଇଗଲେ ଓ ନେଇ ତାକୁ ପୁଅର ବାଁ ପଟେ ବସାଇଲେ । ଗ୍ରାମର ଲୋକ ତା'ପରେ କହିଲେ, "ନାଗଂତେ ଡାକପେ ବାହାଘର ନିକବେ" (ନାଗଂକୁ ଡାକ ବିଭାଘର କରିବ) "ଓ ନାଗଂ ଉଆରେ ହଣ୍ଡେ" (ହଇ ଓ ନାଗଂ ଆସ) । ନାଗଂ ଆସି ଗୋଟିଏ ଜାଗାରେ ଶିଆଳି ପତ୍ର ଓ ବେଲପତ୍ର ଉପରେ ଗୋଟିଏ ଖଣ୍ଡି ରଖି ତା ଉପରେ ସିନ୍ଦୂର ଓ କଜ୍ଜଳ ମାରି କିଛି ପୂଜା କଲେ ଏବଂ ଚାରିଟି ଚାଉଳ ରଖିଲେ । ଚାରି ଦେବତାର ଉଦ୍ଦେଶ୍ୟରେ ମନ୍ତ୍ରପାଠ କରାଗଲା । ନାଗଂର ପାଖରେ ପୁଅର ମାମୁଁ ବସିଥିଲା । ସେ ବର ଓ କନ୍ୟା ଉଭୟଙ୍କ ମୁଣ୍ଡରେ ସିନ୍ଦୂର ଲଗାଇଦେଲା । ସେଠାରେ ଯେଉଁ ସ୍ତ୍ରୀ ଲୋକମାନେ ଉପସ୍ଥିତ ଥିଲେ ସେମାନେ କହିଲେ, "ଗାଇସିରି ମହାପାତେ ତୋର ପୁଅଝିଅ ବିବାହ ହେଉଛନ୍ତି···କିଛି ଅକଲ କଣ୍ଠା ବାଜିବ ନାହିଁ । ପାଇକ ରହୁତ ଡିଆକୁଶା ହେବ ମାରେ ଲୋ ଉଲୁ···ଲୁ···ଲୁ···ଲୁ" । ବିବାହର କାର୍ଯ୍ୟ ସିନ୍ଦୂର ଦାନପରେ ପ୍ରାୟ ଶେଷ ହେଲା । ଏହାପରେ ଭଲଭାବରେ ଖିଆପିଆ ହେଲା । ଆମ ତରଫର ଲୋକେ କନ୍ୟା ତରଫର ଲୋକଙ୍କୁ ଜଣାଇଦେଲେ ଯେ କେଉଁ ଦିନ ଚଉଠି ହେବ । ତା ପରେ କନ୍ୟାଘରର ଲୋକମାନେ ସେମାନଙ୍କ ଗାଁକୁ ଫେରି ଗଲେ । କିନ୍ତୁ ଆସିଥିବା ବୁଢ଼ୀ କନ୍ୟା ପାଖରେ ରହିଲା ।

ଚଉଠି ଉତ୍ସବ କନ୍ୟାଘରେ ପାଳିତ ହୁଏ । ସେ ଦିନ ବର ଓ କନ୍ୟା ଉଭୟଙ୍କୁ କନ୍ୟା ଗାଁକୁ ନିଆଗଲା । ଆମ ଘରୁ କେତେକ ଲୋକ ଓ ମାହାଲିଆ ଚାଉଳ ୨ ପୌଟି ଓ ଜାଇ ୫ ଗୌଣୀ, ମଦ ୧ ବୋତଲ ନେଇ କନ୍ୟାଘରଠାରେ ଉପସ୍ଥିତ ହେଲେ । ସେଠାରେ ଖିଆପିଆ ହେଲା । ବର ସେଦିନ ରାତିରେ ମଜାଙ୍ଗରେ ଶୋଇଲା । ତା ସାଙ୍ଗରେ ତା' ଗ୍ରାମର ଲୋକମାନେ ସେଠାରେ ରାତିଟି କଟାଇଲେ । ତହିଁ ଆରଦିନ ବର ଓ କନ୍ୟା ଉଭୟଙ୍କୁ ଆମଘରକୁ ଫେରେଇ ଅଣାଗଲା । ଫେରି ଆସିବାରେ ଗ୍ରାମର ଅନ୍ୟାନ୍ୟ ସ୍ତ୍ରୀମାନେ କନ୍ୟାକୁ ନେଇ ପାଣି ଆଣିବାକୁ ଗଲେ । କନ୍ୟା ଗୋଟିଏ ପାତ୍ରରେ ପାଣି ଆଣିଲା ଓ ସେହି ପାଣିରେ ବର ମୁହଁହାତ ଧୋଇ ଦାନ୍ତ ଘଷିଲା । ପ୍ରାୟ ୫ ଗୌଣୀ ଚାଉଳ ଭାତ ରନ୍ଧାହେଲା ଓ ଗ୍ରାମର ମୁରବିମାନଙ୍କୁ ଚର୍ଚ୍ଚା କରାଗଲା ।

ମୋଟାମୋଟି ଏହିପରି ଭାବରେ ଜୁଆଙ୍ଗମାନେ ବିବାହ ଉତ୍ସବ ପାଳନ କରିଥା'ନ୍ତି । ଚାଉଳ ଓ ଡାଲି ପରିମାଣ ଯାହା ଏହି ଉତ୍ସବରେ ଉଲ୍ଲେଖ କରାଯାଇଛି, ତହିଁରେ ବିଭିନ୍ନ ପରିସ୍ଥିତିରେ ବିଭିନ୍ନ ପରିମାଣ ବ୍ୟବହୃତ ହୁଏ । ଢେଙ୍କାନାଳର ଜୁଆଙ୍ଗମାନଙ୍କ ଉତ୍ସବରେ ବହୁ ହିନ୍ଦୁ ପ୍ରଥା ମିଶ୍ରିତ ହୋଇଛି । ଏହି ମିଶ୍ରଣ ଫଳରେ କେନ୍ଦୁଝରର ଜୁଆଙ୍ଗମାନଙ୍କର ବିବାହ ଉତ୍ସବ ପୁରାତନ ଧରଣର ବୋଲି ଜଣାଯାଏ । କେନ୍ଦୁଝରର ଜୁଆଙ୍ଗମାନେ ଗୁଆପୁଠା ଇତ୍ୟାଦି ପ୍ରଥା ସେମାନଙ୍କର ବିବାହ ଉତ୍ସବରେ ପାଳନ କରନ୍ତି ନାହିଁ । କେତେକ ଜାଗାରେ ଝିଅକୁ ଗହଣା ପ୍ରଭୃତି ଦିଆଯାଏ । ସେପରି କୌଣସି ବିଧିବଦ୍ଧ ଯୌତୁକ ପ୍ରଥା ଏମାନଙ୍କର ବିବାହରେ ନାହିଁ । କିନ୍ତୁ ଅନେକ ପରିମାଣରେ ଚାଉଳ ଡାଲି ଭୋଜିଭାତରେ ଖରଚ କରିବାକୁ ପଡ଼େ ଏବଂ ଜ୍ଞାତି ଓ ଗ୍ରାମବାସୀଙ୍କୁ ଖାଇବାକୁ ଦେବାକୁ ପଡ଼େ ।



# ଆଦିବାସୀ ସମସ୍ୟା

## ବିଦ୍ୟାଧର ସିଂହ ଦେଓ

ଭାରତର ପ୍ରାୟ ଦୁଇ କୋଟି ଆଦିବାସୀଙ୍କର ସର୍ବତୋଭାବେ ଉନ୍ନତି ସାଧନ ସକାଶେ ଗତ ମେ ମାସରେ କୋରାପୁଟଠାରେ ନିଖିଳ ଭାରତ ଆଦିବାସୀ ସମ୍ମିଳନୀର ଏକ ବୃହତ୍ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତ ସରକାରଙ୍କର ପ୍ରତିନିଧି ଓ ପ୍ରଧାନ ପ୍ରଧାନ ଜାତୀୟ ନେତା ତଥା ମୁଖ୍ୟ ଆଦିବାସୀ କର୍ମୀବୃନ୍ଦ ତହିଁରେ ଯୋଗଦାନ କରିଥିଲେ । କୋରାପୁଟର ବିଭିନ୍ନ ଆଦିବାସୀ ପୁରୁଷ ଓ ରମଣୀମାନଙ୍କ ନୃତ୍ୟ, ଗୀତ ଓ ଉତ୍ସବ ମଧ୍ୟରେ ଏଇ ସମ୍ମିଳନୀର ଅଧିବେଶନ ସୁଚାରୁରୂପେ ସମାପ୍ତ ହୋଇ ପାରିଥିଲା ।

ପୂର୍ବ ଓ ପଶ୍ଚିମଘାଟ ମଧ୍ୟବର୍ତ୍ତୀ ଭୂଖଣ୍ଡରେ ସାଧାରଣତଃ ଆଦିବାସୀବହୁଳ ଅଞ୍ଚଳଗୁଡ଼ିକ ଦୃଷ୍ଟ ହୋଇଥାଏ । ବିହାର, ଓଡ଼ିଶା, ଆସାମ, ମଧ୍ୟପ୍ରଦେଶ ଓ ବମ୍ବେ ପ୍ରଦେଶରେ ଆଦିବାସୀ ବେଶି ସଂଖ୍ୟାରେ ବାସ କରିଥାନ୍ତି । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ପ୍ରାୟ ତିରିଶି ଲକ୍ଷ ହୋଇପାରେ । ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀସଂଖ୍ୟା ସର୍ବାପେକ୍ଷା ଅଧିକ । ଆଧୁନିକ ସଭ୍ୟତାର ମାପକାଠିରେ ଆଦିବାସୀଙ୍କର ଆଚାର, ବ୍ୟବହାର, ସଂସ୍କାର ଓ ଦୈନନ୍ଦିନ ଜୀବନ ପ୍ରଣାଳୀକୁ ସମସ୍ତେ ନାପସନ୍ଦ କରିଥାନ୍ତି ଏବଂ ସଭ୍ୟ ଅଣ-ଆଦିବାସୀମାନେ ଏହାଙ୍କ ଦ୍ରୁତ ଉନ୍ନତି ସକାଶେ ଖୁବ ବ୍ୟଗ୍ରତା ପ୍ରକାଶ କରନ୍ତି । ଆମେ ତାଙ୍କର ଆଚାର ବ୍ୟବହାରକୁ ନିନ୍ଦା କରିଥାଉଁ । କିନ୍ତୁ ତାଙ୍କର ପରିବେଷ୍ଟନୀ ଅବସ୍ଥା ପର୍ଯ୍ୟାଲୋଚନା କଲେ ଦେଖାଯାଏ, ତାଙ୍କର ଜୀବନ-ଗତିର ପ୍ରାକୃତିକ ଘଟଣା ଯୋଗୁଁ ସେପରି ବ୍ୟବସ୍ଥା ଘଟିଛି । ସଭ୍ୟ ସମାଜରେ ମଧ୍ୟ ପରିବେଷ୍ଟନୀ ଧରି ଜାତି ଓ ଶ୍ରେଣୀ ମଧ୍ୟରେ ଆଚାର, ବ୍ୟବହାର ଓ ପରିଧାନରେ ତଥା ସଂସ୍କୃତିରେ ବିଭେଦ ଦେଖାଯାଇଥାଏ । ଏହା କେବଳ ପାରିପାର୍ଶ୍ୱିକ ଅବସ୍ଥା ଓ ନିଜ ରୁଚି ଉପରେ ନିର୍ଭର କରିଥାଏ । ତେଣୁ ଆଦିବାସୀମାନଙ୍କ ମଧ୍ୟରେ ଯେଉଁ ସବୁ ରୁଚି ଓ ସ୍ୱଭାବ ପରିଲକ୍ଷିତ ହୁଏ, ତାହା ସେମାନେ ତାଙ୍କର ଅର୍ଥନୈତିକ ସାମାଜିକ ଅବସ୍ଥା-ଦୃଷ୍ଟିରେ ଗ୍ରହଣ କରିବାକୁ ବାଧ୍ୟ ହୋଇଅଛନ୍ତି । ମାଳ ଅଞ୍ଚଳରେ ଆଦିବାସୀ ତଥା ଅଣ-ଆଦିବାସୀ ଲୋକେ ତଳଦେଶର ଲୋକଙ୍କ ତୁଳନାରେ ନିମ୍ନ ଅବସ୍ଥାରେ ରହିବାର ଦେଖାଯାଏ ଏବଂ ଏମାନଙ୍କ ଉପରେ ପ୍ରଯୁଜ୍ୟ ହେଉଥିବା ଆଇନକାନୁନ୍ ସାଧାରଣତଃ ତଳଦେଶର ଲୋକଙ୍କ ଉପରେ ପ୍ରଯୁଜ୍ୟ ଆଇନ୍‌କାନୁନ୍ ଅପେକ୍ଷା ପ୍ରୟୋଗରେ ନ୍ୟୂନ ଅଟେ । ଆଦିମ ଜାତିମାନଙ୍କ ଚାଲିଚଳନ ଓ ସାମାଜିକ ପ୍ରଥାଗୁଡ଼ିକର ଆମର ସାମାଜିକ ପ୍ରଥାଗୁଡ଼ିକ ସଙ୍ଗେ ଅସାମଞ୍ଜସ୍ୟ ଥିଲେହେଁ ସେଗୁଡ଼ିକ ଏକାବେଳେ ମୂଲ୍ୟହୀନ ବୋଲି କହିଦେଲେ ଚଳିବ ନାହିଁ । ତାଙ୍କ ସମାଜରେ ଯେପରି ତନ୍ତ୍ର, ମନ୍ତ୍ର, ଯାଦୁବିଦ୍ୟା ତଥା ଭୂତପ୍ରେତ ଓ ଡାହାଣୀର ବିଶ୍ୱାସ ରହିଛି— ହିନ୍ଦୁ ସମାଜରେ ବିଶେଷତଃ ମଫସଲରେ ଲୋକଙ୍କ ମଧ୍ୟରେ ସେହିପରି ବିଶ୍ୱାସ ପ୍ରଚଳିତ ଅଛି । ଆମ୍ଭର ଖାଦ୍ୟପେୟ, ବେଶଭୂଷା, ବିବାହ ପଦ୍ଧତି, ଆଚାର ଓ ବ୍ୟବହାର ତଥା ସାମାଜିକ ପ୍ରଥାରେ ଅନେକ କୁସଂସ୍କାର ରହିଛି ଏବଂ ଏଗୁଡ଼ିକ ଆଧୁନିକ ଉନ୍ନତ ସମାଜରେ ପରସ୍ପର ଘୋର ବିରୋଧୀ ବୋଇଲେ ଚଳେ । ତଥାକଥିତ ଆଦିମ ସମାଜରେ ଯେଉଁ

ଜିନିଷକୁ କୁସଂସ୍କାର ବୋଲି ଘୃଣା କରାଯାଏ, ଆମ ସମାଜରେ ମଧ୍ୟ ଅନେକ କ୍ଷେତ୍ରରେ ସେ'ସବୁ ଭିନ୍ନ ରୂପରେ ଲିପ୍ତ ହୋଇ ରହିଛି । କୋରାପୁଟ ଜିଲ୍ଲାର ବିଷମକଣ୍ଟକ ଅଞ୍ଚଳର କନ୍ଧମାନେ ଦଶହରା ପର୍ବରେ ଠାକୁରାଣୀ-ମାର୍କମା ନିକଟରେ ଏକ ମହିଷକୁ ଘଉଡ଼ାଇ ଜୀବିତ ଅବସ୍ଥାରେ ନିର୍ମମଭାବେ କାତିଦ୍ୱାରା କାଟି ଖଣ୍ଡ ଖଣ୍ଡ କରିଥାନ୍ତି । ଏଭଳି ପଶୁବଧ ଦଶହରା ସମୟରେ ହିମାଚଳ ପ୍ରଦେଶର ହିନ୍ଦୁମାନଙ୍କଦ୍ୱାରା ମଧ୍ୟ ପାଳିତ ହୋଇଥାଏ ।

ଆଦିବାସୀ ପୁରୁଷ ଓ ସ୍ତ୍ରୀ ଶୈଶବରୁହିଁ ପ୍ରକୃତି-କୋଳରେ ଲାଳିତପାଳିତ ହୋଇ ସ୍ୱାବଲମ୍ବୀ ଓ କର୍ମଠ ହେବାର ଚେଷ୍ଟା କରିଥାନ୍ତି । ସ୍ତ୍ରୀ ଓ ପୁରୁଷ ଉଭୟେ ସାଂସାରିକ ଏବଂ ଗାର୍ହସ୍ଥ୍ୟ ବ୍ୟବସ୍ଥାରେ ସମାନ ଭାବରେ କାର୍ଯ୍ୟ କରିଥାନ୍ତି । ସ୍ୱ ସ୍ୱ କୃଷିକାର୍ଯ୍ୟ ସେମାନେ ନିଜ ହସ୍ତରେହିଁ କରନ୍ତି । ତାଙ୍କର ଶିଶୁ ସନ୍ତାନମାନେ ମଧ୍ୟ ଏ କାର୍ଯ୍ୟରେ ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥାନ୍ତି । ଆଧୁନିକ ଗଣତାନ୍ତ୍ରିକ ଭାରତରେ ଆଦିମ ଜାତି ମଧ୍ୟରେ ସ୍ତ୍ରୀ ସ୍ୱାଧୀନତା ଯେପରି ଦେଖାଯାଏ, ଅଣ-ଆଦିବାସୀ ସମାଜରେ ସେତେଟା ଦୃଷ୍ଟି ହୁଏ ନାହିଁ । ଆମ ସମାଜରେ ମାତ୍ର ଏହାର ସପକ୍ଷରେ ସୁଦୃଢ଼ ମତ ଘନ ଘନ ପ୍ରଚାରିତ ହୋଇଥାଏ । ଦୈନନ୍ଦିନ ଜୀବନରେ ଆଦିବାସୀ ପୁରୁଷ ଓ ସ୍ତ୍ରୀ ସର୍ବପ୍ରଥମେ ଦାନା ଓ କନା ବିଷୟରେ ଚିନ୍ତା କରିଥାନ୍ତି । ତତ୍ପରେ ତାଙ୍କର ଘର ଓ ସାଧାରଣ ଚଳାଚଳର ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଅନ୍ତି । ବନସମ୍ପଦହିଁ ତାଙ୍କର ଅମୂଲ୍ୟ ସମ୍ପଦ ବୋଲି ବିଚାର କରନ୍ତି ଓ ତାଙ୍କର ଘରଗୁଡ଼ିକର ଏବଂ ଆହାରବିହାରର ଉପାଦାନ ସମୂହ ବନ୍ୟଜାତ ଦ୍ରବ୍ୟରୁହିଁ ପ୍ରସ୍ତୁତ କରିଥାନ୍ତି । ଏମନ୍ତ କି ପରିଧାନ ଓ ବେଶଭୂଷାରେ ମଧ୍ୟ ବନ୍ୟଜାତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ । ଓଡ଼ିଶାର ଆଦିମ ଜାତିର ଗାଦବା ସ୍ତ୍ରୀମାନେ କେରଙ୍ଗା ଗଛର ଛାଲିରେ ବସ୍ତ୍ର ବୟନ କରିଥାନ୍ତି । ଯେଉଁ ଗାଦବା ସ୍ତ୍ରୀ ବସ୍ତ୍ର ବୟନରେ ଅନଭିଜ୍ଞ, ତାହାକୁ କୌଣସି ଗାଦବା ପୁରୁଷ ବିବାହ କରେ ନାହିଁ । ଏମାନଙ୍କ ମଧ୍ୟରେ ଧନ ସଞ୍ଚୟ କରି ରଖିବା ଚିନ୍ତା ନାହିଁ ବୋଇଲେ ଚଳେ । ଯାହା ଉତ୍ପାଦନ କରନ୍ତି, ତାହା ସେମାନେ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଯେଉଁ ପଇସାର ମୂଲ୍ୟ ଘେନି ଆଧୁନିକ ସଭ୍ୟ ଜଗତରେ ଏତେ ଦ୍ୱନ୍ଦ ଓ ପ୍ରତିଯୋଗିତା ଚାଲିଅଛି, ଆଦିବାସୀମାନେ ସେଥିପ୍ରତି ମୂଲ୍ୟ ନିରୂପଣ କରିବାରେ ସେତେ ସ୍ପୃହା ବା ଆଗ୍ରହ ଦେଖାନ୍ତି ନାହିଁ । ତାଙ୍କର ଅଭାବ ଅନାଟନ ନିତାନ୍ତ ଆବଶ୍ୟକୀୟ ଜିନିଷର ଉତ୍ପାଦନ ଓ ପ୍ରସ୍ତୁତିଦ୍ୱାରା ଦୂର ହୋଇଥାଏ ।

ଭାରତର ସ୍ୱାଧୀନତା ପରେ ଆଦିମ ଜାତି ଲୋକଙ୍କ ସମୂହ ଉନ୍ନତି ଦିଗରେ ଅନେକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ତାଙ୍କର ଶିକ୍ଷା ଓ ଆର୍ଥିକ ଉନ୍ନତି ପାଇଁ ପ୍ରଚୁର ଅର୍ଥ ବ୍ୟୟ କରା ହେଉଅଛି । ଦ୍ୱିତୀୟ ଯୋଜନାରେ ପ୍ରାୟ ୭୦ କୋଟି ଟଙ୍କା ତାଙ୍କ ପାଇଁ ଖର୍ଚ୍ଚ ହେବାର ବ୍ୟବସ୍ଥା କରାଯାଇଛି । ସ୍ୱତନ୍ତ୍ର ବିଭାଗ ଜରିଆରେ ଏମାନଙ୍କ ପାଇଁ ଦ୍ରୁତ ଶିକ୍ଷାର ବ୍ୟବସ୍ଥା କଲେହେଁ ଦ୍ରୁତ ଆର୍ଥିକ ପରିବର୍ତ୍ତନର ଉପାୟ ଉଦ୍‌ଭାବନ ହୋଇ ପାରୁନାହିଁ । ଆଦିବାସୀମାନଙ୍କର ଆର୍ଥିକ ଦୁରବସ୍ଥା ଶୀଘ୍ର ପରିବର୍ତ୍ତନ ନ ହେଲେ ଅନ୍ୟାନ୍ୟ ଉନ୍ନତି ଦିଗରେ ଏମାନଙ୍କ ଦୃଷ୍ଟି ଆକର୍ଷଣ କରିବା କଷ୍ଟସାଧ୍ୟ ଅଟେ । ଶିକ୍ଷା ଅପେକ୍ଷା ସର୍ବପ୍ରଥମେ ଏମାନଙ୍କ ଆର୍ଥିକ ଅବସ୍ଥା ପ୍ରତି ଦୃଷ୍ଟିଦେବା ଉଚିତ । ତା ନହେଲେ ସାଧାରଣତଃ ଅଣ-ଆଦିବାସୀମାନେ ଶୀଘ୍ର ଏମାନଙ୍କ ବିଶ୍ୱାସଭାଜନ ହୋଇପାରିବେ ନାହିଁ । ପର୍ବତ ଉପରେ ଓ ନିବିଡ଼ ଜଙ୍ଗଲରେ ବାସ କରୁଥିବା ଆଦିବାସୀ ତାଙ୍କର କୃଷିଜାତ ଦ୍ରବ୍ୟ ସହଜରେ ପ୍ରଚଳିତ ଦରରେ ବିକ୍ରୟ କରି ପାରୁନାହାନ୍ତି । ଫସଲର ଦୂରବର୍ତ୍ତୀ ହାଟମାନଙ୍କରେ କ୍ରୟ ବିକ୍ରୟର ସୁବିଧା ଥିଲେହେଁ, ଅଣ-ଆଦିବାସୀ ମହାଜନମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ସ୍ୱଳ୍ପ ମୂଲ୍ୟରେ କ୍ରୟ କରିଥାନ୍ତି । ତାଙ୍କର

ଆବଶ୍ୟକୀୟ ଦ୍ରବ୍ୟ କ୍ରୟ କରିବା ସମୟରେ ମଧ୍ୟ ସେମାନେ ସାହୁକାରଦ୍ୱାରା ପ୍ରତାରିତ ହୋଇଥାନ୍ତି । ତେଣୁ କ୍ରୟ ବିକ୍ରୟ ଉଭୟ କ୍ଷେତ୍ରରେ ସେମାନେ ଯଥେଷ୍ଟ ଶାରୀରିକ, ମାନସିକ କଷ୍ଟ ଅନୁଭବ କରନ୍ତି ଓ ବର୍ଷ ମଧ୍ୟରେ ଅନେକ ସମୟ ଖାଦ୍ୟାଭାବରେ ବନ ଜଙ୍ଗଲର ଫଳମୂଳ ଉପରେ ନିର୍ଭର କରିଥାନ୍ତି । ପ୍ରଖର ଗ୍ରୀଷ୍ମ ଋତୁରେ ବନ୍ୟ ଜୀବଜନ୍ତୁ ଶିକାର କରି ତାର ମାଂସ ଭକ୍ଷଣ କରି ଜୀବନ ଧାରଣ କରନ୍ତି । ଏହି ଅର୍ଥନୈତିକ ଦୁର୍ଗତିହିଁ ସେମାନଙ୍କୁ ଅଣ-ଆଦିବାସୀଙ୍କ ଅବିଶ୍ୱାସଭାଜନ କରିଅଛି । ତେଣୁ ଆମର ଶିକ୍ଷା ପଦ୍ଧତି ଓ ଅନ୍ୟାନ୍ୟ ଉନ୍ନତିମୂଳକ ଚେଷ୍ଟାରେ ମଧ୍ୟ ସେମାନେ ଆଗ୍ରହ ପ୍ରକାଶ କରିବାରେ ଅନିଚ୍ଛୁକ ଥିବା ଦେଖାଯାଏ । ମଫସଲର ଯେକୌଣସି ଆଦିବାସୀବହୁଳ ଅଞ୍ଚଳରେ ବିଦ୍ୟାଳୟ ସ୍ଥାପନ କଲେ ମଧ୍ୟ ଆଦିବାସୀ ବାଳକବାଳିକା ପ୍ରଚଳିତ ଶିକ୍ଷା ପ୍ରଣାଳୀ ଅନୁଯାୟୀ ସ୍କୁଲ ଚାଲୁଥିବା ସମୟରେ ପାଠ ପଢ଼ିବାକୁ ଆସିପାରୁ ନାହାନ୍ତି । କାରଣ, ସେହି ସମୟରେ ତାଙ୍କର ପିତାମାତା ତାଙ୍କୁ ଘର କୃଷିକାର୍ଯ୍ୟରେ ଓ ଗୃହପାଳିତ ପଶୁ ଚରାଇବାରେ ନିଯୁକ୍ତ କରିଥାଆନ୍ତି । ଠିକ ସମୟରେ ଖାଦ୍ୟ ନ ମିଳିବା ଓ ବସ୍ତ୍ରାଭାବରେ ମଧ୍ୟ ସେମାନେ ସ୍କୁଲରେ ଯୋଗଦେବାକୁ ଅମଙ୍ଗ ହୋଇଥାନ୍ତି ଏବଂ ଯୋଗ ଦେଇ ମଧ୍ୟ ସାଧାରଣତଃ ଆସନ୍ତି ନାହିଁ । ଅନ୍ୟ ଦିଗରେ ଆଦିବାସୀ କୃଷକ ଆଷାଢ଼ଠାରୁ ମାଘ ମାସ ଭିତରେ ନିଜ କୃଷିକାର୍ଯ୍ୟ ପ୍ରଭୃତି ସୁଚାରୁରୂପେ ଚଳାଇବା ପାଇଁ ତାର ପିଲମାନଙ୍କୁ ନିଶ୍ଚିନ୍ତରେ ବିଦ୍ୟାଳୟକୁ ପଠାଇ ପାରେ ନାହିଁ । ଏଭଳି ନାନା ଅସୁବିଧା ଅଭାବ ଓ ଅନାଟନ ମଧ୍ୟ ଦେଇ ଆଦିବାସୀ ତାର କଷ୍ଟମୟ ଜୀବନରେ ଗତି କରିଥାଏ । କର୍ମ-ସ୍ରୋତରେ ପଡ଼ି ବଣର ହିଂସ୍ରଜନ୍ତୁକୁ ମଧ୍ୟ ଭୟ କରେ ନାହିଁ । ତାକୁ ଯେତେ ବୁଝାଇଲେ ମଧ୍ୟ ବଣ ଧ୍ୱଂସ କରି ପୋଡୁ ଚାଷରୁ ବିରତ ହୁଏ ନାହିଁ, ପର୍ବତ ତଳକୁ ଓହ୍ଲାଇ ଅଣ-ଆଦିବାସୀ ସଙ୍ଗରେ ଚାଷ କରି ରହିବାରେ ମନ ବଳାଏ ନାହିଁ ।

ଓଡ଼ିଶା ତଥା ଭାରତର ଇତିହାସରୁ ଜଣାଯାଏ ଯେ ଆଧୁନିକ ଆଦିବାସୀବହୁଳ ଅଞ୍ଚଳରେ ପୂର୍ବେ ଆଦିବାସୀହିଁ ଶାସକ ଶ୍ରେଣୀଭୁକ୍ତ ଥିଲେ । କାଳକ୍ରମେ ଅଣ-ଆଦିବାସୀଙ୍କଦ୍ୱାରା ବିତାଡ଼ିତ ହୋଇ ବଣ ଜଙ୍ଗଲକୁ ପଳାଇ ଆଶ୍ରୟ ଗ୍ରହଣ କରି ଅଛନ୍ତି । ଏ ପର୍ଯ୍ୟନ୍ତ ବିହାର, ଓଡ଼ିଶା ଓ ମଧ୍ୟପ୍ରଦେଶରେ ଅନେକ ଆଦିବାସୀ ଭୂମ୍ୟଧିକାରୀ ରାଜା ଜମିଦାର ହିସାବରେ ପରିଚିତ ହୋଇ ଆସୁଛନ୍ତି । ଅନେକ କ୍ଷେତ୍ରରେ ସଭ୍ୟତାର ବିସ୍ତାର ସଙ୍ଗେ ସଙ୍ଗେ ଏମାନଙ୍କ ଉପରେ ଶୋଷଣ ନୀତି ପ୍ରୟୋଗ କରାଯିବାରୁ କାଳକ୍ରମେ ଆଦିବାସୀ ସମତଳ ପ୍ରଦେଶ ପରିତ୍ୟାଗ କରି ନିବିଡ଼ ଜଙ୍ଗଲ ପାହାଡ଼ ଓ ପର୍ବତ ଉପରେ ବସବାସ କରି ରହିଛନ୍ତି । ଯୁଗ ଯୁଗ ଧରି ଅର୍ଥନୈତିକ ଶୋଷଣରେ ନିଷ୍ପେଷିତ ହୋଇ ଆସୁଥିବାରୁ ବଣ ଜଙ୍ଗଲକୁ ହିଁ ତାଙ୍କ ଜୀବିକାର ସାର ଓ ଜୀବନର ସମ୍ପଦ ବୋଲି ସ୍ଥିର କରି ଅଛନ୍ତି । ଏଭଳି ବଦ୍ଧମୂଳ ଧାରଣାରୁ ଆଦିବାସୀ ପୁରୁଷ ନାରୀ ସହଜରେ ବିଚଳିତ ହେବା ସମୟସାପେକ୍ଷ ଅଟେ । ଏହା ଆରର ପରସ୍ପର ବିଶ୍ୱାସ, ସେବାମନୋଭାବ, ତ୍ୟାଗ ଓ ରଚନାତ୍ମକ କାର୍ଯ୍ୟ ଉପରେ ବିଶେଷ ନିର୍ଭର କରୁଅଛି । ବିହାର ସରକାର ସିଂହଭୂମି ଓ ସାନ୍ତାଳ ପ୍ରଗଣାରେ ଖଡ଼ିଆ ଓ ପାହାଡ଼ିଆ ସାନ୍ତାଳଙ୍କୁ ପାହାଡ଼ ଉପରୁ ଓହ୍ଲାଇ ସମତଳ ଭୂଖଣ୍ଡରେ ଚାଷ ଉପଯୋଗୀ ଭୂମି, ହଳବଳଦ ଓ ଟଙ୍କା ଦେଇ ବସତି କରାଇଛନ୍ତି; କିନ୍ତୁ ସେମାନେ ପୁନର୍ବାର ଧୀରେ ଧୀରେ ପାହାଡ଼ ଉପର ଓ ଜଙ୍ଗଲକୁ ଫେରିଯିବାରେ ମନ ବଳାଉଛନ୍ତି ଓ କେତେକ ପୁନର୍ବସତି ଛାଡ଼ି ଚାଲିଯିବାର ଦେଖାଗଲାଣି । ଭୂମିକୁ ପାହାଡ଼ିଆ ଆଦିବାସୀମାନେ "ଧରିତ୍ରି-ମାତା" ଅର୍ଥାତ୍ "ଧରଣୀ ମାତା" ବୋଲି ସମ୍ବୋଧନ କରିଥାନ୍ତି । ହଳ

ଲଙ୍ଗଳ ଜରିଆରେ ଧରଣୀକୁ କର୍ଷଣ ଓ ଧର୍ଷଣ କରିବାକୁ ଚାହାନ୍ତି ନାହିଁ । ତେଣୁ କେତେକ ଆଦିବାସୀ ସମୀକ୍ଷକ ଓ ସମାଜକର୍ମୀ ମତ ପୋଷଣ କରନ୍ତି ଯେ ଏମାନଙ୍କ ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ତାଙ୍କ ପର୍ବତ ଉପରେ ଥିବା ବସତିରେହିଁ ରଚନାତ୍ମକ କାର୍ଯ୍ୟ କରାଇ ସାହାଯ୍ୟ ଦେବା ସମୀଚୀନ ଅଟେ ।

ବର୍ତ୍ତମାନ ଆଦିବାସୀବହୁଳ ଅଞ୍ଚଳମାନଙ୍କରେ ଗ୍ରାମପଞ୍ଚାୟତ ନିୟମ ଜାରି କରାଯାଇଛି; କିନ୍ତୁ ଏହାର କାର୍ଯ୍ୟକାରିତାରେ ଆଦିବାସୀର ସେଭଳି ଆସ୍ଥା ନାହିଁ । ପୁରାତନ ପଞ୍ଚାୟତ ପ୍ରଥା ଆଦିବାସୀ ଗୋଷ୍ଠୀରେ ଏ ପର୍ଯ୍ୟନ୍ତ ଚାଲୁ ରହିଛି । ତାଙ୍କର ମତ ଯେ ସେହି ପୁରୁଣାକାଳିଆ ପଞ୍ଚାୟତ ପ୍ରଥାକୁ ଆବଶ୍ୟକୀୟ ସଂସ୍କାର କରି ଚଳାଇବାକୁ ପଡ଼ିବ । ନୂଆ ନୂଆ ଆଇନ-କାନୁନ ଦ୍ୱାରା ଗଠିତ ପଞ୍ଚାୟତ ତାଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାକୁ ଖାପ ଖାଉନାହିଁ ଏବଂ ପଞ୍ଚାୟତରେ ନିର୍ବାଚନ ପ୍ରଥା ଅନୁସୃତ ହେବାଦ୍ୱାରା ଅଭିଜ୍ଞ ଓ ବୟସ୍କ ସଭ୍ୟ ଗ୍ରାମର ଭଲମନ୍ଦ ବିଚାରରେ ଅଂଶ ନେବାରେ ସୁବିଧା ପାଉ ନାହାନ୍ତି । ଏହାଦ୍ୱାରା ଗ୍ରାମରେ କଳହ ଅଶାନ୍ତି କ୍ରମାଗତ ବୃଦ୍ଧି ହେବାରେ ଲାଗିଛି ଓ ବିଭିନ୍ନ ରାଜନୈତିକ ଦଳ ଓ କର୍ମୀମାନେ ଏ ଭଳି ଦ୍ୱନ୍ଦରୁ ଫାଇଦା ଉଠାଇବାରେ ବ୍ୟସ୍ତ ଅଛନ୍ତି । ଗ୍ରାମପଞ୍ଚାୟତଗୁଡ଼ିକ ପ୍ରକୃତରେ କାର୍ଯ୍ୟ କଲେ ଲୋକଶାସନରେ ଆଦିବାସୀମାନଙ୍କର ମହତ୍ ଉପକାର ସାଧିତ ହେବ ଓ କ୍ଷମତା ବିକେନ୍ଦ୍ରୀକରଣ କାର୍ଯ୍ୟ ଅନୁନ୍ନତ ଅଞ୍ଚଳରେ ଆଶାନୁଯାୟୀ ଆଗେଇ ଯାଇ ପାରିବ, ଏହା ସର୍ବଥା ସ୍ୱୀକାର୍ଯ୍ୟ ।

ନାନାବିଧ ଆଦିବାସୀ ସମସ୍ୟା ସମାଧାନ କରିବାକୁ ହେଲେ ଖୁବ ଧୀରସ୍ଥିରରେ ସମ୍ୟକ୍ ଆଲୋଚନାଦ୍ୱାରା ତାହା ଠିକ କରିବା ଉଚିତ । ମନସ୍ତାତ୍ତ୍ୱିକ ଓ ଅଭିଜ୍ଞ ହିସାବରେ ଆଦିବାସୀ-ମାନଙ୍କର ସାମାଜିକ, ଅର୍ଥନୈତିକ ଅବସ୍ଥା ଓ ତାଙ୍କର ବସତିର ପରିବେଷ୍ଟନୀ ଠିକନଖି କରି ଅଧ୍ୟୟନ କରିବାକୁ ପଡ଼ିବ ଏବଂ କି ଭାବେ ଜଟିଳ ବିଷୟମାନ ଭଲଭାବେ ବୁଝିଯାଇ କାର୍ଯ୍ୟକାରୀ ହେବ, ସେ ଦିଗରେ ସବୁବେଳେ ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । ସବୁବେଳେ ସଜାଗ ଥାଇ "ଅବସ୍ଥା ଜାଣି ବ୍ୟବସ୍ଥା" ନୀତି ଅନୁସରଣ କରି ପ୍ରଗତି ପଥରେ ସାହସ ବାନ୍ଧି ଧୈର୍ଯ୍ୟର ସହିତ ଆଗେଇ ଚାଲିବା ବାଞ୍ଛନୀୟ ଅଟେ । କେବଳ ଉପର ସ୍ତରରୁ କେତେକ ନିର୍ଦ୍ଦେଶ ଓ ଆଇନ ଜାରି କଲେ ତାହା ଫଳବତୀ ହେବା କଷ୍ଟକର । ଅନେକ ସମୟରେ ବିପରୀତ ଫଳ ମଧ୍ୟ ଫଳିବାର ସମ୍ଭାବନା ରହିଛି । ଆଦିବାସୀମାନଙ୍କର ଅଭାବ, ଅନାଟନ, କୁସଂସ୍କାର ତଥା ଅଜ୍ଞତା ଦୂର କରିବାକୁ ହେଲେ ତାଙ୍କ ସହିତ ମିଳାମିଶି ରହିବାକୁ ହେବ ଓ ତାଙ୍କ ସମାଜର ଗତିବିଧି ପ୍ରତି ଲକ୍ଷ୍ୟ ରଖି ସେମାନଙ୍କୁ ବୁଝାଇ ତାର ସଂସ୍କାର କରିବାକୁ ପଡ଼ିବ । ତୁରନ୍ତ ଓ ଶୀଘ୍ରରେ ଏ ସବୁର ପ୍ରତିକାର ହୋଇ ପାରିବ ନାହିଁ । ଡାକ୍ତର ଏସ୍. ଉଇନ ସାହେବ ତାଙ୍କର "ବଣ୍ଡା ପରଜା" ପୁସ୍ତକରେ ଓଡ଼ିଶାର ଲଙ୍ଗଳା ବଣ୍ଡା ପରଜା-ମାନଙ୍କ ସଙ୍ଗରେ କିପରି ମିଶି ସାମାଜିକ ଉନ୍ନତିକର କାର୍ଯ୍ୟ କରାଯାଇପାରେ, ତଦ୍ ବିଷୟରେ ଅନେକ ସଂକେତ ଦେଇ ଅଛନ୍ତି । ଆଦିବାସୀ-ମଙ୍ଗଳାକାଂକ୍ଷୀ ବ୍ୟକ୍ତି ତାହା ବିଶେଷଭାବେ ଅଧ୍ୟୟନ କରିବା ଉଚିତ ।

# ଆଦିବାସୀମାନଙ୍କ ଶିକ୍ଷା

## ସୋମନାଥ ମହାପାତ୍ର

ବହୁ ଦିନ ଧରି ଆମ ଦେଶରେ ଇଂରେଜି ଶିକ୍ଷା ଚାଲୁ ହେଉଥିଲା । ତାହାହିଁ ଏ ଦେଶର ରାଜଭାଷା ମଧ୍ୟ ଥିଲା । ଇଂରେଜମାନେ ସେମାନଙ୍କର ଉଦ୍ଦେଶ୍ୟ ପୂରଣ ନିମନ୍ତେ ଏ ଦେଶରେ ଇଂରେଜି ଶିକ୍ଷା ଚାଲୁ କରାଇଥିଲେ । ଏଥିରେ ଭାରତୀୟ ସଭ୍ୟତା, ପରମ୍ପରା କିମ୍ବା ବିଦ୍‌ବତ୍ତାର ବୀଜ ନ ଥିଲା । ଏ ଶିକ୍ଷାଫଳରେ ନିଜର ଭାଷା ଓ ସଂସ୍କୃତି ହରାଇ ଦେଶ ହତଶ୍ରୀ ହୋଇପଡ଼ିଛି । ଶିକ୍ଷାର ପରିବର୍ତ୍ତନ ନିମନ୍ତେ ସେତେବେଳେ ମଧ୍ୟ ଶିକ୍ଷାବିତ୍‌ମାନେ କେତେକ ନୂତନ ଶିକ୍ଷାପଦ୍ଧତି ଦେଶ ଆଗରେ ବାଢ଼ିଥିଲେ । କିନ୍ତୁ ଶାସକଗୋଷ୍ଠୀ ସେଥିପ୍ରତି ଆଦୌ ସହାନୁଭୂତି ନ ଦେଖାଇବାରୁ ସେଗୁଡ଼ିକର ପ୍ରୟୋଗ ସମ୍ୟକ୍ ଭାବରେ ହୋଇ ପାରିଲା ନାହିଁ । ନିଜ ଉଦ୍ୟମରେ କେତେକ ଶିକ୍ଷାବିତ୍ କାଁ ଭାଁ ସେମାନଙ୍କର ନୂତନ ଶିକ୍ଷା ପ୍ରଣାଳୀ ପରୀକ୍ଷା ସ୍ୱରୂପ ଚଳାଇଲେ । ସରକାର କିମ୍ବା ଜନସାଧାରଣଙ୍କର ସହଯୋଗ ଓ ସମର୍ଥନ ଅଭାବରେ ତାହା ପ୍ରସାର ହୋଇ ପାରିଲା ନାହିଁ ।

ସ୍ୱାଧୀନତା ଆସିଲା ପରେ ଶିକ୍ଷା ସମସ୍ୟାର ପୁନରାଲୋଚନା କରାଯାଇଛି । ଇଂରେଜି ଶିକ୍ଷାକୁ ବାଦ୍ ଦେଇ ଆଉ ଏକ ନୂତନ ଶିକ୍ଷା-ପଦ୍ଧତି ଦେଶରେ ଚାଲୁ କରାଇବା ନିମନ୍ତେ ବିଚାର ହୋଇଛି । କିନ୍ତୁ ଦୁଃଖର କଥା ଯେ କୌଣସି ଗୋଟିଏ ଶିକ୍ଷା-ପଦ୍ଧତି ଏ ପର୍ଯ୍ୟନ୍ତ ଦେଶରେ ଚାଲୁ ହୋଇ ପାରିନାହିଁ । ମୌଳିକ ଶିକ୍ଷାକୁ ରାଷ୍ଟ୍ରୀୟ ଶିକ୍ଷା ବୋଲି କହି ତାହାକୁ ସମଗ୍ର ରାଷ୍ଟ୍ରରେ ଚାଲୁ କରାଇବା ନିମନ୍ତେ ନା ଦେଶବାସୀ, ନା ସରକାର କେହି ହେଲେ ହାର୍ଦ୍ଦିକ ସମର୍ଥନ ଜଣାଉ ନାହାନ୍ତି । ଫଳରେ ନାନାପ୍ରକାର ଶିକ୍ଷାନୁଷ୍ଠାନମାନ ଦେଶରେ ଗଢ଼ି ଉଠି ବିଭିନ୍ନ ଢଙ୍ଗରେ ଶିକ୍ଷାଦାନ ଦିଆଯାଉଛି । ସମଗ୍ର ଦେଶପାଇଁ କୌଣସି ନିର୍ଦ୍ଦିଷ୍ଟ ଶିକ୍ଷାପ୍ରଣାଳୀର ଅଭାବରେ ଦେଶବାସୀ ବର୍ତ୍ତମାନ ସୁଦ୍ଧା ଇଂରେଜି ଶିକ୍ଷାର ମୋହ ତୁଟାଇ ପାରିନାହାନ୍ତି । ଶିକ୍ଷାକୁ ଜୀବିକା ଅର୍ଜନର ସୁଗମ ପନ୍ଥା ବୋଲି ଆଗରୁ ଯେଉଁ ଧାରଣା ଥିଲା, ବର୍ତ୍ତମାନ ସୁଦ୍ଧା ଜନସାଧାରଣଙ୍କର ମନରେ ତାହା ସ୍ପଷ୍ଟ ହୋଇ ରହିଛି । ଶିକ୍ଷା ଏବଂ ବ୍ୟକ୍ତିଗତ ସମ୍ପର୍କ ବର୍ତ୍ତମାନ ସୁଦ୍ଧା ଲୋକମାନେ ଉପଲବ୍ଧି କରି ନାହାନ୍ତି । ଲୋକଙ୍କର ଏହି ବଦ୍ଧମୂଳ ଧାରଣା—ଶିକ୍ଷା ଜୀବିକା ଅର୍ଜନର ଉପାୟ ମାତ୍ର—ନୂତନ ଶିକ୍ଷା-ପଦ୍ଧତିଗୁଡ଼ିକୁ ଯଥେଷ୍ଟ ପ୍ରଭାବିତ କରିବା ଫଳରେ ସେଗୁଡ଼ିକ ମଧ୍ୟ ଆମ ଅଜ୍ଞାତରେ ଇଂରେଜି ଶିକ୍ଷା ପଦ୍ଧତିକୁ ଅନୁକରଣ କରି ଗଢ଼ି ହୋଇ ଉଠୁଛି । ସେଗୁଡ଼ିକର ବିଜ୍ଞାନ ଏବଂ ଦର୍ଶନ କ୍ରମଶଃ ପାସୋରି ହୋଇଯାଉଛି ।

ଆମ ଦେଶର ଗୋଟିଏ ବୈଶିଷ୍ଟ୍ୟ ରହିଛି । ମୂଳତଃ ଏହା ଗୋଟିଏ ଧର୍ମପ୍ରବଣ ଦେଶ । ଏହାର ପରମ୍ପରା ଆଧ୍ୟାତ୍ମିକ । ଏହା ବିଦ୍‌ବତ୍ତାର ଚରମ ପରିଣତି, ବ୍ୟକ୍ତିର ଚରମ ମୁକ୍ତି । ଶିକ୍ଷା ଦର୍ଶନରେ ଏଇ ଭାବଧାରାକୁ ବାଦ୍ ଦେଇ ଭୌତିକ ଆଧାରରେ ଶିକ୍ଷା ପ୍ରଣାଳୀ ଗଢ଼ିଲେ ତାହା ଏ ଦେଶର ସମସ୍ୟାକୁ ସମାଧାନ କରିବ ନାହିଁ । ଇଂରେଜି ଶିକ୍ଷାଫଳରେ ଆମେ ଯେପରି ନର-ଦାନବ ପାଲଟି ଥାଇଁ, ବର୍ତ୍ତମାନର ନୂତନ ଶିକ୍ଷା ମଧ୍ୟ ଆମକୁ ସେଇ ଆଡ଼କୁ ଆଗେଇ ନେବ ସିନା, ଫେରେଇ ଆଣିବ ନାହିଁ । ନର-ଦାନବ

ଅବସ୍ଥାରୁ ଫେରିଆସିବାକୁ ଆମ ହୃଦୟରେ ସତ୍ ଇଚ୍ଛା ଥିଲେ ମଧ୍ୟ ଆମର ଶିକ୍ଷା ପ୍ରଣାଳୀ ଆମକୁ ସେ ଦିଗରେ କୌଣସି ପ୍ରକାର ସାହାଯ୍ୟ କରି ପାରୁନାହିଁ । ଶିକ୍ଷା ପଛରେ ଆମେ ଅଜସ୍ର ଖର୍ଚ୍ଚ କରୁଥାଇଁ । ଏକା ଗାଁଟିକେ ଶହ ଶହ ସ୍କୁଲ ଖୋଲି ଦିଆଯାଉଛି, ଶହ ଶହ ଶିକ୍ଷକଙ୍କୁ ନିଯୁକ୍ତ କରାଯାଉଛି; ତଥାପି ଅବସ୍ଥା ସୁଧୁରୁ ନାହିଁ । ଏହାର ଏକମାତ୍ର କାରଣ ଆମ ମନର ବଳ ନାହିଁ । ଅଜସ୍ର ଅର୍ଥ ବ୍ୟୟ କଲେ କ'ଣ ହେବ ? ମନର ବଳ ଅଭାବରେ ଏତେ ଅର୍ଥବ୍ୟୟରେ ମଧ୍ୟ ଉଦ୍ଦେଶ୍ୟ ପୂରଣ ହୋଇ ପାରୁନାହିଁ ।

ଶିକ୍ଷକ ହେବାକୁ ହେଲେ କେତେଗୁଡ଼ିଏ ଗୁଣ ଲୋଡ଼ା । ଶିକ୍ଷକ ନିମନ୍ତେ ବ୍ୟକ୍ତିର ଧୈର୍ଯ୍ୟ, ଏକାଗ୍ରତା, ସାହସ ଏବଂ ମନର ପ୍ରଫୁଲ୍ଲତା ଦରକାର । ବୁଦ୍ଧିମାନ୍ ଓ ପ୍ରତିଭାଶାଳୀ ନ ହେଲେ ଶିକ୍ଷାର କଳା ଏବଂ କୌଶଳ ହାସଲ କରିବା ମୁସ୍କିଲ । ବସ୍ତୁତଃ କର୍ମକ୍ଷେତ୍ରରେ ଯାହା ଦେଖାଯାଉଛି, ତାହା ବଡ଼ ଦୁଃଖଦାୟକ । ବୁଦ୍ଧିମାନ୍ ଏବଂ ପ୍ରତିଭାଶାଳୀ ବ୍ୟକ୍ତିମାନେ ଶିକ୍ଷାକ୍ଷେତ୍ରକୁ ପସନ୍ଦ କରୁ ନାହାନ୍ତି । ଏହା ଅଧମ ଉଦ୍ଧାରଣ ପନ୍ଥା ବୋଲି ସମସ୍ତଙ୍କର ଧାରଣା ହୋଇଯାଇଛି । କୌଣସି ଆଡ଼େ ଚାକିରି ନ ପାଇଲେ ପରିଶେଷରେ ବ୍ୟକ୍ତି ଶିକ୍ଷାକ୍ଷେତ୍ରକୁ ଫେରେ । ଅଧା ମନ ଓ ଅଧା ଜ୍ଞାନ ନେଇ ଶିକ୍ଷକ ହେବାକୁ ଚେଷ୍ଟା କରିବାରୁ ବସ୍ତୁତଃ କର୍ମକ୍ଷେତ୍ରରେ ଫେଲ ମାରୁଛନ୍ତି । ଫଳରେ ଯେତେ ନୂତନ ଶିକ୍ଷା ପ୍ରଣାଳୀ ଦେଶରେ ଚାଲୁ ହେଉଛି, ସେଗୁଡ଼ିକର ଭବିଷ୍ୟତ ଆସ୍ଥାଶୂନ୍ୟ ହୋଇ ପଡ଼ୁଛି ।

ଏଇ ସବୁ ଦୃଷ୍ଟିରୁ ଆଦିବାସୀ-ଶିକ୍ଷା ବିଚାର୍ଯ୍ୟ । ସେମାନଙ୍କର ଭାଷା, ଚାଲିଚଳନ , ଆଚାରବ୍ୟବହାର, କିପରି ବାତାବରଣ ମଧ୍ୟରେ ବାସ କରନ୍ତି, ସେମାନଙ୍କର ପରମ୍ପରା ଏବଂ କୃଷ୍ଟି—ଏ ସବୁ ମଧ୍ୟ ଶିକ୍ଷା ସହିତ ବିଚାର କରିବାକୁ ହେବ । ସେମାନଙ୍କର ଭାଷା ସ୍ୱତନ୍ତ୍ର; ସେମାନଙ୍କର କୃଷ୍ଟି ମାର୍ଜିତ ଏବଂ ରୁଚିକର ନ ହେଲେହେଁ (ଆମ ଦୃଷ୍ଟିରୁ) ତହିଁରେ ବିଶେଷତ୍ୱ ରହିଛି । ଏ ସବୁକୁ ବାଦ୍ ଦେଇ ସେମାନଙ୍କର ଶିକ୍ଷା ବ୍ୟବସ୍ଥା କଲେ ତହିଁର କ୍ଷିପ୍ର ପ୍ରଗତି ଆଶା କରିବା ଅନର୍ଥକ ମାତ୍ର । ଯେଉଁ ଆଦିବାସୀ ଭାଇମାନେ ଆଜି ଉଚ୍ଚ ଶିକ୍ଷିତ, ଅନ୍ୟମାନଙ୍କର ଶିକ୍ଷା ପ୍ରତି ଦୃଷ୍ଟି ଦେବା ସେମାନଙ୍କର ସର୍ବାଦୌ କର୍ତ୍ତବ୍ୟ । ଆଦିବାସୀମାନଙ୍କର ଶିକ୍ଷା ଏଇମାନଙ୍କଦ୍ୱାରା ପରିଚାଳିତ ହେଲେ ତାହା ଅଧିକ ସହଜ ଓ ସୁଗମ ହେବ, ସନ୍ଦେହ ନାହିଁ ।

ଗତ ଛ ମାସ ଧରି ମୁଁ କୋରାପୁଟ ଜିଲ୍ଲାରେ ଆଦିବାସୀମାନଙ୍କର ଶିକ୍ଷା ଲକ୍ଷ୍ୟ କରୁଛି । ଅନେକଗୁଡ଼ିଏ ଆଶ୍ରମ ସ୍କୁଲ ବୁଲି ଦେଖିଲିଣି । ଅଧିକାଂଶ ସ୍କୁଲରେ ଛାତ୍ର ଉପସ୍ଥାନ ଏକ ସମସ୍ୟା ହୋଇଛି । ଶିକ୍ଷକମାନେ ଗତାନୁଗତିକ କାରଣମାନ ଦର୍ଶାଉଛନ୍ତି । ଅବଶ୍ୟ ସେ କାରଣଗୁଡ଼ିକ ଯେ ଯୁକ୍ତିଯୁକ୍ତ ମୁଁ ତାହା ଅସ୍ୱୀକାର କରୁନାହିଁ; କିନ୍ତୁ ମୋ ମତରେ ଛାତ୍ର ଅନୁପସ୍ଥିତିର ଆଉ ଗୋଟିଏ ପ୍ରଧାନ କାରଣ, ସେମାନଙ୍କର ସ୍କୁଲ ପ୍ରତି ଅନୁରକ୍ତିର ଅଭାବ । ଏହି ଅନୁରକ୍ତିର ଅଭାବ ନିମ୍ନଲିଖିତ କେତେଗୁଡ଼ିଏ କାରଣ ଯୋଗୁଁ ଘଟୁଛି । ପ୍ରଥମ କଥା ଶିକ୍ଷକ ଶିଶୁମାନଙ୍କର ମାତୃଭାଷା ଜାଣି ନ ଥିବାରୁ ସେମାନଙ୍କୁ ନିଜପ୍ରତି କିମ୍ବା ସ୍କୁଲପ୍ରତି ଆକର୍ଷଣ କରି ପାରୁ ନାହାନ୍ତି । ଦ୍ୱିତୀୟରେ ଶିଶୁମାନେ ଗୋଟିଏ ପ୍ରକାର ବାତାବରଣ ମଧ୍ୟରେ ବଢ଼ି ଆସିଥିଲେ, ସ୍କୁଲର ବାତାବରଣ ସେମାନଙ୍କ ପ୍ରତି ଅଡୁଆ ବୋଧହେଉଛି । ସେହି ବାତାବରଣକୁ ଶିଶୁମାନଙ୍କ ପାଇଁ ସ୍ୱାଭାବିକ କରିବା ନିମନ୍ତେ ଶିକ୍ଷକ ସମର୍ଥ ହେବା ଉଚିତ; କିନ୍ତୁ ସେପରି ଶିକ୍ଷକ ମୁଁ କ୍ୱଚିତ ଦେଖିବାକୁ ପାଉଛି । ଫଳରେ ଶିଶୁମାନେ ସ୍କୁଲପ୍ରତି ବୀତସ୍ପୃହ ହୋଇ ତହିଁରୁ ମୁକ୍ତି କାମନା କରନ୍ତି ।

ଆଶ୍ରମ ଓ ସେବାଶ୍ରମରେ କାମ କରୁଥିବା ଶିକ୍ଷକଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ଭାଷା ଜାଣନ୍ତି ନାହିଁ । ଶିକ୍ଷାରେ ମାତୃଭାଷାର ପ୍ରାଧାନ୍ୟ କେନ୍ଦ୍ର


ଅସ୍ୱୀକାର କରିବେ ନାହିଁ । ବିଶେଷ କରି ଶିଶୁ-ଶିକ୍ଷାରେ ଏହାର ପ୍ରୟୋଜନୀୟତା ଅତ୍ୟନ୍ତ ବେଶୀ । ଅନ୍ୟ ଭାଷା ମାଧ୍ୟମରେ ଶିଶୁଙ୍କୁ ଶିକ୍ଷା ଦେବା ଅର୍ଥ ଉଧାର ଆଖିରେ ଦୁନିଆ ଦେଖିବା ନ୍ୟାୟ । ମାତୃଭାଷା ଜରିଆରେ ଜ୍ଞାନର ପରିପକ୍ୱତା ଅପେକ୍ଷାକୃତ ଶୀଘ୍ର ଓ ସହଜସାଧ୍ୟ ହୋଇଥାଏ । ଅଧିକାଂଶ ଆଦିବାସୀଙ୍କର କଥିତ ଭାଷା ଅଛି; କିନ୍ତୁ ଲିଖିତ ଭାଷା ନାହିଁ । ଏଣୁ ଶିକ୍ଷକ ଅନ୍ତତଃ ଯେଉଁ ଅଞ୍ଚଳରେ କାମ କରିବେ, ସେହି ଅଞ୍ଚଳର କଥିତ ଭାଷା ଜାଣିଥିବା ଦରକାର । ଦ୍ୱିତୀୟ ଅସୁବିଧା ଏହି ଯେ ଅଧିକାଂଶ ଶିକ୍ଷକ ତାଲିମପ୍ରାପ୍ତ ନୁହନ୍ତି ଏବଂ କେତେକ ଉଚିତ ଶିକ୍ଷା ପାଇ ନାହାନ୍ତି; ଅର୍ଥାତ୍ ନିମ୍ନ ପ୍ରାଇମେରି ଓ ଉଚ୍ଚ ପ୍ରାଇମେରି ପାଶ କରି ଶିକ୍ଷକତା କରୁଛନ୍ତି । ଛାତ୍ରଛାତ୍ରୀ ଏକେ ତ ଆଦିବାସୀ ଏବଂ ଏମାନଙ୍କର ମାନସିକ ଅଭିବୃଦ୍ଧି ଓ ଦକ୍ଷତା ସାଧାରଣ ଶିଶୁଙ୍କଠାରୁ ପଛରେ ଥିବାରୁ ଶିକ୍ଷା ଗ୍ରହଣ କରିବାରେ ଏମାନେ ପଛୁଆ । ସେଥିରେ ପୁଣି ଅନୁପଯୁକ୍ତ ଶିକ୍ଷକଙ୍କ ହାତରେ ଏମାନଙ୍କର ଶିକ୍ଷାଭାର ପଡ଼ିବାରେ ତାହା ଆହୁରି ପଛେଇ ଯାଉଛି । ଯାହା ବା ଶିକ୍ଷା ଦିଆଯାଉଛି, ତାହା ଶିଶୁର ମାତୃଭାଷା ଜରିଆରେ ଦିଆଯାଉ ନ ଥିବାରୁ ଶିଶୁପକ୍ଷେ ତାହା ହିତକର ହେଉ ନାହିଁ; ତେଣୁ ସେ ସ୍କୁଲରେ ନିଜର ଉପସ୍ଥିତିକୁ ଜରୁରି ମନେ କରୁନାହିଁ ।

ଇତିହାସ ଓ ଭୂଗୋଳ ବଦଳରେ ସମାଜଶିକ୍ଷା ବର୍ତ୍ତମାନ ଶିକ୍ଷାରେ ପ୍ରଚଳନ କରାଯାଇଛି । ଏଥିରେ ରାଜାରାଜୁଡ଼ାଙ୍କ ଧାରାବାହିକ ଇତିହାସ ନାହିଁ । ସମଗ୍ର ମାନବ ଜାତିର କ୍ରମବିକାଶ ହିଁ ଏହାର ମୂଳ ଲକ୍ଷ୍ୟ । ଏହି କ୍ରମବିକାଶରେ ବର୍ତ୍ତମାନ ସମାଜର ଅବସ୍ଥା ଏବଂ ତହିଁରେ ପ୍ରତ୍ୟେକେ କିପରି ନିଜ ନିଜକୁ ଖାପ ଖୁଆଇ ଚଳି ପାରିବେ, ତାହାହିଁ ହେଲା ଶିକ୍ଷା । ସେଇ ଦୃଷ୍ଟିରୁ ଶିଶୁର ଆଚାରବିଚାର, ହାବଭାବ ଆଦି ସଂଶୋଧନ କରି ତାକୁ ପ୍ରଚଳିତ ସମାଜରେ ଜଣେ ଉତ୍ତମ ନାଗରିକ କରି ଠିଆ କରାଇବା ଶିକ୍ଷକଙ୍କର କର୍ତ୍ତବ୍ୟ । ସେଥିପାଇଁ ସମୂହ ଜୀବନଯାପନ କର୍ମରେ ସମୂହ ସହଯୋଗ ବ୍ୟବସ୍ଥା ଆଦି ସାମାଜିକ ଶିକ୍ଷାର ଅଙ୍ଗ ହୋଇଛି । ଅଣ-ଆଦିବାସୀଙ୍କ ଅପେକ୍ଷା ଆଦିବାସୀ-ମାନଙ୍କର ଏ ଦିଗରେ ଅଧିକ ଧାରଣା ରହିଛି । ତାହାର କାରଣ ଏହି ଯେ ସେମାନଙ୍କର ଗ୍ରାମର ପରିଚାଳନା ଏହି ଢଙ୍ଗରେ ହୋଇ ଆସୁଥିଲା । ଗ୍ରାମର ନାୟକ, ଗଣ୍ଡା ଆଦି ଆଜି ମଧ୍ୟ ରହିଛନ୍ତି । ଏହି ପ୍ରଥା କ୍ରମଶଃ ଲୋପ ହୋଇଥିଲେ ହେଁ ଏହାର ସାମାଜିକ ମୂଲ୍ୟ ଆଦିବାସୀମାନଙ୍କ ମନରେ ସ୍ପଷ୍ଟ ହୋଇ ରହିଛି । ଆଦିବାସୀମାନଙ୍କର ଏହି ପ୍ରଥାର ସାମାଜିକ ମୂଲ୍ୟକୁ ଭିତ୍ତି କରି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦିଆଗଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ଆଶା କରାଯାଇ ପାରେ ।

ଆଦିବାସୀମାନଙ୍କର ସ୍ୱତନ୍ତ୍ର ପର୍ବପର୍ବାଣୀ ରହିଛି । ତାଙ୍କର କଳା ଏବଂ କୃଷ୍ଟିରେ ଅନେକଗୁଡ଼ିଏ ଉପାଦେୟ ବ୍ୟବସ୍ଥା ରହିଛି । ଶିକ୍ଷାକ୍ଷେତ୍ରରେ ସେ ଗୁଡ଼ିକର ସ୍ଥାନ ବିଚାର୍ଯ୍ୟ । ଅଣ-ଆଦିବାସୀମାନେ ଯେଉଁ ସ୍ତରରେ ଅଛନ୍ତି, ସେ ସ୍ତରରୁ ବିଚାର କରି ନାଗରିକ ଶିକ୍ଷା ଆଦିବାସୀମାନଙ୍କୁ ଦିଆଗଲେ ତାହା ଯଥେଷ୍ଟ ଫଳପ୍ରଦ ହେବ ନାହିଁ । ମଳତ୍ୟାଗ ପରେ ଶୌଚ ନ କରିବା, ଠିଆହୋଇ ପରିସ୍ରା କରିବା ଆଦି ଅନେକ ଗୁଡ଼ିଏ ଅସାମାଜିକ କ୍ରିୟା ବର୍ତ୍ତମାନ ମଧ୍ୟ ସେମାନଙ୍କ ମଧ୍ୟରେ ରହିଛି । ଏ ଗୁଡ଼ିକର ନିରାକରଣ ପ୍ରତି ପ୍ରଥମେ ଦୃଷ୍ଟି ଦେବାକୁ ହେବ । ଘୋର ଜଙ୍ଗଲ ଅଞ୍ଚଳରେ ଯେଉଁ ଆଦିବାସୀମାନେ ବାସ କରୁଛନ୍ତି, ବର୍ତ୍ତମାନ ସୁଦ୍ଧା ସେମାନେ ଅର୍ଦ୍ଧ ଉଲଗ୍ନ । ଏ ଦିଗରେ ସେମାନଙ୍କୁ ପ୍ରାଥମିକ ଶିକ୍ଷା ଦେବା ଦରକାର ।

ଆଶ୍ରମ ଓ ସେବାଶ୍ରମ ସ୍କୁଲଗୁଡ଼ିକରେ ଧନ୍ଦା ଶିକ୍ଷା ପାଇଁ ବ୍ୟବସ୍ଥା ରହିଛି । ଆଶ୍ରମ ସ୍କୁଲଗୁଡ଼ିକରେ ବିଭିନ୍ନ ବିଭାଗ ହିସାବରେ କେତେଗୁଡ଼ିଏ ଧନ୍ଦା କାର୍ଯ୍ୟକାରୀ ହେଉଛି । କିନ୍ତୁ ସେବାଶ୍ରମ ସ୍କୁଲଗୁଡ଼ିକରେ ସେଗୁଡ଼ିକର କାର୍ଯ୍ୟକାରିତା ଆଦୌ ନାହିଁ କହିଲେ

ଚଳେ । ତୂଳା ତକଲି ଆଦି ଯେଉଁ ଯେଉଁ ସରଞ୍ଜାମ ଯୋଗାଇ ଦିଆଯାଇଛି, ସେ ଗୁଡ଼ିକର ବ୍ୟବହାର ଅଭାବରୁ ଖରାପ ହୋଇଯାଉଛି ଏବଂ କେତେକ ସ୍ଥଳରେ ଯଥାର୍ଥ ବ୍ୟବହାର ହେଉ ନ ଥିବାରୁ ତାହାର ମୂଲ୍ୟ କିଛି ନାହିଁ । ଯେଉଁ ଶିକ୍ଷକମାନେ ସେବାଶ୍ରମଗୁଡ଼ିକରେ ଶିକ୍ଷକତା କରୁଛନ୍ତି, ଧନ୍ଦା ସମ୍ପର୍କରେ ତାଲିମ୍ ପାଇ ନ ଥିବାରୁ ସେ ଗୁଡ଼ିକର ଶିକ୍ଷା-ମୂଲ୍ୟ ଏବଂ କାର୍ଯ୍ୟକାରିତା ଜାଣି ନାହାନ୍ତି । ଫଳରେ ଯେଉଁଠି ସୂତା କଟାଯାଉ ନାହିଁ, ସେଠାରେ ତୂଳା ତକଲି ନଷ୍ଟ ହେଉଛି ଏବଂ ଯେଉଁଠି ର,ଠ କରି କାଟୁଛନ୍ତି, ତାହା ବ୍ୟବହାରୋପଯୋଗୀ ହେଉ ନାହିଁ । ଶିକ୍ଷକ ଏହି ସବୁ ଧନ୍ଦା ସମ୍ପର୍କରେ ତାଲିମ୍ ପାଇ ନ ଥିବାରୁ ଶିକ୍ଷା ସହିତ ଉକ୍ତ ଧନ୍ଦାର ସମନ୍ୱୟ ଜାଣି ନାହାନ୍ତି । ଅଞ୍ଚଳ ଅନୁଯାୟୀ ମିଳୁଥିବା ପଦାର୍ଥ ସାହାଯ୍ୟରେ ବ୍ୟବହାରୋପଯୋଗୀ ପଦାର୍ଥ ତିଆରି କରି ତହିଁରୁ ଶିକ୍ଷାଦାନ କରିବା ତ ଦୂରର କଥା, କର୍ମ ସହ ଶିକ୍ଷାର ସମନ୍ୱୟ ଅଭାବରେ ପଦାର୍ଥଗୁଡ଼ିକର ଯଥାଯଥ ବ୍ୟବହାର ଏବଂ ହିସାବ ମଧ୍ୟ ଠିକ୍ ରହୁନାହିଁ । ଏ ଦିଗରେ ଶିକ୍ଷକମାନଙ୍କୁ ବହୁତ ଭାବିବାର ଅଛି ଏବଂ ତାଲିମ୍ କେନ୍ଦ୍ରମାନଙ୍କରେ ଏହାକୁ ବାଧ୍ୟବାଧକ ଭାବରେ ଗ୍ରହଣ କରି ଶିକ୍ଷକମାନଙ୍କୁ ତାଲିମ୍ ଦେବା ଉଚିତ ।



# ପ୍ରତିମାର ଶୁଦ୍ଧିକ୍ରିୟା

ନିତ୍ୟାନନ୍ଦ ପଟ୍ଟନାୟକ

ପ୍ରତିମା ଜାତିରେ ରାଜଗଣ୍ଡ । ମେହ ରୋଗରେ ତାର ମୃତ୍ୟୁ ହେଲା । ପ୍ରାୟ ବର୍ଷେ କାଳ ରୋଗରେ ଘାଣ୍ଟି ହୋଇ ଶେଷରେ ପ୍ରାଣ ହରାଇଲା । ରାତି ଅଧରେ ତାର ପ୍ରାଣବାୟୁ ଉଡ଼ିଗଲା । ଯେଉଁ ଦିନ ମରିବ, ସେଦିନ ଶନିବାର । ସେଦିନ ରାତିରେ ତାକୁ ଭାତ ଦେବାକୁ ଚେଷ୍ଟା କଲେ; କିନ୍ତୁ କିଛି ଲାଭ ହେଲା ନାହିଁ । ରାତିରେ ତା ପାଖରେ ସମସ୍ତେ ଶୋଇଛନ୍ତି । ସେ କାହାକୁ ଡାକିନାହିଁ । ତାର କେତେବେଳେ ପ୍ରାଣ ଯାଇଛି, କେହି ଜାଣିପାରିଲେ ନାହିଁ । ଗୋଟିଏ ବୁଢ଼ୀ ତା ପାଖରେ ଶୋଇଥିଲା । କିଛିକ୍ଷଣ ପରେ ସେ ଉଠି ପ୍ରତିମା ଦେହରେ ହାତ ବୁଲାଇଲା । ଦେଖିଲା ପ୍ରତିମାର ଦେହ କାକର ହୋଇଯାଇଛି, ହଲଚଲ କିଛି ହେଉନାହିଁ । ବୁଢ଼ୀଟି ଭୋ କରି ରଡ଼ି ଛାଡ଼ିଲା । ତା କାନ୍ଦ ଶୁଣି ସେ ଘରର ଅନ୍ୟ ଲୋକେ ଉଠିପଡ଼ିଲେ ଓ ଦୁଃଖରେ କାନ୍ଦିବାକୁ ଲାଗିଲେ । ଏମାନଙ୍କ କାନ୍ଦ ଶୁଣି ପାଖ ଲୋକ ସେମାନଙ୍କ ଘରକୁ ଆସିଲେ । ତା ପରେ ସେ ଗାଁର ଜାତି ବନ୍ଧୁମାନଙ୍କୁ ଡକାଗଲା । ପ୍ରତିମା ଖଟ ଉପରେ ଶୋଇଥିଲା । ମରିଯିବା ପରେ ତାକୁ ଆଣି ତଳେ ଶୁଆଇ ଦେଲେ । ତାର ମୁଣ୍ଡ ଉତ୍ତର ଦିଗକୁ ରଖି ଭୂମି ଉପରେ ଶୁଆଇ ଦେଇ ଦୁଇଟି ନୂଆ ଲୁଗା ତା ଉପରେ ଘେରାଇ ଦେଲେ । ଗୋଟିଏ ନୂଆ ଲୁଗା ମଧ୍ୟ ତାକୁ ପିନ୍ଧାଇ ଦେଲେ । ପ୍ରତିମାକୁ ଏଥର ପୋତିବା ପାଇଁ ବାହାରିଲେ । ସେ ଯେଉଁ ଖଟରେ ଶୋଇଥିଲା, ସେ ଖଟକୁ ଓଲଟାଇ ଦେଇ ତା ଉପରେ ଗୋଟିଏ ନୂଆ ଲୁଗା ପାରିଦେଇ ତା ଉପରେ ଶୁଆଇ ଦେଲେ । ତାର ମୁଣ୍ଡ ଉତ୍ତରକୁ ରଖି ସେ ଓଲଟା ଖଟିଆ ଉପରେ ତାକୁ ବୃନ୍ଦାବନ (ବଡ଼ଭାଇର ପୁଅ), ଈଶ୍ୱର ( ବଡ଼ଭାଇର ଜ୍ୱାଇଁ ), ନିଜ ପୁଅ ଓ କକା-ପୁଅ ଭାଇ ଶ୍ମଶାନକୁ ବୋହି ନେଇଗଲେ । ସାଥିରେ ଗ୍ରାମର ଅନେକ ଲୋକ, ନିଜର ସ୍ୱାମୀ ମଧ୍ୟ ଯାଇଥିଲେ । ଶ୍ମଶାନରେ ପହଞ୍ଚି ପ୍ରତିମାକୁ ତଳେ ରଖି ଦେଇ ଗୋଟିଏ ଗାତ ଖୋଳିବାରେ ଲାଗିଲେ । ସାଥିରେ ଯାଇଥିବା ବନ୍ଧୁବାନ୍ଧବମାନେ ମଧ୍ୟ ଗାତ ଖୋଳାରେ ସାହାଯ୍ୟ କରିଥିଲେ । ଗାତର ଲମ୍ବା, ଓସାର, ଗଭୀର ଯଥାକ୍ରମେ ୩ ହାତ, ମୁଠିଣିଏ ଓ ତିନି ହାତ କଲେ । ଗାତଟି ଖୋଳା ଶେଷ ହେବା ପରେ ପ୍ରତିମା ଶୋଇଥିବା ଖଟଟିକୁ ଗାତ ଚାରିପଟେ ସାତଥର ବୁଲାଇ ଶେଷରେ ପ୍ରତିମାକୁ ସେ ଗାତ ଭିତରେ ଲମ୍ବା ଭାବରେ ଉତ୍ତରକୁ ମୁଣ୍ଡ ରଖି ଶୁଆଇ ଦେଲେ । ଗାତଟି ଉତ୍ତର ଦକ୍ଷିଣ-ଭାବରେ ଖୋଳା ହୋଇଥିଲା । ତା ପରେ ନିଜର ପୁଅ ଉତ୍ତର ଆଡ଼କୁ ମୁହଁ କରି ମା'ର ମୁଣ୍ଡ ପାଖରେ ବସି କେତେକ ଜଳନ୍ତା ଘାସ ମୁହଁକୁ ନ ଚାହିଁ ମା'ମୁହଁରେ ପକାଇଲା । ତା ପରେ ସେ ସାତମୁଠା ମାଟି ମଧ୍ୟ ଗାତ ଭିତରକୁ ପକାଇ ସାରି ସେ ଜାଗାରୁ ପଳାଇ ଯାଇ ଅନତି-ଦୂରରେ ଅନ୍ୟମାନଙ୍କୁ ଅପେକ୍ଷା କରି ବସି ରହିଲା । ତା'ପରେ ଯେତେକ ଲୋକ ଥିଲେ କେବଳ ଆଦିବାସୀ-ମାନଙ୍କୁ ଛାଡ଼ି କରି ବାକି ସମସ୍ତେ ସେ ଗାତଟିକୁ ଭଲ ରକମ ମାଟିରେ ଭରିଦେଲେ । ମାଟି ଦେବା ପରେ ସମସ୍ତେ ଗାଧୋଇବାକୁ ଗଲେ । ଗାଧୋଇ ଆସି ମୁଣ୍ଡରେ ହଳଦି ପାଣି ଓ ତୁଳସୀ ପାଣି ଛୁଞ୍ଚିହୋଇ ସମସ୍ତେ ପରସ୍ପର ଘରକୁ ଚାଲିଗଲେ । ସାଙ୍ଗରେ ଯାଇଥିବା ଅନ୍ୟ ଜାତିର ଲୋକ, ଯଥା :—କୁଷ୍ଟା, ଭୂୟାଁ, ଗଉଡ଼ ସେମାନେ ମଧ୍ୟ ଏହି ହଳଦି ଓ ତୁଳସୀ

ପାଣି ମୁଣ୍ଡରେ ଛୁଞ୍ଚ ହୋଇଥିଲେ । ବନ୍ଧୁବାନ୍ଧବ ଓ କୁଟୁମ୍ବମାନଙ୍କର ସ୍ତ୍ରୀମାନେ ମଧ୍ୟ ଗାଧୋଇ ଆସି ସେହି ହଳଦି ଓ ତୁଳସୀ ପାଣି ଛୁଞ୍ଚ ହୋଇଥିଲେ । ସେମାନଙ୍କର କୁଟୁମ୍ବମାନେ ନିଜ ନିଜ ଘରୁ ବ୍ୟବହୃତ ରନ୍ଧା ହାଣ୍ଡିମାନ ବାହାର କରି ବାହାରେ ଫିଙ୍ଗି ଦେଇଥିଲେ । ତା ପରେ ଜାତିଭାଇମାନେ ପ୍ରତ୍ୟେକେ କିଛି କିଛି ଚାଉଳ ଓ କେତୋଟି ନୂଆ ହାଣ୍ଡି, ଆଟିକା ପ୍ରତିମା ଘରେ ଦେଇଥିଲେ ଓ ସେମାନଙ୍କ ଜାତିର ଗୋଟିଏ ସ୍ତ୍ରୀ ସେମାନଙ୍କ ପାଇଁ ଭାତ ଡାଲି ତରକାରି ରାନ୍ଧି ଖାଇବାକୁ ଦେଇଥିଲେ । ଖିଆପିଆ ଶେଷ ହେବା ପରେ ଜାତିଭାଇମାନେ କହିଲେ, "ଦେଖ—ଆମେ ତ ସବୁଦିନ ଏପରି ରାନ୍ଧିବାଢ଼ି ଦେଇ ପାରିବୁ ନାହିଁ । ତୁମେ ଏଣିକି ରାନ୍ଧିବାଢ଼ି ଖାଅ । ଦୁଃଖ କଲେ କିଛି ଲାଭ ହେବ ନାହିଁ ।" ପ୍ରତିମା ଘରର ଲୋକେ ଜାତି ଭାଇମାନଙ୍କୁ କହିଲେ, "ଆମର ହେମଗିରିର ଭାଇର ପୁଅ, ଜପାଙ୍ଗ ଭାଇମାନଙ୍କ ପାଖକୁ, ରାଉରକେଲାରେ ଥିବା ଭଉଣୀ, ଭାଇର ପୁଅ, ପଞ୍ଚମହଲ ଶ୍ୱଶୁର ଘରକୁ ଟିକିଏ ଖବର ପଠାଇ ଦିଅ । ସେମାନେ ମଧ୍ୟ ହାଣ୍ଡି ବାହାର କରିଦେବେ ।" ଜାତିଭାଇମାନେ ଏ ସବୁ ଜାଗାକୁ ଓ ମହାପ୍ରସାଦ ବନ୍ଧୁମାନଙ୍କୁ ଖବର ପଠାଇଦେଲେ । ସେମାନେ ଖବର ପାଇ ସେହିପରି ଗାଧୋଇ ହଳଦି ଓ ତୁଳସୀ ପାଣି ଦେହରେ ଛୁଞ୍ଚ ହୋଇ ହାଣ୍ଡି ବାହାର କରିଥିବେ । ସେମାନେ ପ୍ରତିମା ମରିବାର ସାତଦିନଠି ଶୁଦ୍ଧ ହୋଇ, ଖିଅର ହୋଇ ଠିକ୍ ଦଶଦିନ ଆସି ପ୍ରତିମା ଘରେ ପହଞ୍ଚିଲେ । ଏଣେ ପ୍ରତିମା ମରିବାର ତିନି ଦିନଠି ପୁଣି ଥରେ ଯେଉଁମାନେ ପ୍ରତିମାକୁ କବର ଦେଇଥିଲେ, ସେମାନେ ଖିଅର ହୋଇ ତେଲ ହଳଦି ଲଗାଇ ଗାଧୋଇଥିଲେ । ଅନ୍ୟ ଜାତିର ଲୋକେ ଗାଧୁଆ ପରେ ଯେଝା ଘରକୁ ଚାଲିଯାଇଥିଲେ; କିନ୍ତୁ ନିଜ ଜାତିର ଲୋକେ ପ୍ରତିମା ଘରେ ରନ୍ଧା ହୋଇଥିବା ଭାତ, ଡାଲି ଓ ତରକାରି ଖାଇସାରି ଯେଝା ଘରକୁ ଯେ ଯାଇଥିଲେ । ଦଶଦିନ ଦଶାହ କାର୍ଯ୍ୟ ହୋଇଥିଲା । ଏ ମଧ୍ୟରେ ଦଶଦିନ ପାଇଁ ସମସ୍ତ ଜିନିଷପତ୍ର ଆୟୋଜନ କରାଯାଇଥିଲା । ସେ ଦିନ ବନ୍ଧୁବାନ୍ଧବ, ମିତ୍ର, ମହାପ୍ରସାଦ, ଜାତି, ପରଜାତି, ଗ୍ରାମର ଭଦ୍ରଲୋକ ସମସ୍ତେ ଆସି ପ୍ରତିମା ଘରେ ପହଞ୍ଚିଲେ । ସେ ଦିନ ସକାଳେ ଗାଁର ଧୋବା ଓ ଭଣ୍ଡାରୀକୁ ଖବର ଦିଆଗଲା ଓ ଗ୍ରାମର ଅନ୍ୟ ପରିଚିତ ଲୋକମାନଙ୍କୁ ମଧ୍ୟ ଖବର ଦିଆ ହୋଇଥିଲା । ସେ ଦିନ ସକାଳୁ ପ୍ରତିମା ଘର ଦୁଆରେ ଜଣେ ଜାତି ଲୋକକୁ ବସାଇଦେଲେ । ପାଖରେ ଗୋଟିଏ ଥାଳି ରଖାଯାଇଥାଏ ଓ ତେଲ ହଳଦି ଥାଏ । ବନ୍ଧୁବାନ୍ଧବ, ଜାତିଭାଇ ଇତ୍ୟାଦି ଲୋକମାନେ ଯେ ଯାହା ପଇସା ହେଉ କି ଚାଉଳ ହେଉ କିଣି ଆଣି ଏହି ଲୋକ ପାଖରେ ଜମା କରିଥିଲେ । କୌଣସି ଲୋକ ଆସିଲେ ଏ ଲୋକଟି ପୁରୁଷ ହୋଇଥିଲେ କେବଳ ତେଲ, ସ୍ତ୍ରୀ ହୋଇଲେ ତେଲ ଓ ହଳଦି ଉଭୟ ଦେଉଥିଲେ । ପର ଜାତିର ଲୋକମାନେ ଖିଅର ହୋଇ ତେଲ ହଳଦି ଲଗାଇ ଗାଧୋଇ ସାରି ପରସ୍ପର ଘରକୁ ଚାଲିଯାଇଥିଲେ; କିନ୍ତୁ ଜାତିଭାଇମାନେ ତେଲ ଲଗାଇ ଏକତ୍ର ଗାଧୋଇବାକୁ ଯାଇଥିଲେ । ତେଣେ ଜାତିର ସ୍ତ୍ରୀମାନେ ମଧ୍ୟ ତେଲ ହଳଦି ଲଗାଇ ଗାଧୋଇବାକୁ ଯାଇଥିଲେ । ସାଙ୍ଗରେ ପ୍ରତିମାର ପୁଅ, ବୋହୂ (ପୁଅର ସ୍ତ୍ରୀ) ଗୋଟିଏ ଆଟିକା, ଖଣ୍ଡେ ଖପରା ଓ କିଛି ଚାଉଳ, ୩ ଖଣ୍ଡ ନୂଆ ଲୁଗା, ଖଣ୍ଡେ ସାହାଜ କାଠ, ଟିକିଏ ହଳଦି ଧରି ଯାଇଥିଲେ । ସମସ୍ତ ସ୍ତ୍ରୀ ଲୋକମାନେ ପ୍ରତିମାକୁ କବର ଦେବା ସ୍ଥାନରେ ଯାଇ ପହଞ୍ଚିଲେ । ପୁଅ, ସ୍ତ୍ରୀ ସେଠାରେ ଭାତ ରାନ୍ଧି ୩ଟି ପତ୍ର ଦନାରେ ଭାତ ଦେଇ, ପ୍ରତିମାର ମୁଣ୍ଡ ପାଖେ ନେଇ ଥୋଇଥିଲେ । ତା ପରେ ସେଠାରୁ ସମସ୍ତେ ଚାଲିଯାଇ ନଦୀରେ ଗାଧୋଇଲେ । ଗାଧୋଇ ସାରି ପୁଅର ସ୍ତ୍ରୀ ଗୋଟିଏ ନୂଆ ଲୁଗା ପିନ୍ଧିଲା । ଆଟିକାରେ ପାଣି ଭର୍ତ୍ତି କଲା ଓ ତହିଁରେ ହଳଦି ଟିକିଏ ମଧ୍ୟ ପକାଇ ଦେଲା । ନଦୀରୁ ଗୋଟିଏ ଛୋଟ ମାଛ ଧରି ସେ ଆଟିକା ପାଣିରେ ଛାଡ଼ିଦେଲା । ଏହା ପରେ ଏହି ପାଣି ଆଟିକାକୁ ଗୋଟିଏ ନୂଆ ଲୁଗାରେ

ଘୋଡ଼ାଇ ଆଉ ଗୋଟିଏ ନୂଆ ଲୁଗା ମୁଚୁଳା କରି ମୁଣ୍ଡରେ ଥୋଇ ତା ଉପରେ ପାଣି ଆଟିକାଟି ରଖି ଅନ୍ୟ ସ୍ତ୍ରୀମାନଙ୍କ ସଙ୍ଗରେ ଘରକୁ ଆସିଲା । ସେମାନେ ବାଟରେ ଆସିଲା ବେଳେ ହୁଳହୁଳି ଦେଇ ଆସିଥିଲେ । ଘରେ ପହଞ୍ଚି ସେ ପାଣି ଆଟିକାଟିକୁ ରନ୍ଧାଘରେ ଯତ୍ନରେ ରଖିଦେଲେ । ଏହା ପୂର୍ବରୁ ଘରଦ୍ୱାର ସବୁ ଲିପାପୋଛା ହୋଇ ସଫାସୁତୁରା ହୋଇଥିଲା ।

ଆଗରୁ ବ୍ରାହ୍ମଣ ଡକା ହୋଇଥିଲା । ପାଣି ଆଟିକା ଆସିବା ପରେ ବ୍ରାହ୍ମଣ ଘରେ ହୋମକାର୍ଯ୍ୟ ଆରମ୍ଭ କରିଦେଲେ । ଏହି ହୋମରେ ବ୍ରାହ୍ମଣଙ୍କୁ କିଛି ଭାଙ୍ଗ, ଗୋଟିଏ ଗାଈ, ଦଶ ଦାନକୁ ଦଶମାଣ ଚାଉଳ ଓ ବାରମାସକୁ ୧୨ ମାଣ ଚାଉଳ, ସୁନାପାଇଁ ଟ୨୮, ନୂଆ ଲୁଗା ୪ଖଣ୍ଡ, ଗୋଟିଏ ନୂଆ ଥାଳି ଦାନ ଦିଆଯାଇଥିଲା । ଲକ୍ଷ୍ମଣ ( ଜଣେ ଜାତିର ଲୋକ ) ଏକ ମାଣ ଚାଉଳ ଓ ଏକ ଅଣା ପଇସା ବ୍ରାହ୍ମଣଙ୍କୁ ଦେଇଥିଲା । ଏପରି ଇତର ଲୋକେ ଯେ ଯାହା ବ୍ରାହ୍ମଣଙ୍କୁ ଦେଇଥିଲେ ସେ ସବୁ ଏ ବ୍ରାହ୍ମଣ ଉପସ୍ଥିତ ଥିବା ଅନ୍ୟ ବ୍ରାହ୍ମଣମାନଙ୍କ ମଧ୍ୟରେ କିଛି ବାଣ୍ଟି ଦେଇଥିଲେ । କିନ୍ତୁ ପ୍ରତିମାଘରୁ ଯାହା ସବୁ ଦିଆଯାଇଥିଲା, ସେସବୁ ବ୍ରାହ୍ମଣ ଜଣକ ନେଲେ । କାରଣ ସେ ଘରର ପୁରୋହିତ । ଏ ହୋମରେ ବଡ଼ପୁଅ ବସିଥିଲା । ସେ ଲଣ୍ଡା ହୋଇଥିଲା । ହୋମ ପରେ ପୁରୋହିତ ସମସ୍ତଙ୍କୁ ହୋମଘିଅ ଟିକିଏ ଟିକିଏ ବାଣ୍ଟି ଦେଇଥିଲେ । ଏହା ପରେ ପୁଅର ସ୍ତ୍ରୀ ନଦୀରୁ ଆଣିଥିବା ପାଣିରେ ସେହି ଆଟିକାରେ କିଛି ଜାଉ କରିଥିଲେ । ଏଥିରେ ଯେତେକ ପଇସା ପଡ଼ିଥିଲା ସେ ସବୁ ପୁଅବୋହୂ ବାହାର କରି, ଦେଇଥିବା ସ୍ତ୍ରୀମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେଇଥିଲେ ଓ ସାହାଜ କାଠର ପିଢ଼ାଟି ରନ୍ଧାଘରେ ରଖି ଦେଇଥିଲେ । ଏଣେ ଆଗନ୍ତୁକ ଜାତିବନ୍ଧୁ କୁଟୁମ୍ବ ଓ ଗ୍ରାମଲୋକଙ୍କ ପାଇଁ ଭାତ ଡାଲି ତରକାରି ରନ୍ଧା ହୋଇଥିଲା । ସମସ୍ତ ରନ୍ଧା ହେବା ପରେ ଜାତି ବନ୍ଧୁମାନଙ୍କୁ ଖାଇବାକୁ ଦିଆହୋଇଥିଲା । ନିଜେ ପ୍ରତିମାର ପୁଅବୋହୂ ରାନ୍ଧିଥିବା ଜାଉକୁ ଟିକିଏ ଟିକିଏ ସମସ୍ତଙ୍କ ପତ୍ରରେ ପରଷି ଦେଇଥିଲେ । ଖାଇସାରିବା ପରେ ଯେଉଁ ଶ୍ଳୋଟ ମାଛଟି ଅଣାଯାଇଥିଲା, ତାକୁ ନେଇ ସେହି ନଦୀରେ ଛାଡ଼ି ଦେଇଥିଲେ । ଦଶଦିନର କାର୍ଯ୍ୟ ଏତିକରେ ଶେଷ ହୋଇଥିଲା । ଏଗାର ଦିନ ମଧ କିଛି କ୍ରିୟା ହୋଇଥିଲା । ପ୍ରତିମାର ପୁଅ ଗାଧୋଇ ଆସି ରନ୍ଧାଘରେ ଘିଅ, ଗୋରସ, ଚାଉଳ ଦେଇ ଧୂପଦୀପ ଦେଇ ସମସ୍ତ ପୂର୍ବପୁରୁଷଙ୍କୁ ପୂଜା କରିଥିଲେ । ଏଠାରେ ଆସିଥିବା ସମସ୍ତ ଜାତିବନ୍ଧୁ କୁଟୁମ୍ବାଦି ଲୋକ ଥିଲେ । ପିତୃପିତାଙ୍କ ନାମରେ ସେଠାରେ ଗୋଟିଏ ଛେଳି ବଳି ଦିଆଯାଇଥିଲା ଓ ଏହାର ରକ୍ତ ଭୂଇଁ ଉପରେ ରଖାଯାଇଥିବା ପୂଜା ଚାଉଳ ଉପରେ ଟୋପା ଟୋପା କରି ପକାଯାଇଥିଲା । ଏହି ଜାଗାରେ ସେ ସାହାଜ କାଠର ପିଢ଼ା ଖଣ୍ଡିକ ମଧ୍ୟ ପୂଜା କରାଯାଇଥିଲା । ତା ପରେ ଘରେ ଭାତ, ଡାଲି, ବଳିମାଂସ ରନ୍ଧା ହୋଇ ଜାତି ବନ୍ଧୁମାନଙ୍କୁ ଖାଇବାକୁ ଦିଆଗଲା । ସେ ଦିନ ପାଖରୁ ଆସିଥିବା ବନ୍ଧୁମାନେ ବିଦାୟ ନେଇ ଚାଲିଗଲେ; କିନ୍ତୁ ଦୂରରୁ ଆସିଥିବା ବନ୍ଧୁମାନେ ରହିଯାଇ ତହିଁ ଆରଦିନ ଗଲେ । ଯେତକ ସଞ୍ଜା ଆସିଥିଲା, ସେ ସବୁ ଉପଯୁକ୍ତ ଭାବରେ ଘରକୁ ଚାହିଁ ପରଜାତି ଭାଇମାନଙ୍କ ଘରକୁ ପଠାଇ ଦେଇଥିଲେ ।

ଦଶବାର ବର୍ଷ ପୂର୍ବେ ଏମାନେ ପ୍ରେତାତ୍ମାକୁ ଏହି ଏଗାର ଦିନ ରାତିରେ ଡାକି ଆଣୁଥିଲେ । ଡାକି ଆଣିବାର ଗୋଟିଏ ବାଟ ଥିଲା । ରନ୍ଧାଘର କାନ୍ଥରେ ଗୋଟିଏ ରନ୍ଧ୍ର କରି ଦେଉଥିଲେ ଓ ଏହି ରନ୍ଧ୍ରବାଟେ କିଛି ଚାଉଳ ଗୁଣ୍ଡା ରନ୍ଧାଘରେ ବିଞ୍ଚି ଦେଉଥିଲେ ଓ ରନ୍ଧାଘରେ କେହି ପ୍ରବେଶ କରୁ ନ ଥିଲେ । ରାତି ହେଲେ ଘରର କୁଟୁମ୍ବ ଓ ଜାତି ଲୋକମାନେ ଠେଙ୍ଗାବାଡ଼ି ଧରି କାନ୍ଥ ଚାଳ ବାଡ଼େଇ ଚାଲିଯାଇଥିବା ଆତ୍ମାକୁ ଡାକୁଥିଲେ—"ତୁ ଗଛରେ ଅଛୁ କି ବାଡ଼ରେ ଅଛୁ, ଯେଉଁଠାରେ ଅଛୁ, ସେଠାରୁ ଚାଲି ଆସ ।"




ସୁନାବେଢ଼ା ଆଶ୍ରମଙ୍କ ଲରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଣ୍ଡିତ ଗୋବିନ୍ଦବଲ୍ଲଭ ପନ୍ତ



ଗାଦବା ନୃତ୍ୟ

ତା'ପରେ କଂସା ଶଙ୍ଖ କରି କରି ଘରକୁ ଫେରି ଆସି ରନ୍ଧାଘର ଖୋଲି ଦେଖୁଥିଲେ—ସାପର ଚିହ୍ନ କି ବଲେଇ ଖୋଜ, କି ପିମ୍ପୁଡ଼ିର ଚାଲିବାଠାର ଏପରି କୌଣସି ଚିହ୍ନ ସେ ଚାଉଳ ଗୁଣ୍ଡା ଉପରେ ପଡ଼ିଛି କି ନାହିଁ । କୌଣସି ଚିହ୍ନ ପଡ଼ିଥିବାର ସୂଚନା ପାଇଲେ ଜାଣୁଥିଲେ ଯେ ସେ ଚିହ୍ନ ଯେଉଁ ଜନ୍ତୁର ପଡ଼ିଛି, ଆତ୍ମା ତାର ଉପରେ ଚଢ଼ି ଘରକୁ ଆସିଛି । ତା'ପରେ ସେଠାରେ ଗୋଟିଏ ଛେଳି ବଳି ଦିଆଯାଉଥିଲା ଓ ଶେଷରେ ଭୋଜଭାତ ରନ୍ଧାଯାଇ ସମସ୍ତଙ୍କୁ ପରିତୃପ୍ତ କରାଯାଉଥିଲା । ଏ ପ୍ରଥା ଯେତେବେଳେ ଏମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା, ସେତେବେଳେ ଆଠିକାରେ ମାଛ ଆଣିବାକୁ ପଡ଼ୁ ନ ଥିଲା । କିନ୍ତୁ କାଳକ୍ରମେ ହିନ୍ଦୁ ସମାଜ ମଧ୍ୟରେ ବହୁକାଳ ନିରବଚ୍ଛିନ୍ନ ଭାବରେ ରହିବା ଫଳରେ କେତେକ ହିନ୍ଦୁ କୁଳପ୍ରଥା ସେମାନେ ଗ୍ରହଣ କରିବା ଛଡ଼ା ନିଜର ମନଗଢ଼ା କେତେକ ପ୍ରଥା ତହିଁରେ ମିଶାଇ ପାଳନ କରୁଛନ୍ତି ।



# ଆଦିବାସୀଙ୍କର ଅର୍ଥନୀତି

## ଅମ୍ବାଲାଲ ବ୍ୟାସ

ଆଦିବାସୀମାନଙ୍କର ଅର୍ଥନୈତିକ ପରିସ୍ଥିତି ମୁଁ ଜଣେ କର୍ମକର୍ତ୍ତା ଭାବରେ ବିଚାର କରୁଛି । ତାର ଅର୍ଥ ନୁହେଁ ଯେ, ବୈଷୟିକ ଜ୍ଞାନର ଉପାଦେୟତା ନାହିଁ; ବରଂ ଜଣେ ବାସ୍ତବବାଦୀ ନିଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଓ ଅନତିବିଳମ୍ବେ ଏହି ଲକ୍ଷ୍ୟ ହାସଲ କରିବାର ବିଭିନ୍ନ ପନ୍ଥା ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ହେବା ଦରକାର ।

ଓଡ଼ିଶାର ଆଦିବାସୀମାନେ ବିଭିନ୍ନ ଅର୍ଥନୈତିକ ସ୍ତରରେ ଦେଖାଯାନ୍ତି । କେତେକ ଏ ପର୍ଯ୍ୟନ୍ତ ଶିକାର ଇତ୍ୟାଦିଦ୍ୱାରା ଜୀବିକା ଅର୍ଜନ କରନ୍ତି; କିନ୍ତୁ ଅଧିକାଂଶ ଏହି ସ୍ତର ଟପି ଯାଇଛନ୍ତି । କେବଳମାତ୍ର କେତେ ଶହ ବିକ୍ଷିପ୍ତ ଆଦିବାସୀମାନଙ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ ଅଧିକାଂଶ ଆଦିବାସୀ ଜଙ୍ଗଲ ସଂରକ୍ଷଣ ଓ ଶିକାରନିରୋଧ ଫଳରେ ଏହି ପନ୍ଥା ଛାଡ଼ିବାକୁ ବାଧ ହୋଇଛନ୍ତି । ବନ୍ୟଜନ୍ତୁମାନେ ଧୀରେ ଧୀରେ ବିଲୋପ ହୋଇଯାଉଥିବା ଫଳରେ ସରକାର ଶିକାର-ନିରୋଧ କରିବା ପାଇଁ ବ୍ୟବସ୍ଥା କରିଛନ୍ତି ଓ ବନ୍ୟଜନ୍ତୁ ସଂଗ୍ରହାଗାର ମାନ ସ୍ଥାପନ କରିବାକୁ ମନସ୍ଥ କରି ଅଛନ୍ତି । ଏହିସବୁ କାରଣରୁ ଆଦିବାସୀମାନଙ୍କୁ ଶିକାରଦ୍ୱାରା ବନ୍ୟଜନ୍ତୁ ଧ୍ୱଂସ କରିବାକୁ ସୁବିଧା ଦେବା ସମ୍ଭବ ନୁହେଁ ଓ ଶିକାର କେବଳ ଜୀବିକା ଅର୍ଜନର ଗୌଣ ପନ୍ଥାରୂପେ ରହିପାରେ । କେବଳ ବନସଂରକ୍ଷକମାନଙ୍କୁ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଆଦିବାସୀମାନଙ୍କ ପ୍ରତି କଠୋର ନ ହେବା ପାଇଁ ଅନୁରୋଧ କରାଯାଇପାରେ । ଶିକାର ପାଇଁ ଅନୁମତି ଦେବା ସମୟରେ ଆଦିବାସୀମାନଙ୍କୁ ବିଶେଷ ସୁବିଧା ଦେବା ଉଚିତ । ସେମାନଙ୍କର ପାରମ୍ପରିକ ପାରିଧି ପାଇଁ ନିୟମକୁ ସାମାନ୍ୟ କୋହଳ କରିଦେବା ଆବଶ୍ୟକ ।

ସମାଜ-ତତ୍ତ୍ୱବିତ୍ ଓ ନୃତତ୍ତ୍ୱବିତ୍‌ମାନଙ୍କ ମତରେ ଫଳ ପୁଷ୍ପ ସଂଗ୍ରହକାରୀ ସ୍ତରରେ ମଧ୍ୟ କେତେକ ଆଦିବାସୀ ଅଛନ୍ତି । ଏ ଶ୍ରେଣୀର ଆଦିବାସୀମାନେ ଜଙ୍ଗଲଜାତ ଘାସ, କାଠ, ବାଉଁଶ, ଲାଖ, ଅଠା, ହଳଦୀ ଓ ହରିଡ଼ା ପ୍ରଭୃତି ବିଭିନ୍ନ ଫଳପୁଷ୍ପ ସଂଗ୍ରହ କରି ଏହାର ବଦଳରେ ଅନ୍ୟାନ୍ୟ ଖାଦ୍ୟ ଜିନିଷ ପାଇଥାନ୍ତି । ଏମାନଙ୍କୁ ମୁଖ୍ୟତଃ ବନ୍ୟ-ଅର୍ଥନୀତି ସ୍ତରରେ ଗଣନା କରାଯାଇଥାଏ । ଏତଦ୍ ବ୍ୟତୀତ କେତେକାଂଶରେ ଆଦିବାସୀମାନେ ଜଙ୍ଗଲ ମଜଦୁର ଭାବରେ ନିଜର ଜୀବିକା ଅର୍ଜନ କରିଥାନ୍ତି । ଏମାନଙ୍କ ସମ୍ବନ୍ଧରେ ଆଜି ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଆଯାଇ ପାରିନାହିଁ । ବର୍ତ୍ତମାନ ସମାଜବୈଜ୍ଞାନିକ, ଆଦିବାସୀ କଲ୍ୟାଣ କର୍ମକର୍ତ୍ତାଗଣ ତଥା ରାଜ୍ୟ ସରକାରମାନେ ଏମାନଙ୍କ ପ୍ରତି ଧ୍ୟାନ ଦେଲେଣି ।

ଜଙ୍ଗଲରେ ବସବାସ କରୁଥିବା ଆଦିବାସୀମାନେ ଜଙ୍ଗଲ ନଷ୍ଟ ନ କରି ତାହାର ପୂର୍ଣ୍ଣ ଉପକାରିତା ଉପଭୋଗ କରିବାର ସୁବିଧା ପାଇପାରିଲେ ସରକାରୀ ଓ ବେସରକାରୀ ମହଲରେ ଚିନ୍ତାର ବସ୍ତୁ ହୋଇଥିବା ଆଦିବାସୀମାନଙ୍କ ସମସ୍ୟା ସମାଧାନ କରିବାରେ ବହୁପରିମାଣରେ ସୁବିଧା ହେବ । ସମସ୍ତ ଭାରତରେ ଆଦିବାସୀ ସମସ୍ୟାର ସମାଧାନ ଜଙ୍ଗଲ ସମବାୟ ସମିତିର ସ୍ଥାପନଦ୍ୱାରାହିଁ ସମ୍ଭବ । ଜଙ୍ଗଲ କଣ୍ଟ୍ରାକ୍ଟରମାନେ ଜଙ୍ଗଲ ଓ ଆଦିବାସୀ ଉଭୟଙ୍କ ହିତ ପ୍ରତି ନଜର ନ ଦେଇ ଜଙ୍ଗଲମାନ ନଷ୍ଟ କରୁଛନ୍ତି । ଯଦି ଆଦିବାସୀମାନଙ୍କୁ ଜଙ୍ଗଲର ଯତ୍ନ ନେବାକୁ

ଛାଡ଼ିଦିଆଯିବା ସଙ୍ଗେ ସଙ୍ଗେ ଜଙ୍ଗଲ ସହଯୋଗ ସମିତି ଦ୍ୱାରା ଜଙ୍ଗଲର ସୁବିଧା ଭୋଗ କରିବାର ନିଶ୍ଚୟତା ସେମାନଙ୍କୁ ଦିଆଯାଉ। ତେବେ ସେମାନେ ଜଙ୍ଗଲର ଶତ୍ରୁ ବା ନଷ୍ଟକାରୀ ବୋଲି ଗଣ୍ୟ ହେବା ବଦଳରେ ଏହାର ବନ୍ଧୁ ଓ ରକ୍ଷାକାରୀରେ ପରିଣତ ହୋଇପାରନ୍ତେ ।

ଆଦିବାସୀଙ୍କ ହିତଦୃଷ୍ଟିରୁ ବନ୍ୟ ଆର୍ଥିକ ପରିସ୍ଥିତିର ଉନ୍ନତିପାଇଁ ସମବାୟ ସମିତି ସଂଗଠନ କରିବା ବର୍ତ୍ତମାନ ସମୟରେ ଅତି କଷ୍ଟକର । କାରଣ ଅଧିକାଂଶ ଆଦିବାସୀ ପ୍ରାୟ ଅଶିକ୍ଷିତ ବା ନାମମାତ୍ର ଶିକ୍ଷିତ । ଅଣଆଦିବାସୀମାନଙ୍କ ଅପେକ୍ଷା ଆଦିବାସୀମାନେ ସାମ୍ପ୍ରଦାୟିକ ଜୀବନଯାପନ ଓ ପରସ୍ପର ମଧ୍ୟରେ ସହଯୋଗ କରିବାରେ ଅଧିକ ନିପୁଣ ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ସମବାୟ ସମିତି ଗଠନ କରିବା ଏତେ ସହଜ ନୁହେଁ । ବର୍ତ୍ତମାନ ପ୍ରଚଳିତ ନିୟମ, ଆଇନମାନ ଆଦିବାସୀମାନଙ୍କ ପକ୍ଷେ ବିଶେଷ ଆକର୍ଷଣୀୟ ହୋଇନାହିଁ । ମାନବିକ ଓ ସହାନୁଭୂତିଶୀଳ ବିଚାର ନ ରହିଲେ ସମବାୟ ସମିତିମାନ ଗଠନ ହେବା ପ୍ରାୟ ସମ୍ଭବ ନୁହେଁ ବା ଗଠନ ହେଲେ ଭଲଭାବରେ କାମ କରିବା ଅସମ୍ଭବ । ଏହି ବିଷୟ ଗୁରୁତ୍ୱପୂର୍ଣ୍ଣ ଭାବରେ ବିଚାର କରି ଦରକାର ଅନୁଯାୟୀ ବର୍ତ୍ତମାନର ନିୟମ ଓ ଆଇନମାନ ପରିବର୍ତ୍ତନ କରିବା ଉଚିତ ।

ବମ୍ବେ ପ୍ରଦେଶରେ ଋଣ ସମବାୟ ସମିତି, ଜଙ୍ଗଲ ସମବାୟ ସମିତିମାନ ଆରମ୍ଭ କରାଯାଇଛି । ସେମାନେ ଅତି ଉତ୍କୃଷ୍ଟଭାବେ କାମ କରୁଛନ୍ତି । କିନ୍ତୁ ସେହି ରାଜ୍ୟରେ ଅନେକଗୁଡ଼ିଏ ବେସରକାରୀ ଅନୁଷ୍ଠାନ ଅଛି । ସେମାନେ ଆଦିବାସୀମାନଙ୍କର ଉନ୍ନତି ନିମନ୍ତେ ବିଶେଷ ଯତ୍ନ ନିଅନ୍ତି । ଏପରି କି ଅବୈତନିକ ସଂଗଠକ ଓ ସେକ୍ରେଟାରୀମାନେ ସମିତିର ଦୈନନ୍ଦିନ ମାମୁଲି କାର୍ଯ୍ୟାବଳୀର ଯତ୍ନ ନିଅନ୍ତି ।

ଆମର ଏହି ଓଡ଼ିଶାରେ ମଧ୍ୟ ନିଜେ ଯତ୍ନ ନେଇ ନିଃସ୍ୱାର୍ଥଭାବେ ବନ୍ୟ ଅର୍ଥନୀତିର ଉନ୍ନତି କରିବାକୁ ଚେଷ୍ଟା କରିବା ଉଚିତ । ଆଦିବାସୀମାନେ ଯଥାର୍ଥ ଭାବେ ଜଙ୍ଗଲରୁ ଲାଭ ପାଇବାପାଇଁ ବ୍ୟବସ୍ଥା କରିବା ଦରକାର । ସରକାର ମଧ୍ୟ ଏଥିରୁ ଭଲ ଆୟ କରିପାରିବେ । ମଝି-ଲୋକଙ୍କର ଫାଇଦା ଉଠାଇବା ବନ୍ଦ ହୋଇଯିବ । ଏହା ଫଳରେ ଆଦିବାସୀମାନଙ୍କ ଜଙ୍ଗଲ ପ୍ରତି ଥିବା ମତର ଏକ ପୂରା ପରିବର୍ତ୍ତନ ଘଟିବ ।

# କଳାହାଣ୍ଡିର ଡଙ୍ଗରିଆ କନ୍ଧ

## ନିତ୍ୟାନନ୍ଦ ଦାସ

କଳାହାଣ୍ଡି ରାଜ୍ୟ ଓ ସମ୍ବଲପୁରର ଏକ ସବ୍‌ଡିଭିଜନ ନେଇ ଗଠିତ କଳାହାଣ୍ଡି ଜିଲ୍ଲା ମଣିଷଖିଆ ଜନ୍ତୁମାନଙ୍କର ଉପଦ୍ରବ ପାଇଁ ସୁବିଦିତ । ପ୍ରତି ବର୍ଷ ଅନେକ ଲୋକଙ୍କର ମୂଲ୍ୟବାନ ଜୀବନ ଏମାନଙ୍କଦ୍ୱାରା ନଷ୍ଟ ହୋଇଥାଏ । କ୍ରମଶଃ ଜଙ୍ଗଲମାନ ସଫା ହୋଇ ପୋଡୁଚାଷ ପ୍ରଣାଳୀର ପ୍ରଚଳନ ଫଳରେ ଜଙ୍ଗଲ ପାତଳ ହେଉଅଛି, ତଥାପି ଏଠାରେ ସୁବିସ୍ତୀର୍ଣ୍ଣ ମୂଲ୍ୟବାନ ଘନ ଜଙ୍ଗଲ ଏବେ ମଧ୍ୟ ଦେଖିବାକୁ ମିଳେ । ପ୍ରକୃତିର ଏହିଭଳି ବେଷ୍ଟନୀ ମଧ୍ୟରେ, ପାହାଡ଼ମାନଙ୍କ ଉପରେ ଡଙ୍ଗରିଆ କନ୍ଧ-ମାନଙ୍କର ବାସସ୍ଥାନ । କନ୍ଧମାନେ ସାଧାରଣତଃ ପ୍ରଦେଶରେ କୋରାପୁଟ, କଳାହାଣ୍ଡି ଓ ଫୁଲବାଣୀ ଲଗାଏତ ଅଞ୍ଚଳରେ ବାସ କରନ୍ତି । କୁଟିଆ, ଦେଶିଆ, ଜୁଡ଼ିଆ, ଠାକରା ପ୍ରଭୃତି ବିଭିନ୍ନ ଶ୍ରେଣୀରେ କନ୍ଧମାନେ ବିଭକ୍ତ ଓ ଏମାନଙ୍କର ନରବଳି ପ୍ରଥା ପ୍ରାୟ ସର୍ବତ୍ର ବିଖ୍ୟାତ । ଆଜି ଅବଶ୍ୟ ଏ ନରବଳି ପ୍ରଥା ନାହିଁ । ବହୁ ଉଦ୍ୟମ, ଶାସ୍ତି ଓ କଡ଼ା ନିୟମ ପ୍ରଣୟନଦ୍ୱାରା ଏହା ଲୋପ ପାଇଛି । ମାତ୍ର ଏବେ ମଧ୍ୟ ମଣିଷ ବଦଳରେ ମଇଁଷି ଓ ଅନ୍ୟାନ୍ୟ ଜନ୍ତୁ ବଳି ସେମାନେ ଦେଇଥାନ୍ତି ।

ଏହି ବିଭିନ୍ନ ଶ୍ରେଣୀ ମଧ୍ୟରୁ ଦେଶିଆ ଶ୍ରେଣୀକୁ ଛାଡ଼ିଦେଲେ ଅନ୍ୟ ଶ୍ରେଣୀମାନେ ପ୍ରାୟ ଅନୁନ୍ନତ ଅବସ୍ଥାରେ ଅଛନ୍ତି । ଦେଶିଆମାନେ ନାମାନୁଯାୟୀ ସେଠାକାର ଉନ୍ନତ ଅଧିବାସୀମାନଙ୍କ ସହ କ୍ରମଶଃ ମିଶି ଗଲେଣି । ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜର ଭାଷା ଭୁଲି ଗଲେଣି ଓ କେବଳ ଓଡ଼ିଆ ଭାଷା କହନ୍ତି । ସେମାନେ ସ୍ଥାୟୀ କୃଷକ ଓ ବ୍ୟବସାୟୀ ।

କୁଟିଆମାନେ ସେମାନଙ୍କର ଅବସ୍ଥା ନେଇ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ 'କୁଇ' ଭାଷା କହନ୍ତି । ପୋଡୁଚାଷହିଁ ଏମାନଙ୍କର ପ୍ରଧାନ ଜୀବିକା । ଏହି କନ୍ଧମାନଙ୍କ ମଧ୍ୟରେ ପୂରାପୂରି ପୋଡୁଚାଷ ଉପରେ ନିର୍ଭର କରୁଥିବା ଓ ପାହାଡ଼ ଉପରେ ବାସ କରୁଥିବା ଜାତିକୁ ଡଙ୍ଗରିଆ କନ୍ଧ କୁହାଯାଏ । ସେମାନଙ୍କର ନାମକରଣ 'ଡଙ୍ଗରିଆ'; ଅର୍ଥାତ୍ 'ଡଙ୍ଗର' ପଦରୁ ହୋଇଅଛି ।

ଅଭେଦ୍ୟ ପାର୍ବତ୍ୟ ଭୂମି ଓ ଦୁର୍ଗମ ପର୍ବତ ଗହ୍ୱରମାନ ଅତିକ୍ରମ କରି ଗୋଟିଏ ଡଙ୍ଗରିଆ ଗ୍ରାମ ଦେଖିବାର ସୁଯୋଗ ମୁଁ ପାଇଥିଲି । ତେତେବେଳକୁ ଗ୍ରାମର ଅକର୍ମଣ୍ୟ ବ୍ୟକ୍ତି ବୁଢ଼ୀ ଓ କେତେକ ପିଲାଙ୍କୁ ଛାଡ଼ି ପ୍ରାୟ ସମସ୍ତ ଅଧିବାସୀ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ସେମାନଙ୍କ ସହିତ ଆଳାପ କରିବାପାଇଁ ଆସିବା ହିଁ ଆମ୍ଭମାନଙ୍କର ଉଦ୍ଦେଶ୍ୟ—ଏକଥା ବୁଝାଇ ସେମାନଙ୍କୁ ରାଜି କରିବାକୁ ଆମକୁ ବହୁତ ସମୟ ଲାଗିଥିଲା । ଏଥିପାଇଁ ଆମ୍ଭମାନଙ୍କର ସମସ୍ତ ବୁଦ୍ଧି ଓ ଜ୍ଞାନ ଏକ ପ୍ରକାର ପରୀକ୍ଷାର ସମ୍ମୁଖୀନ ହୋଇଥିଲା । ସର୍ବଶେଷରେ ଡମ ଜାତିର ଗ୍ରାମ ଚୌକିଦାରର ସ୍ତ୍ରୀ ସାହାଯ୍ୟରେ ଆମ୍ଭେମାନେ ଆମ୍ଭ କାର୍ଯ୍ୟରେ ସିଦ୍ଧିଲାଭ କରିଥିଲୁ । ଚତୁର୍ଦ୍ଦିଗରେ ଜୁଳୁ ଜୁଳୁ ଆଖି, ଲୁଚି ମୁହଁ ଓ ଜିଜ୍ଞାସୁ ଦୃଷ୍ଟି ଦେଖି ଆମ୍ଭମାନଙ୍କୁ ବିଶେଷ ଆନନ୍ଦ ଲାଗିଥିଲା । ପୁରୁଷମାନେ ସେମାନଙ୍କର ଜଙ୍ଘ ଲୁଚୁ ନ ଥିବା ଛୋଟ ଛୋଟ ଲୁଗା ପିନ୍ଧି ଥିଲେ ଓ ସ୍ତ୍ରୀମାନେ ଲଙ୍ଗଳା ରହିବା ଦୋଷରୁ ଅବ୍ୟାହତି ପାଇବା ଆଶାରେ ବହୁ କଷ୍ଟରେ ଖଣ୍ଡେ ଲେଖାଏଁ କୌପୁନି ଦେଇଥିଲେ । ପିଲାମାନେ ପ୍ରାୟ ଉଲଗ୍ନ ।

ଚତୁର୍ଦ୍ଦିଗରେ ଜଙ୍ଗଲଦ୍ୱାରା ବେଷ୍ଟିତ ହୋଇ ଡଙ୍ଗରିଆ ଗ୍ରାମଟିମାନ ଛବିଳ ପରିବେଷ୍ଟନୀ ମଧ୍ୟରେ ଅବସ୍ଥିତ । ପ୍ରତି ପଡ଼ାରେ ୧୦ଟିରୁ ୧୫ଟି ଯାଏଁ କୁଡ଼ିଆ ଥାଏ । ଘରଗୁଡ଼ିକ ଫାଳିଆ ବାଉଁଶଦ୍ୱାରା ନିର୍ମିତ । ବତାଜାଲି ଦୁଆରର କାମ ଚଳାଏ । ଘର ଗୋଟିଏ ଗୋଟିଏ କୋଠରୀଯୁକ୍ତ ଓ ସେହି ସ୍ଥାନଟି ରନ୍ଧନ, ଶୟନ ଓ ଗୁହାଳ ପାଇଁ ବ୍ୟବହୃତ ହୁଏ । ଏଣୁ ବାସସ୍ଥାନ ସ୍ଥୂଳତଃ ପୂର୍ଣ୍ଣ ଅସ୍ୱାସ୍ଥ୍ୟକର । ଗ୍ରାମର ଦ୍ୱାରଦେଶରେ ଆଗନ୍ତୁକମାନଙ୍କ ପାଇଁ ଗୋଟିଏ କୁଡ଼ିଆ ଅଛି । ସରକାରୀ କାମରେ ଆସିଥିବା କର୍ମଚାରୀ ବା ସେହି ଗ୍ରାମରେ କୌଣସି ବନ୍ଧୁଘର ନ ଥାଇ ଦୂରଦୂରାନ୍ତରରୁ କେହି ଆସିଲେ ସାଧାରଣତଃ ସେଠାରେ ରହନ୍ତି । ଘରଗୁଡ଼ିକରେ ଝରକା ନ ଥାଏ ଓ ବନ୍ୟଜନ୍ତୁଙ୍କ ହାବୁଡ଼ରୁ ରକ୍ଷା ପାଇବା ପାଇଁ ସମସ୍ତ ଯତ୍ନ ନିଆଯାଇଥାଏ । ଏଠାରେ ବାଘସଂଖ୍ୟା ଅତି ବେଶୀ ଏବଂ ବହୁ ମନୁଷ୍ୟ ଓ ଗୃହପାଳିତ ଜୀବମାନଙ୍କର ପ୍ରାଣ ସେମାନେହିଁ ନେଇଥାନ୍ତି । ତେଣୁ ସେମାନଙ୍କଠାରୁ ରକ୍ଷା ପାଇବାପାଇଁ ଡଙ୍ଗରିଆମାନେ ସର୍ବଦା ସଚେଷ୍ଟ । ଗ୍ରାମର ମଝିରେ ଧୂମ କୁଡ଼ିଆ ଥାଏ । ଏଠାରେ ଅବିବାହିତମାନେ ଶୁଅନ୍ତି ଓ ଜାତିଆଣ କାର୍ଯ୍ୟମାନ ସମ୍ପାଦିତ ହୁଏ ।

ଏମାନଙ୍କର ଆର୍ଥିକ ଅବସ୍ଥା କଷ୍ଟେମଷ୍ଟେ ବଞ୍ଚି ରହିବା ପାଇଁ ଏକ ସଂଘର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଦା ଚାଷପାଇଁ ଉପଯୁକ୍ତ ଭୂମି ସେମାନଙ୍କର ନାହିଁ । ପାହାଡ଼ର ଗଡ଼ାଣିଆ ଅଂଶରେ ଜଙ୍ଗଲମାନ ସଫା କରି, ମୃତ୍ତିକା ଚୂନା କରି କାଙ୍ଗୁ ମୁଗ ଓ ଅନ୍ୟାନ୍ୟ ଶସ୍ୟ ଚାଷ କରାଯାଏ । ତାହା ବର୍ଷର ପ୍ରାୟ ଏକମାସ ଯାଏ । ତହିଁରୁ ପୁଣି ବ୍ୟବସାୟୀ ଓ ମହାଜନମାନଙ୍କଠାରୁ ଆଣିଥିବା ଋଣ ସୁଝାଯାଏ । ମହାଜନମାନଙ୍କର ଏଜେଣ୍ଟମାନେ ଅମଳ ସମୟ ପୂର୍ବରୁ ଗ୍ରାମରେ ବୁଲି ଯେଉଁ ଜମିରୁ ଋଣ ଆଦାୟ କରିବେ, ତାହା ଚିହ୍ନଟ କରିଯା'ନ୍ତି । ମୂଲ ଲାଗିବା ବା ଅନ୍ୟପ୍ରକାର ଅସ୍ଥାୟୀ କାର୍ଯ୍ୟର ପୂରାପୂରି ଅଭାବ । ସାଧାରଣତଃ ୨୫ଟି ଘର ଥିବା ଗୋଟିଏ ଗ୍ରାମରେ ବର୍ଷକର ଆୟ ପ୍ରାୟ ୩୦୦ ଟଙ୍କା । ଏଥିରୁ ବେଶ ପ୍ରତିପାଦିତ ହୁଏ ଯେ ଡଙ୍ଗରିଆମାନେ ଗରିବାନା ଭାବରେ ଜୀବନଯାପନ କରନ୍ତି । ଏହା ବ୍ୟତୀତ ଶସ୍ୟର ଅଧିକାଂଶ ଅଂଶ ଉତ୍ସବ ଓ ପର୍ବପର୍ବାଣୀରେ ବ୍ୟୟିତ ହୁଏ । ଅମଳକାଳ ପରେ ଡଙ୍ଗରିଆ ଗ୍ରାମଗୁଡ଼ିକ ବାଦ୍ୟ ଓ ସଙ୍ଗୀତ ଦ୍ୱାରା ମୁଖରିତ ହୁଏ । ସମସ୍ତଙ୍କ ଘରେ ଭାତ, ମଦ ଥାଏ । ଗୋଟିକ ପରେ ଗୋଟିଏ ପର୍ବର ସ୍ରୋତ ବହି ଆସେ । ପୁରୁଷ, ବାଳକ, ବାଳିକା ସମସ୍ତେ ମଦ ପିଇ ଆନନ୍ଦ ଉପଭୋଗ କରନ୍ତି । ଅମଳ ପୂର୍ବରୁ ସେମାନଙ୍କ ମଧ୍ୟରୁ ଅନେକ ଅତି ଗରିବାନା ଭାବରେ ଜୀବନ ଅତିବାହିତ କରିବାକୁ ବାଧ୍ୟ ହୋଇଥାନ୍ତି । ବାଘର ଭୟ ବର୍ଷାଦିନରେ ଖୁବ୍ ବେଶୀ । ଏଣୁ ଏ ଋତୁଟିରେ ଆନନ୍ଦ ଉପଭୋଗର ସୁଅ ଛୁଟେ । ପୁରୁଣା ପ୍ରେମର ସମାଧି ଉପରେ ନୂତନ ପ୍ରେମର ଶୁଭ ଦିଆଯାଏ ଓ ସମସ୍ତ ପ୍ରକାର ପ୍ରତିବନ୍ଧକ ଉଭେଇ ଯାଏ ।

ଏହି ଜାତିର ବିବାହ ଓ ଗାର୍ହସ୍ଥ୍ୟ ଜୀବନ ଆର୍ଥିକ ସମନ୍ୱୟତାର ଏକ ପନ୍ଥା । ଏଥିରେ ଭାବପ୍ରବଣତାର ମାତ୍ରା କମ୍ ଓ ଆନନ୍ଦ ପ୍ରଦାନର ଭାବ ପ୍ରବଳ । ପ୍ରେମକୁ ଗୋଟିଏ ଜୀବନ୍ତ ରୂପ ଦିଆହୋଇଥାଏ ଓ ଜୀବନ ଅତି ଶାନ୍ତିରେ କଟିଥାଏ । କଳହ ଓ ମତଭେଦ ଯେ ନ ଥାଏ, ଏହା ନୁହେଁ । ଏହା ମଧ୍ୟ ବେଳେବେଳେ ଛାଡ଼ପତ୍ରରେ ସମାପ୍ତି ଲଭିଥାଏ । ସେମାନେ ନୀତି ଓ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଛାଡ଼ିବାକୁ ନାରାଜ । ଏକରୁ ଅଧିକ ସ୍ତ୍ରୀ ମଧ୍ୟ ଗ୍ରହଣ କରିବାର ପ୍ରଥା ପ୍ରଚଳିତ ଅଛି । ମାତ୍ର ଏହା ସାଧାରଣତଃ ଆର୍ଥିକ ଦୃଷ୍ଟିରୁ ବିଚାର କରାଯାଏ । ଅଧିକ ଜମି ଥିବା ଲୋକ ବେଶି ଜଙ୍ଗଲ ସଫା କରିବାକୁ କ୍ଷମ ହେବା ଦୃଷ୍ଟିରୁ ଗୋଟିକରୁ ଅଧିକ ସ୍ତ୍ରୀ ନେଇଥାଏ । ଡଙ୍ଗରିଆମାନେ ପିଲାଜନ୍ମକୁ ଗୋଟିଏ ବୋଝ ବୋଲି ବିଚାରନ୍ତି ନାହିଁ

ସ୍ତ୍ରୀମାନେ ପରମୁଖାପେକ୍ଷୀ ନୁହନ୍ତି । ସେମାନେ ଜୀବନର ସମସ୍ତ କ୍ଷେତ୍ରରେ ପୂର୍ଣ୍ଣ ସାହାଯ୍ୟକାରୀ । ଏଣୁ ସ୍ତ୍ରୀମାନଙ୍କ ସ୍ଥାନ ଆମ ସମ୍ପ୍ରଦାୟର ସ୍ତ୍ରୀମାନଙ୍କ ସ୍ଥାନ ଅପେକ୍ଷା ବିଶେଷ ଉଚ୍ଚରେ । ଏହାର ଅର୍ଥ ନୁହେଁ ଯେ ଡଙ୍ଗରିଆମାନଙ୍କ ମଧ୍ୟରେ କଳହ ଓ ଈର୍ଷାଭାବ ନ ଥାଏ ।

ପିଲାମାନେ ପିଲାଦିନରୁ ବାପମା'ଙ୍କୁ ଘର ଓ ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବାରେ ଲାଗି ପଡ଼ନ୍ତି । ବାପମା'ମାନେ ଜମିବାଡ଼ିରେ ପୂରା ବ୍ୟସ୍ତ ରହୁଥିବାରୁ ପିଲାଙ୍କୁ ଜଗାରଖା କରିବା ଓ ଯତ୍ନ ନେବାର ଭାର ବଡ଼ ପିଲାମାନଙ୍କ ଉପରେ ପଡ଼ିଥାଏ । ରୋଷେଇବାସ, ଘରନିର୍ମାଣ, ବିଲବଣ୍ଣ ଓ ଅମଳ କାର୍ଯ୍ୟରେ ପିଲାମାନେ ବାପମା'ଙ୍କୁ ସାହାଯ୍ୟ କରିଥାନ୍ତି । ପିଲାମାନଙ୍କୁ ବଡ଼ମାନଙ୍କ ସହିତ ସମାନ ଧରାଯାଏ ଓ ସେମାନେ ବଡ଼ମାନଙ୍କ ସହିତ ମୁକ୍ତ-ଭାବରେ ମିଶି ପାରନ୍ତି । ଆଦିବାସୀ ପିଲାମାନେ ଅନ୍ୟ ପ୍ରକାର ପରିସ୍ଥିତିରେ ବଢ଼ିଥାନ୍ତି । ସେମାନେ କର୍ତ୍ତବ୍ୟ-ପରାୟଣ, କଷ୍ଟସହିଷ୍ଣୁ ଓ ମନଯୋଗୀ ହେବା ପାଇଁ ଶିକ୍ଷା ପାଇଥାନ୍ତି, ଯାହାଦ୍ୱାରା କି ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଜୀବନର ଦାୟିତ୍ୱ ସେମାନେ ଗ୍ରହଣ କରିବାକୁ ସକ୍ଷମ ହୋଇଥାନ୍ତି ।

ଅତିଶୀଘ୍ର ଘଟିବାକୁ ଯାଉଥିବା ପରିବର୍ତ୍ତନ ଗୁଡ଼ିକ ସହିତ ଡଙ୍ଗରିଆମାନଙ୍କର ସାମ୍ପ୍ରଦାୟିକ ଆର୍ଥିକ ପରିସ୍ଥିତିର ପର୍ଯ୍ୟାଲୋଚନା ଅତ୍ୟାବଶ୍ୟକ ଅଟେ । ସେମାନେ ଅତି ସରଳ ଓ ସାହସୀ । ଶାସନର ପ୍ରତିନିଧିରୂପେ କାର୍ଯ୍ୟ କରୁଥିବା କେତେ ଜଣ କର୍ମଚାରୀ ଓ ମହାଜନମାନଙ୍କ ଛଡ଼ା ସେମାନେ ଅନ୍ୟ କାହାରିକୁ ଜାଣନ୍ତି ନାହିଁ । ଯେଉଁମାନେ ତାଙ୍କ ଅଞ୍ଚଳକୁ ଯାଆନ୍ତି, ସେମାନେ ସାଧାରଣତଃ ସେମାନଙ୍କୁ ସର୍ବସ୍ୱାନ୍ତ କରିଥାନ୍ତି । ବର୍ତ୍ତମାନ ନିୟମିତ ଶାସନ ଓ ମଙ୍ଗଳକର କାର୍ଯ୍ୟ ଚାଲୁହେବା ଫଳରେ ଡଙ୍ଗରିଆ ଅଞ୍ଚଳରେ ଏମାନଙ୍କର ପ୍ରାଦୁର୍ଭାବ କମିଯାଇଛି । କୋରାପୁଟର ସର୍ବସେବା ସଂଘର କାର୍ଯ୍ୟାବଳୀ ଡଙ୍ଗରିଆ ଅଞ୍ଚଳ-ମାନଙ୍କରେ ପହଞ୍ଚି ପାରିଛି । ଏହି ନୂଆ ଆଗନ୍ତୁକମାନେ ପାହାଡ଼ ଉପରେ ପହଞ୍ଚି ଆଜି ପର୍ଯ୍ୟନ୍ତ ଅଜଣା ଅଶୁଣା କନ୍ଧମାନଙ୍କ ସହିତ ମିଶୁ ଅଛନ୍ତି । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗଦ୍ୱାରା ସ୍ଥାପିତ ସେବାଶ୍ରମ ସ୍କୁଲଗୁଡ଼ିକ ସେମାନଙ୍କୁ ଶିକ୍ଷା ଦେଉଛନ୍ତି । ଏଥିମଧ୍ୟରୁ ଅନେକ ବସତି ସ୍ଥାପନ ଯୋଜନାର ଅନ୍ତର୍ଭୁକ୍ତ ଜମିମାନଙ୍କରେ ବାସ କରୁଛନ୍ତି । ଆଦିବାସୀ ଗବେଷଣାଗାର ଡଙ୍ଗରିଆ କନ୍ଧମାନଙ୍କ ସମ୍ବନ୍ଧରେ ଗବେଷଣା କରିବାପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କରିଅଛି । ସାଧାରଣ ଗବେଷଣା ଶେଷ ହୋଇଛି ଓ କିଛି ଦିନ ମଧ୍ୟରେ ଗବେଷଣା କାର୍ଯ୍ୟ ପୂରା ଶେଷ ହେବ । ଆଜି ପର୍ଯ୍ୟନ୍ତ ଭୟଙ୍କର ଓ ଦୁର୍ଦ୍ଧାନ୍ତ ବୋଲି ଗଣା ହେଉଥିବା ଡଙ୍ଗରିଆମାନେ ଏଣିକି ବାହାରର ଆଲୋକ ଦେଖିବେ । ସେମାନେ ବାହାରର ଲୋକଙ୍କୁ ଭଲ ଭାବରେ ବୁଝି ପାରିବେ । ମହାଜନ ଓ ଲେଣ୍ଠକାଠର କର୍ମଚାରୀମାନେ ତାଙ୍କୁ ଆଉ ସର୍ବସ୍ୱାନ୍ତ କରି ପାରିବେ ନାହିଁ ।

# ମାନବ ବିଜ୍ଞାନ ଓ ଆଦିବାସୀକଲ୍ୟାଣ

ନିର୍ମଲକୁମାର ବୋଷ

ମାନବ ବିଜ୍ଞାନ ଭୁଲକ୍ରମେ ଗୋଟିଏ କୌତୂହଳପ୍ରଦ ବିଷୟ ବୋଲି ଧରା ହୋଇଥାଏ । ଦୁର୍ଭାଗ୍ୟବଶତଃ କେତେକ ନୃତତ୍ତ୍ୱବିତ୍ ସେଥିପାଇଁ ଦାୟୀ ଓ ଏହି ଭ୍ରମ ଧାରଣା ଦୂର କରିବାପାଇଁ ଭାରତର ବର୍ତ୍ତମାନ ସମୟ ଆସିଛି । ବର୍ତ୍ତମାନ ନାନା ପ୍ରକାରର ସାମାଜିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବାର ଅବସର ମିଳିଛି ଓ ଏହି ଅବସର ଗୁଡ଼ିକୁ ପୂର୍ଣ୍ଣଭାବରେ ଉପଯୋଗ କରି ମାନବ ବିଜ୍ଞାନକୁ ବିଜ୍ଞାନସମ୍ମତ ରୀତିରେ ବଢ଼ାଇବା ନିତାନ୍ତ ଆବଶ୍ୟକ । ଭାରତବର୍ଷର ଯେଉଁ ଅନୁନ୍ନତ ଜାତିମାନେ ଜଙ୍ଗଲ ପାହାଡ଼ରେ ବସବାସ କରନ୍ତି ଓ ଯେଉଁମାନଙ୍କର ଭାଷା ସମତଳ ଅଞ୍ଚଳର ହିନ୍ଦୁ ଓ ମୁସଲମାନମାନଙ୍କର ଭାଷାଠାରୁ ପୃଥକ, ସେମାନଙ୍କ ବିଷୟରେ ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ସାମାଜିକ ନୃତତ୍ତ୍ୱବିତ୍‌ମାନଙ୍କର ପ୍ରଧାନ କାର୍ଯ୍ୟ ଅଟେ । ଅଧ୍ୟାପକ ଧୀରେନ୍ଦ୍ରନାଥ ମଜୁମଦାରଙ୍କ ମତରେ ଭାରତର ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀ କ୍ରମପରିବର୍ତ୍ତନଶୀଳ ଅବସ୍ଥାରେ ଅଛନ୍ତି । ଯେପରି ଭାଷା ମଧ୍ୟରେ କୌଣସି ରେଖା ଟାଣିବା ସମ୍ଭବ ନୁହେଁ ଓ ଗୋଟିଏ ଭାଷାରେ ଅନ୍ୟ ଭାଷାର ସମ୍ମିଶ୍ରଣ କେବଳ ଗୋଟିଏ ରଙ୍ଗ ଅନ୍ୟ ରଙ୍ଗ ସହିତ ଧୀରଭାବରେ ମିଶିଲା ଭଳି ପ୍ରକାଶ କରାଯାଏ; ସେହିପରି ଆଦିବାସୀ ସଂସ୍କୃତି ମଧ୍ୟ କୌଣସି ସରଳରେଖାଦ୍ୱାରା ପ୍ରକାଶ କରିବା ସମ୍ଭବ ନୁହେଁ । କେବଳ ଆଣ୍ଡାମାନର ଜରବାମାନଙ୍କ ଭଳି କେତେକ ଜାତି ସମ୍ପୂର୍ଣ୍ଣ ଅର୍ଥନୈତିକ ତାରତମ୍ୟ ମଧ୍ୟରେ ରହିଛନ୍ତି । ସେମାନଙ୍କ ବ୍ୟତୀତ ଅନ୍ୟ ଆଦିବାସୀ ଗୋଷ୍ଠୀମାନେ ସାଧାରଣ ଜନତା ସହିତ ବିଭିନ୍ନ ଭାବରେ ମିଶି ଯାଇଛନ୍ତି ।

ଭାରତବର୍ଷରେ ନୃତତ୍ତ୍ୱବିତ୍‌ମାନେ ଯେତେବେଳେ କୌଣସି ପରିବର୍ତ୍ତନଶୀଳ ଆଦିବାସୀ ଗୋଷ୍ଠୀ ସମ୍ପର୍କରେ ବର୍ଣ୍ଣନା କରିବାର ସୁଯୋଗ ପାଆନ୍ତି, ସେମାନେ ସେହି ସଂସ୍କୃତିରୁ ଯେଉଁ ବିଷୟ ହିନ୍ଦୁ ପଡ଼ୋଶୀମାନଙ୍କ ମଧ୍ୟରେ ଦେଖା ନ ଯାଏ, ତାକୁହିଁ ଆଦିବାସୀ ଗୋଷ୍ଠୀର ପ୍ରକୃତ ସଂସ୍କୃତି ହିସାବରେ ବର୍ଣ୍ଣନା କରନ୍ତି । ମାତ୍ର ଏପରି ଗମ୍ଭୀର ବିଷୟରେ ପର୍ଯ୍ୟାଲୋଚନା କରିବା ସମୟରେ ମୌଳିକ ତଥ୍ୟକୁ ସବୁବେଳେ ମାପିବା ଉଚିତ । ଭୌଗୋଳିକ ତଥା ସାଂସ୍କୃତିକ ସମ୍ମିଶ୍ରଣ ପାର୍ଥକ୍ୟଠାରୁ ଆମ୍ଭମାନଙ୍କୁ ସତ୍ୟତାର ବେଶି ନିକଟବର୍ତ୍ତୀ କରିଥାଏ । ଉଦାହରଣ ସ୍ୱରୂପ ଛୋଟନାଗପୁରର ବିରହରମାନେ, ଓଡ଼ିଶାର ମାଙ୍କଡ଼ିଆ, ମୟୂରଭଞ୍ଜର ଖଡ଼ିଆମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳନ୍ତି । ସେମାନେ ଜଙ୍ଗଲରୁ ଫଳପୁଷ୍ପ ଆହରଣ କରି ଓ ଶିକାର ଦ୍ୱାରା ଜୀବନ ଯାପନ କରନ୍ତି । କିନ୍ତୁ ଗୁରୁତର ବିଷୟ ହେଉଛି ଯେ ସେମାନେ ମଧ୍ୟ ଜଙ୍ଗଲର ଲତା ଓ ଛେଲିରୁ ଦଉଡ଼ି ତିଆରି କରି ନିକଟସ୍ଥ ବଢ଼େଇ, କମାରମାନଙ୍କ ସହିତ ତାକୁ ବଦଳାଇ ଜୀବିକା ଅର୍ଜ୍ଜନର ପନ୍ଥା ଗ୍ରହଣ କରନ୍ତି । ସେମାନଙ୍କର ବିଗତ ଇତିହାସ ବିଷୟରେ ପର୍ଯ୍ୟାଲୋଚନା କଲେ ବୋଧଗମ ହୁଏ ଯେ ଏହା ସେମାନଙ୍କର ପୂରାକାଳର ଜୀବନ ପ୍ରଣାଳୀର ଅଂଶବିଶେଷ ନୁହେଁ, ମାତ୍ର ନିକଟସ୍ଥ ସମୃଦ୍ଧିଶାଳୀ କୃଷୀମାନଙ୍କର ବା ଅନ୍ୟାନ୍ୟ ସଂପ୍ରଦାୟ ପ୍ରଭାବର ନିଦର୍ଶନ ଅଟେ । ଶ୍ରୀଯୁକ୍ତ ଶରତଚନ୍ଦ୍ର ରାଏ

ମଧ ବିରହିରମାନଙ୍କର ଦଉଡ଼ି ତିଆରି, ମଧୁ ସଂଗ୍ରହ ପ୍ରଭୃତି କାର୍ଯ୍ୟ ସହିତ କୌଣସି ପର୍ବପର୍ବାଣୀ ବା ଧର୍ମ ପଦ୍ଧତିର ସମ୍ବନ୍ଧ ଥିବାର ସନ୍ଧାନ ପାଇ ନାହାନ୍ତି, ଯାହାକି ସାଧାରଣତଃ ଭାରତର ଆଦିବାସୀମାନଙ୍କର ସଂସ୍କୃତି ସହିତ ସଂଲଗ୍ନ ହୋଇଥାଏ ।

ଆଦିବାସୀମାନଙ୍କ ସମ୍ବନ୍ଧରେ ନୃତତ୍ତ୍ୱବିତ୍‌ମାନେ ଗବେଷଣା କରିବା ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟମାନଙ୍କର ସମ୍ମୁଖୀନ ହୋଇଥାନ୍ତି । ଗଣ୍ଡ ଭିଲ ଆଦିବାସୀ ଗୋଷ୍ଠୀ ବିଭିନ୍ନ ସାମାଜିକ ସ୍ତରରେ ଅବସ୍ଥାନ କରିଛନ୍ତି । ରାଜଗଣ୍ଡମାନେ ହିନ୍ଦୁ ସମାଜ ସହିତ ସମ୍ପୂର୍ଣ୍ଣଭାବେ ମିଶିଗଲେଣି । ମାତ୍ର ଅନ୍ୟ ଗଣ୍ଡମାନେ ବହୁ ପଛରେ ପଡ଼ିଛନ୍ତି । ଏହିପରି ସ୍ଥିତିରେ ବିଭିନ୍ନ ଆଦିବାସୀ ଗୋଷ୍ଠୀକୁ ଭୌଗୋଳିକ ତଥା ସାମାଜିକ ବିଭାଗମାନଙ୍କରେ ବିଭକ୍ତ କରି ପ୍ରତ୍ୟେକରୁ କେତେକାଂଶ ବିଷୟରେ ଗବେଷଣା କରିବା ଆବଶ୍ୟକ । ଏହିପରି ପ୍ରତ୍ୟେକ ଅଂଶର ସମାବେଶରେ ବାସ୍ତବତାର ନିକଟବର୍ତ୍ତୀ ହେବା ସମ୍ଭବ । କୌଣସି ଆଦିବାସୀ ଗୋଷ୍ଠୀକୁ ପୂର୍ଣ୍ଣ ଆଦିବାସୀ କି ନୁହେଁ ବିଚାର କରିବା ବର୍ତ୍ତମାନ କେବଳ ଗବେଷଣାମୂଳକ ପର୍ଯ୍ୟାଲୋଚନାରେ ଆବଦ୍ଧ ନାହିଁ, ପରନ୍ତୁ ଆଦିବାସୀ କଲ୍ୟାଣ କ୍ଷେତ୍ରର ଭବିଷ୍ୟତ ନିରୂପଣ କରିବାରେ ସହାୟକ ହୋଇଅଛି । ଯେଉଁ ଆଦିବାସୀମାନେ ନିଜ ଭାଷା ଓ କେତେକ ସାମାଜିକ, ସାଂସ୍କୃତିକ ପରମ୍ପରା ବଜାୟ ରଖିଛନ୍ତି, କିନ୍ତୁ ଅନ୍ୟ ଦିଗରେ ସାଧାରଣ ଭାରତୀୟ ଅର୍ଥନୀତି ସହ ମିଶିଗଲେଣି; ସେମାନଙ୍କର ଧାରଣା ହେଉଛି ଯେ ଭାରତ ସରକାର ସେମାନଙ୍କ ସ୍ଥିତି ପରିବର୍ତ୍ତନ କରିବା ନିମନ୍ତେ ସର୍ବଦା ସଚେଷ୍ଟ । ଏହି ଧାରଣା ସେମାନଙ୍କ ମନରେ ଏକ ଧାରଣା ସୃଷ୍ଟି କରିଥାଏ ଯେ ସେମାନେ ସାଧାରଣ ହିନ୍ଦୁମାନଙ୍କଠାରୁ ପୃଥକ୍ । ଏପରି ବିଚାରଧାରା ଓ ତାରତମ୍ୟ ନୂତନ ଭାରତର ଅଗ୍ରଗତି ପଥରେ ଅନ୍ତରାୟ । ଭାରତ ସରକାରଙ୍କଦ୍ୱାରା ଗଠିତ ଅନୁନ୍ନତ ଜାତି କମିଶନଙ୍କୁ ସ୍ମାରକପତ୍ର ଛଳରେ ଲେଖକ ୩ଟି ବିଷୟବସ୍ତୁ ଉପରେ ନିର୍ଭର କରି ଯେ କୌଣସି ଗୋଟିଏ ଗୋଷ୍ଠୀର ଅନୁନ୍ନତତା ସ୍ଥିର କରିବାକୁ ଦର୍ଶାଇଥିଲି । ପ୍ରଥମତଃ କୌଣସି ଗୋଷ୍ଠୀ ପାର୍ଶ୍ୱବର୍ତ୍ତୀ ଜନ ସମୂହଠାରୁ ଅର୍ଥନୈତିକ ସ୍ତରରେ ଖୁବ୍ ନିମ୍ନରେ ଥିବା ଉଚିତ । ୨ୟରେ ପ୍ରତିବେଶୀମାନଙ୍କଠାରୁ ଶିକ୍ଷାଦିଗରେ ଏମାନେ ବହୁତଳେ ଥିବା ଆବଶ୍ୟକ ଓ ପରିଶେଷରେ ବ୍ରାହ୍ମଣ ତଥା ଉଚ୍ଚ ଜାତିମାନେ ଏମାନଙ୍କଠାରୁ ଜଳ ସ୍ପର୍ଶ କରୁ ନ ଥିବେ କିମ୍ବା ବ୍ରାହ୍ମଣ ପୁରୋହିତମାନେ ଏମାନଙ୍କର ପୂଜାକାର୍ଯ୍ୟ କରୁ ନ ଥିବେ । କୌଣସି ଗୋଟିଏ ପ୍ରକାରର ପରୀକ୍ଷାଦ୍ୱାରା ସାମାଜିକ ସ୍ତର ନିରୂପଣ କରିବା ସମ୍ଭବ ହୋଇ ନ ପାରେ । ମାନବ ବିଜ୍ଞାନଦ୍ୱାରା ଅସମର୍ଥିତ ପନ୍ଥା ଅନୁସରଣ କରି ବିଗତ ଇତିହାସର ଗୋଟିଏ ପୃଷ୍ଠା ଓଲଟାଇଲେ ଦେଖିବାକୁ ମିଳେ ଯେ, ମହାତ୍ମା ଗାନ୍ଧୀ ଭାରତର ମୁସଲମାନମାନଙ୍କର ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଖିଲାଫତ୍ ଆନ୍ଦୋଳନକୁ ସାହାଯ୍ୟ କରିବାପାଇଁ ଚେଷ୍ଟା କରିଥିଲେ । ଏହି ଧାରଣାରୁ ମୁସଲମାନମାନେ ଗୋଟିଏ ଭିନ୍ନ ଗୋଷ୍ଠୀ ଓ ଏମାନଙ୍କର ସମ୍ପର୍କ ଭାରତ ବାହାରେ ରହିଛି ବୋଲି ଧରି ନିଆହେଲା । ପରିଶେଷରେ ଖଣ୍ଡିତ ଭାରତ ପରି ନିତାନ୍ତ ଅପ୍ରୀତିକର ପରିସ୍ଥିତିରେ ଏହାର ପରିସମାପ୍ତି ହେଲା । ତେଣୁ ଆମ୍ଭେମାନେ ଆଦିବାସୀମାନଙ୍କ ସମ୍ବନ୍ଧରେ ଏପରି ସଂକୀର୍ଣ୍ଣତାର ପ୍ରଶ୍ରୟ ଦେବା ଅନୁଚିତ । ଆଦିବାସୀମାନଙ୍କୁ ବନ୍ଧନ କବଳରୁ ଉଦ୍ଧାର କରିବାପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ, ମାତ୍ର ଏ ବିଷୟରେ ପନ୍ଥା ନିରୂପଣ କରିବା ସମୟରେ ଆଦିବାସୀ ତଥା ଅଣ-ଆଦିବାସୀ ଉଭୟଙ୍କର ଉନ୍ନତି ଦିଗରେ ଦୃଷ୍ଟି ଦେବା ଉଚିତ ।

ପ୍ରତ୍ୟେକ ପ୍ରକାର ଶୋଷଣରୁ ମୁକ୍ତି ତଥା ବୈଷମ୍ୟ ଅହିଂସାଦ୍ୱାରା ଦୂର କରିବାକୁହିଁ ମହାତ୍ମା ଗାନ୍ଧୀ ସ୍ୱରାଜ ବୋଲି ଆଖ୍ୟା ଦେଇଥିଲେ ।

ସେ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ ଓ ଅଣ-ଆଦିବାସୀ ବିଭେଦ କରି ନ ଥିଲେ ।

ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷା ଓ ଅର୍ଥନୈତିକ ଉନ୍ନତିର ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନଙ୍କର କାର୍ଯ୍ୟର ଗୁରୁତ୍ୱ ଅଧିକ । ନୃତତ୍ତ୍ୱବିତ୍‌ମାନଙ୍କର ଦାୟିତ୍ୱ ମଧ୍ୟରେ ଆଦିବାସୀମାନଙ୍କ ସମ୍ବନ୍ଧରେ ବିକୃତ ଚିନ୍ତାର ଅବରୋଧ କରିବା ଓ ଉଭୟ ଗୋଷ୍ଠୀର ଉନ୍ନତିଦିଗରେ କାର୍ଯ୍ୟ କରିବା ସମୟରେ କୌଣସି ପ୍ରକାର ପାର୍ଥକ୍ୟର ପ୍ରଶ୍ରୟ ନ ଦେବା ଉଚିତ ଅଟେ । କାରଣ ଏହା ଭାରତ ସରକାରଙ୍କର ଲକ୍ଷ୍ୟ ହାସଲ ଦିଗରେ ସାହାଯ୍ୟ କରିବ ନାହିଁ ।

ଏହା କିପରି ହୋଇପାରିବ ? ଭାରତର ନୃତତ୍ତ୍ୱବିତ୍‌ମାନଙ୍କୁ ବିଦିତ ଯେ ଗୋଟିଏ ଆଦିବାସୀ ଗୋଷ୍ଠୀ ମଧ୍ୟରୁ କୌଣସି ବିଭାଗ ଯଦି ସମୃଦ୍ଧିଶାଳୀ ହୁଏ; ତା'ହେଲେ ସେମାନେ ନିଜକୁ ଗୋଟିଏ ଅଲଗା ଗୋଷ୍ଠୀ କରିବାଦିଗରେ ଉଦ୍ୟମ କରନ୍ତି ଓ ନିଜକୁ ଶୁଦ୍ଧ ବୋଲି ଧରି ନିଅନ୍ତି । ଗୋଟିଏ ଆଦିବାସୀ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଟିଏ ବିଭାଗ ଏକପ୍ରକାର ଖାଦ୍ୟ ନ ଖାଇବା, ଏକପ୍ରକାର ମଦ୍ୟ-ପାନ ନ କରିବା, ଗାନ୍ଧର୍ବ ଓ ବିଧବା ବିବାହ ପ୍ରଭୃତି ନିରୋଧ କରିବା, ପାରମ୍ପରିକ ଯୁବକ ସମ୍ପ୍ରଦାୟ ଭାଙ୍ଗି ଦେବା ଦିଗରେ ଚେଷ୍ଟା କରନ୍ତି । କାରଣ ଉନ୍ନତ ହିନ୍ଦୁମାନଙ୍କ ମଧ୍ୟରେ ଏ ସବୁର ପ୍ରଚଳନ ନାହିଁ । ଗୋଟିଏ ଗୋଷ୍ଠୀ ମଧ୍ୟରୁ କୌଣସି ଗୋଟିଏ ବିଭାଗ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସ୍ଥିତିର ଏକପ୍ରକାରର ବ୍ୟବସାୟକୁ ଧରି ବସନ୍ତି; ଯେପରି କି ସେମାନେ ଉଚ୍ଚ ଜାତି ବୋଲି ପରିଗଣିତ ହେବେ । ସମାଜସେବକମାନେ ଆଦିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବାବେଳେ ବିଶେଷ ଦୃଷ୍ଟି ଦେବା ଉଚିତ, ଯେପରି ଜାତିଗତ ବିଭେଦ ଏମାନଙ୍କ ମଧ୍ୟରେ ମୁଣ୍ଡ ଟେକି ନ ପାରେ । ଭାରତର ପ୍ରଗତିଶୀଳ ସମ୍ପ୍ରଦାୟ ବର୍ତ୍ତମାନ ଏହି ଜାତି ବିଭେଦର ବିରୁଦ୍ଧାଚରଣ କରୁଥିବାବେଳେ ଆଦିବାସୀ ମଧ୍ୟରେ ଏ ପ୍ରକାର ଦୁର୍ନୀତି ପ୍ରବେଶ କରିବାର ସୁଯୋଗ ନ ଦେବା ଉଚିତ । ଆମ୍ଭମାନଙ୍କର ଭାରତବର୍ଷ ଗାନ୍ଧୀଜୀଙ୍କ ନେତୃତ୍ୱର ସୁଯୋଗ ପାଇଛି ଓ ତାହା ଅଛୁଆଁ ପ୍ରଥା ଲୋପ କରିବାକୁ ଶକ୍ତି ଦେଇଛି । ହିନ୍ଦୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାରର ବ୍ୟବସାୟ ରହିଛି । ଯେଉଁ ବ୍ୟବସାୟ ସହିତ ରକ୍ତ, ମୃତ୍ୟୁ ଓ ବିଷ୍ଠାର ସମ୍ପର୍କ ଅଛି, ତାହା ନିମ୍ନସ୍ତରର ବୋଲି ଧରାଯାଏ । ଆନୁଷ୍ଠାନିକ ଶୁଦ୍ଧି ଓ ଏହାର ପ୍ରୟୋଗ ହିନ୍ଦୁ ଜୀବନର ପ୍ରଧାନ ଉପାଦାନ । ରସ୍କିନ ଓ ଟଲଷ୍ଟଏଙ୍କୁ ଅନୁଧାବନ କରି ଗାନ୍ଧୀଜୀ କହିଥିଲେ ଯେ, ଯଦି ଓକିଲ ଓ ବାରିକର କାର୍ଯ୍ୟ ସମାଜ ପକ୍ଷରେ ସମାନ ଆବଶ୍ୟକ ହୁଏ, ତେବେ ସେମାନଙ୍କର ମଜୁରିର ହାର ସମାନ ହେବା ଉଚିତ । ତାଙ୍କ ଜୀବନକାଳ ମଧ୍ୟରେ ବ୍ରାହ୍ମଣ ଓ ଉଚ୍ଚ ଜାତିର ଲୋକଙ୍କୁ ଚମଡ଼ା କାମ ଶିକ୍ଷା ଦେବା ଲାଗି ନିଯୁକ୍ତ କରିଥିଲେ ଓ ସେ ନିଜକୁ ଜଣେ ମେହେନ୍ତର ବୋଲି ପରିଚୟ ଦେବାକୁ ପସନ୍ଦ କରୁଥିଲେ । ଏହି ମହତ୍ ପ୍ରେରଣା ଫଳରେ ଯେଉଁ ସାମାଜିକ ବିପ୍ଳବ ସୃଷ୍ଟି ହେଲା, ତା ଫଳରେ ଶତ ଶତ ଲୋକ ଅତି ଘୃଣ୍ୟ କାର୍ଯ୍ୟ କରିବାକୁ କୁଣ୍ଠାବୋଧ କଲେ ନାହିଁ ।

ଏହି ଶିକ୍ଷା ଆଦିବାସୀ ଉନ୍ନୟନ କାର୍ଯ୍ୟରେ ମଧ୍ୟ ବିନିଯୋଗ କରାଯାଇପାରେ । ଆଦିବାସୀଙ୍କୁ ନୂତନ ଶିକ୍ଷା ଦେବାବେଳେ ଓ ନୂତନ ବୈଷୟିକ ଜ୍ଞାନ ପ୍ରଦାନ ସମୟରେ ଆମ୍ଭମାନଙ୍କ ନୀତି ବିପ୍ଳବାତ୍ମକ ହେବା ଉଚିତ ।

ଆମ୍ଭେମାନେ ଆଦିବାସୀମାନଙ୍କୁ ଉଠାଇ ହିନ୍ଦୁ ସମାଜ ଭିତରେ ସ୍ଥାନ ଦେଇ ବର୍ତ୍ତମାନର ଜାତିଗତ ପ୍ରଥାକୁ ଧ୍ୱଂସ କରିବା ଉଚିତ । ଯଦି କୌଣସି ପାର୍ଥକ୍ୟ ପ୍ରତି ନଜର ଦେଉଁ, ତେବେ ତାହା ଯୋଗ୍ୟତା ଓ ଦକ୍ଷତା ଉପରେ ପ୍ରତିଷ୍ଠିତ ହେବା ଉଚିତ । ଯଦି ଆଦିବାସୀମାନେ କୌଣସି ପ୍ରକାରେ

ତାଙ୍କ ଅବସ୍ଥା ଉନ୍ନତ କରିବାକୁ ଚାହାନ୍ତି, ତେବେ ସେମାନେ ପଡ଼ୋଶୀମାନଙ୍କ ସଙ୍ଗରେ ନିଜକୁ ଏକ ବୋଲି ଧରିନେବା ଉଚିତ ।

ଏହି ମହାନ୍ କାର୍ଯ୍ୟରେ ଆଦିବାସୀ ଗବେଷଣା କେନ୍ଦ୍ରମାନ ଯଥେଷ୍ଟ ସାହାଯ୍ୟ କରି ପାରିବେ । ନୃତତ୍ତ୍ୱବିତ୍‌ମାନେ ସାଧାରଣତଃ ସମାଜସେବୀ ହୋଇ ନ ଥାନ୍ତି ବା ସମାଜସେବୀମାନେ ନୃତତ୍ତ୍ୱବିତ୍ ହୋଇ ନ ଥାନ୍ତି । ଏହି ଦୃଷ୍ଟିରୁ ବୈଜ୍ଞାନିକ ଗବେଷଣାଗାରର ତାତ୍ପର୍ଯ୍ୟ ଅଛି ।

ଗୋଟିଏ ଗଛ ମାଟିରେ ଅନେକ ଚେରଦ୍ୱାରା ଲାଗିଥାଏ । ଯେତେବେଳେ ଆମେ ଏହି ଗଛକୁ ମାଟିରୁ ଟାଣିବାକୁ ଚେଷ୍ଟା କରୁ, ଆମେ ଜାଣିପାରୁ, କେଉଁ ଚେରଟି ଅନ୍ୟ ଅପେକ୍ଷା ଗଛକୁ ବେଶି ଜୋରରେ ଧରି ରଖିଛି । ସେହିପରି ଆଦିବାସୀର ସାମାଜିକ ଗଠନକୁ ଭେଦ କରିଥିବା ଚେରମାନଙ୍କୁ ଦେଖିବା ସହଜ । ଆମେ ଯେତେବେଳେ ଏହା ସହିତ ସକ୍ରିୟ ଭାବେ ଜଡ଼ିତ ହେଉ, ସେତେବେଳେ ଆଲୋଚ୍ୟ ସଂସ୍କୃତି ସମ୍ବନ୍ଧରେ ନୂତନ ତଥ୍ୟ ଉପଲବ୍ଧି କରୁ । ସଂସ୍କୃତିର ଅନ୍ୟାନ୍ୟ ଅଂଶ ସହ ଜଡ଼ିତ ରହିଥିବା ଚେରଗୁଡ଼ିକର ଶକ୍ତି ଆମେ ବୋଧ କରିପାରୁ । ସାମାଜିକ କାର୍ଯ୍ୟ ପର୍ଯ୍ୟବେକ୍ଷଣ ନ କଲେ କିମ୍ବା ସେଥିରେ ସକ୍ରିୟ ଅଂଶ ନ ନେଲେ କଦାପି ଏ ପ୍ରକାର ପୂରାପୂରି ତାତ୍ତ୍ୱିକ ଜ୍ଞାନ ଅର୍ଜନ କରାଯାଇ ନ ପାରେ । ଆମ୍ଭମାନଙ୍କର କାର୍ଯ୍ୟକଳାପ, ମହାତ୍ମା ଗାନ୍ଧୀଙ୍କ ଶିକ୍ଷା ଓ ତ୍ୟାଗବଳରେ ଆମ୍ଭେମାନେ ମହତ ଆଦର୍ଶ ଦ୍ୱାରା ଉତ୍ସାହିତ ହେବା ଉଚିତ ।

ତାଲିମପ୍ରାପ୍ତ ନୃତତ୍ତ୍ୱବିତ୍‌ର ଦାୟିତ୍ୱ ଓ ସୁବିଧାସୁଯୋଗ ବିଷୟ ଯଥାର୍ଥଭାବେ ବିଚାର କରାଯାଉ । ଦାରିଦ୍ର୍ୟ, ରୋଗ, ନିରକ୍ଷରତା ଭାରତର ଆଦିବାସୀମାନଙ୍କର ପ୍ରଧାନ ଶତ୍ରୁ ଅଟେ । ପ୍ରାଥମିକ ଶିକ୍ଷାରେ ଶିଶୁର ମାତୃଭାଷାହିଁ ବ୍ୟବହାର ହେବା ଉଚିତ । ଭାଷାର ଶିକ୍ଷା ପ୍ରକୃତ ଶିକ୍ଷା ନୁହେ । ଯଦି ମୁଁ ଭୁଲ କହୁ ନ ଥାଏ, ତେବେ ରାଜ୍ୟ ସରକାରଙ୍କର ଆଦିବାସୀ ଗବେଷଣାଗାରଗୁଡ଼ିକ ଆଦିବାସୀ ଭାଷାରେ ପାଠ୍ୟ ପୁସ୍ତକ ତିଆରି କରିବାପାଇଁ ଉପଦେଶ ଦେବାର ଭାର ନେଇଛନ୍ତି । ଏହା ଗୋଟିଏ ଦୁଃସାଧ୍ୟ ବ୍ୟାପାର ଅଟେ । ଗବେଷଣାଗାରର କର୍ମକର୍ତ୍ତାମାନେ କେବଳ ଭାଷା ବ୍ୟବହାରରେ ନିପୁଣ ହେଲେ ଚଳିବ ନାହିଁ, ମାତ୍ର ଉଦ୍ଦେଶ୍ୟ ଜାଣିବା ଉଚିତ । ପାଠ୍ୟ ପୁସ୍ତକରେ ଯେଉଁ ଲକ୍ଷ୍ୟବସ୍ତୁ ଓ କାର୍ଯ୍ୟ ଉଲ୍ଲେଖ ହେବ, ତାହା କେବଳ ଭାଷାରୁ ସଂଗୃହୀତ ଶବ୍ଦମାଳା ହେବା ଉଚିତ ନୁହେଁ । ମାତ୍ର ପରିବର୍ତ୍ତନଶୀଳ ଗୋଷ୍ଠୀର ସାଧାରଣ ବ୍ୟବହାରରେ ଲାଗୁଥିବା ଶବ୍ଦ ପ୍ରକୃତ ସ୍ଥାନ ପାଇବା ଉଚିତ । ପ୍ରତିବେଶୀମାନଙ୍କ ସହିତ ବୈଷମ୍ୟତାକୁ ଜୋର ନ ଦେଇ ସମତା ପ୍ରତି ଜୋର ଦେବା ଆବଶ୍ୟକ । ଆଦିବାସୀମାନଙ୍କ ସଙ୍ଗୀତ, ନୃତ୍ୟ ଓ ଚାରୁକଳା ପାଠ୍ୟ ପୁସ୍ତକରେ ସ୍ଥାନ ପାଇବା ଉଚିତ ଓ ଏହା ସହିତ ପାରିପାର୍ଶ୍ୱିକ ସଂସ୍କୃତିର ସୂଚନା ରହିବା ଉଚିତ, ଯାହା ଫଳରେ କି ଆଦିବାସୀ ବାଳକବାଳିକା ପ୍ରତିବେଶୀମାନଙ୍କ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ଆହରଣ କରି ପାରିବେ । ଏହା ସହିତ ଅଣଆଦିବାସୀମାନଙ୍କର ପାଠ୍ୟ ପୁସ୍ତକରେ ଆମ୍ଭମାନଙ୍କର ଆଦିବାସୀ ପ୍ରତିବେଶୀମାନଙ୍କ ସମ୍ବନ୍ଧରେ ମଧ୍ୟ ବିବରଣୀ ରହିବା ଆବଶ୍ୟକ । ଏହି କାର୍ଯ୍ୟ ଶିକ୍ଷାବିତ୍ ତଥା ଭାଷାବିତ୍‌ମାନଙ୍କ ପକ୍ଷରେ ନୃତତ୍ତ୍ୱବିତ୍ ଅପେକ୍ଷା ବେଶି ଗୁରୁତ୍ୱପୂର୍ଣ୍ଣ ।

ବର୍ତ୍ତମାନ ମୁଁ ଓଡ଼ିଶା ଆଦିବାସୀ ଗବେଷଣାଗାରର ପ୍ରଶଂସନୀୟ କାର୍ଯ୍ୟ ବିଷୟରେ ଉଲ୍ଲେଖ କରିବାକୁ ଚାହେଁ । ଭାରତର ଲୋକସଂଖ୍ୟା ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଭାରତର ଅର୍ଥନୈତିକ ଉନ୍ନତି ଲୋକସଂଖ୍ୟା ବୃଦ୍ଧି ସହିତ ଜଡ଼ିତ । ଆମ୍ଭମାନଙ୍କର ପ୍ରଜନନ ଶକ୍ତି ସମ୍ବନ୍ଧରେ ବିଶେଷ ଜ୍ଞାନ ନାହିଁ । ଜନ ଗଣନା ସମ୍ବନ୍ଧରେ ମଧ୍ୟ ନାନା

ପ୍ରକାର ଭ୍ରମମସ୍ୟ ପରିସ୍ଥିତି ଉପୁଜିଥାଏ । ନିଜର ଗୋଷ୍ଠୀ ନିବଦ୍ଧ ବିବାହ କିପରି ପ୍ରସବ ଶକ୍ତି ଉପରେ ଛାପ ପକାଏ, ତା ମଧ୍ୟ ଜାଣିବା ଉଚିତ । ଭାରତର ପରିବାର ନିୟନ୍ତ୍ରଣ ଯୋଜନା ବିନା ତଥ୍ୟରେ ଚାଲିପାରିବ ନାହିଁ । ଓଡ଼ିଶା ସରକାରଙ୍କ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଅଧୀନସ୍ଥ ଓଡ଼ିଶା ଆଦିବାସୀ ଗବେଷଣାଗାର ଗୋଟିଏ ସୁରକ୍ଷିତ ଆଦିବାସୀ ଗୋଷ୍ଠୀ ଜୁଆଙ୍ଗମାନଙ୍କର ପ୍ରଜନନଶକ୍ତି **(Net Reproductive Index)** ଉପରେ ଗବେଷଣା ଆରମ୍ଭ କରିଛନ୍ତି । ୧୨୦୦ ସଂଖ୍ୟାବିଶିଷ୍ଟ ଜୁଆଙ୍ଗଙ୍କ ମଧ୍ୟରୁ ଶତକଡ଼ା ୨୦ ଉପରେ କାର୍ଯ୍ୟ ଶେଷ ହୋଇଛି । ବିଖ୍ୟାତ ବୈଜ୍ଞାନିକ ହାଲଡ଼େନ ଏହାର ଉଚ୍ଚ ପ୍ରଶଂସା କରିଛନ୍ତି ।

ଏପରି କାର୍ଯ୍ୟ ଆଦିବାସୀମାନଙ୍କ ମଧ୍ୟରେ କାହିଁକି, ବିଭିନ୍ନ ତଫସିଲଭୁକ୍ତ ଜାତିମାନଙ୍କ ମଧ୍ୟରେ ଚାଲୁ ହେବା ଆବଶ୍ୟକ । ଏ ପ୍ରକାର ଗବେଷଣା ଆଦିବାସୀକଲ୍ୟାଣ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିବ । ଏହା ବ୍ୟତୀତ ଆଦିବାସୀ ଗବେଷଣା କେନ୍ଦ୍ରମାନ ବିଭିନ୍ନ ପ୍ରକାରର କଲ୍ୟାଣକର ଅନୁଷ୍ଠାନମାନଙ୍କର ଅଗ୍ରଗତି ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରିବା ଉଚିତ ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ହିନ୍ଦୁଧର୍ମରେ ବିଭିନ୍ନ ଆଦିବାସୀମାନଙ୍କର ଅନେକ ଭାବଧାରା ନିହିତ ରହିଛି । ପଶ୍ଚିମବଙ୍ଗରେ କେତେକ ଜାତି ଅଛନ୍ତି, ଯେଉଁମାନେ ଆଦିବାସୀ ଗୋଷ୍ଠୀ ମଧ୍ୟରୁ ସମ୍ଭୂତ ହୋଇଛନ୍ତି ଓ ଏବେ ମଧ୍ୟ ଦେବାଦେବୀ ପୂଜାକାମରେ ନିଯୁକ୍ତ ହୋଇଥାନ୍ତି । ବ୍ରାହ୍ମଣ ଜାତୀୟ ଲୋକମାନେ ଏହି ନୀଚ ଜାତିର ଲୋକଙ୍କଦ୍ୱାରା ପୂଜା ଅର୍ଚ୍ଚନା କରାଇଥାନ୍ତି ଓ ବ୍ରାହ୍ମଣ ପୂଜକମାନେ ଯେଉଁଠାରେ ଅଛନ୍ତି, ସେଠାରେ ଶ୍ରେଷ୍ଠ ଜାତିମାନେ ବିଶେଷଭାବରେ ମୁସଲମାନମାନେ ମଧ୍ୟ ବଳି ପ୍ରଭୃତି ଉତ୍ସର୍ଗ କରିଥାନ୍ତି ।

ଭାରତବର୍ଷର ବିଭିନ୍ନ ଜାତିମାନଙ୍କ ଭିତରେ ଯେଉଁ ସମ୍ବନ୍ଧ ରହିଛି ଓ ଯେଉଁପରି ଭାବରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଟିଏ ଗୋଷ୍ଠୀ ସହ ଧର୍ମ ଆଚରଣ କାର୍ଯ୍ୟରେ ଯୋଗଦାନ କରନ୍ତି, ତାହା ସଂଗଠିତ ଧର୍ମବିଶ୍ୱାସ ଓ ଜାତି ପ୍ରଥାର ପରିବର୍ଦ୍ଧକ ଭଳି ଅସ୍ପଷ୍ଟ ହିନ୍ଦୁଧର୍ମର ଗୋଟିଏ ଅଙ୍ଗ ବିଷୟରେ ରେଖାପାତ କରି ପାରିବ ।

ଜାତି ପ୍ରଥା ନିଶ୍ଚୟ ଉଠିବ, ମାତ୍ର ଏହାର ଚେର ଏପରି ଗଭୀର ପ୍ରଦେଶରେ ରହିଛି ଯେ ତାହା ଏହାର ମୂଳୋତ୍ପାଟନରେ ବିଶେଷ ବାଧା ଦେଉଅଛି । ଏହି ଜାତି ପ୍ରଥାକୁ ଲୋପ କରି ଗୋଟିଏ ଜାତିବିହୀନ ଓ ଶ୍ରେଣୀବିହୀନ ସମାଜ ଗଠନ କରିବା ଦିଗରେ ପ୍ରାଥମିକ ଗବେଷଣା ଫଳପ୍ରଦ ହେବ । ଆଶା କରେ ଆଦିବାସୀ ଗବେଷଣା କେନ୍ଦ୍ରମାନ, ବିଶ୍ୱବିଦ୍ୟାଳୟମାନ ଓ ଭାରତ ସରକାରଙ୍କର ନୃତତ୍ତ୍ୱ ବିଭାଗ ଏହି ବିରାଟ ଜାତୀୟ ସଂଗଠନ କାର୍ଯ୍ୟରେ ସାହାଯ୍ୟ କରିବେ ।


# ପ୍ରଗତି ପଥରେ ଓଡ଼ିଶାର ଆଦିବାସୀ


ବୀର ବିକ୍ରମାଦିତ୍ୟ ସିଂହ ବରିହା

ପ୍ରାୟ ୬ ମାସ ହେବ ମୁଁ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର ଦାୟିତ୍ୱରେ ରହିଲି । ଏହା ପୂର୍ବରୁ ମୁଁ ଆଦିବାସୀ ଉପଦେଷ୍ଟା ସମିତିର ତଥା ଓଡ଼ିଶା ବିଧାନସଭାର ସଦସ୍ୟ ଭାବରେ ସମଗ୍ର ଓଡ଼ିଶାର ଆଦିବାସୀ ସମସ୍ୟାର ଅନୁଧ୍ୟାନ କରିବାର ସୁଯୋଗ ପାଇଛି । ବିଭିନ୍ନ ଆଦିବାସୀ ଅଞ୍ଚଳମାନ ମଧ୍ୟ ଦେଖିପାରିଛି । ଓଡ଼ିଶାର ସମସ୍ୟାମାନଙ୍କ ମଧ୍ୟରେ ଆଦିବାସୀ ସମସ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧାରଣ ଜନସଂଖ୍ୟାର ଏକ-ପଞ୍ଚମାଂଶ ଆଦିବାସୀ । ଏତଦ୍‌ବ୍ୟତୀତ ହରିଜନ ତଥା ଅନ୍ୟାନ୍ୟ ଅନୁନ୍ନତ ସମ୍ପ୍ରଦାୟମାନଙ୍କୁ ଧରିଲେ ପ୍ରାୟ ଶତକଡ଼ା ୭୦ ଭାଗ ହେବେ । ଭାରତ-ବର୍ଷର ଅନ୍ୟ କୌଣସି ପ୍ରଦେଶରେ ଏତେ ବହୁଳ ସଂଖ୍ୟାରେ ଅନୁନ୍ନତ ଶ୍ରେଣୀ ନାହାନ୍ତି । ବର୍ତ୍ତମାନ ଓଡ଼ିଶା ରାଜ୍ୟର ଅଧିକାଂଶ ଅଞ୍ଚଳ ପୂର୍ବତନ ଗଡ଼ଜାତ ଶ୍ରେଣୀଭୁକ୍ତ ଥିଲା । ଗଡ଼ଜାତମାନଙ୍କରେ ପ୍ରଗତିସ୍ରୋତ ପୂର୍ଣ୍ଣଭାବରେ ବହିନଥିବାରୁ ଆଦିବାସୀ ତଥା ଅନ୍ୟାନ୍ୟ ପିଛିଲାବର୍ଗ ବେଶୀ ଦୂର ଆଗେଇ ପାରିନାହାନ୍ତି । ଏଥିନିମିତ୍ତ ଓଡ଼ିଶା ସରକାରଙ୍କର ଧ୍ୟାନ ଆଦିବାସୀ ତଥା ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀମାନଙ୍କ ପ୍ରତି ସର୍ବଦା ରହିଛି । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ସର୍ବପ୍ରଥମ ଗୋଟିଏ ଅନୁନ୍ନତ ଶ୍ରେଣୀ ମଙ୍ଗଳ ବିଭାଗ ଖୋଲିଥିଲେ । କାଳକ୍ରମେ ଏହି ବିଭାଗ ପରିବର୍ଦ୍ଧିତ ହୋଇ ଓ ସ୍ୱର୍ଗତ ଲାଲ ରଣଜିତ ସିଂ ବରିହାଙ୍କର ନେତୃତ୍ୱରେ ବଳିଷ୍ଠ ହୋଇ ଶାସନର ବର୍ତ୍ତମାନ ଗୋଟିଏ ବଳିଷ୍ଠ ଅଙ୍ଗ ହୋଇଉଠିଛି ।


ବର୍ତ୍ତମାନ ଓଡ଼ିଶା ସରକାର ଏହି ଅନୁନ୍ନତ ଶ୍ରେଣୀ ଲୋକମାନଙ୍କ ପାଇଁ ପ୍ରତିବର୍ଷ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସେମାନଙ୍କର ଶିକ୍ଷା ତଥା ସାଂସ୍କୃତିକ କାର୍ଯ୍ୟାବଳୀ, ଅର୍ଥନୈତିକ ଉନ୍ନତି, ସ୍ୱାସ୍ଥ୍ୟ, ପୁନର୍ବସତି ଏବଂ ଅନ୍ୟାନ୍ୟ ମଙ୍ଗଳକର କାର୍ଯ୍ୟ-ମାନଙ୍କରେ ଏହି ଅର୍ଥ ବ୍ୟୟିତ ହେଉଛି । କିଛି ବର୍ଷ ପୂର୍ବେ ଯେଉଁ ଅଞ୍ଚଳମାନଙ୍କୁ ବାହାରର କେହି ଲୋକ ଯାଉ ନ ଥିଲେ ଓ ଯେଉଁ ପାହାଡ଼ ପର୍ବତ ଅଞ୍ଚଳର ଆଦିବାସୀମାନେ ସାଧାରଣ ଜନସମାଜ ସହିତ କୌଣସି ସମ୍ପର୍କ ରଖି ନ ଥିଲେ, ସେ ସବୁ ଅଞ୍ଚଳ-ମାନଙ୍କରେ ମଧ୍ୟ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର କେନ୍ଦ୍ରମାନ ସ୍ଥାପିତ ହୋଇଛି । ତାହା ଫଳରେ ଆମ୍ଭମାନଙ୍କର ଆଦିବାସୀମାନଙ୍କ ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ବୃଦ୍ଧି ପାଇଛି ।

ଓଡ଼ିଶାର ଆଦିବାସୀମାନେ ପ୍ରଧାନତଃ ଦୁଇଭାଗରେ ବିଭକ୍ତ; ଯଥା—ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳର ଆଦିବାସୀ ଉତ୍ତରାଞ୍ଚଳର ଆଦିବାସୀମାନଙ୍କ ମଧ୍ୟରେ ମୁଣ୍ଡା, ସାନ୍ତାଳ, କୋଲ୍‌ହ, ହୋ, ଗଣ୍ଡ, ଭୂୟାଁ, ଓରାଓଁ ଓ ଜୁଆଙ୍ଗମାନେ ପ୍ରଧାନ ଅଟନ୍ତି । ଓରାଓଁ ମାନଙ୍କ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଆଦିବାସୀଗୋଷ୍ଠୀ ମୁଣ୍ଡାବଂଶଜ ଭାଷା କହନ୍ତି । ଏମାନେ ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର ତଥା ବଲାଙ୍ଗୀର ଜିଲ୍ଲାମାନଙ୍କରେ ଦେଖାଯାଆନ୍ତି । ଦକ୍ଷିଣାଞ୍ଚଳର ଆଦିବାସୀମାନଙ୍କ ମଧ୍ୟରେ କନ୍ଧ, ସଉରା, ଗଦବା, ପରଜା, କୋୟା ଓ ବଣ୍ଡା ପ୍ରଧାନ ଅଟନ୍ତି । କନ୍ଧ ଓ କୋୟାମାନଙ୍କ ଛଡ଼ା ଅନ୍ୟ ଜାତିର ଆଦିବାସୀମାନେ ଏକବଂଶସମ୍ଭୂତ ଭାଷା କହନ୍ତି । ଏମାନେ ପ୍ରଧାନତଃ





କୋରାପୁଟ ଜିଲ୍ଲାର ଏକ ଆଦିବାସୀ ଜନନୀ । ଦୁଃଖ ଭିତରେ ରହି ମଧ୍ୟ ସେ ତାର ସ୍ୱଭାବସୁଲଭ ହାସ୍ୟ ହରାଇ ନାହିଁ



କୋରାପୁଟ ଜିଲ୍ଲାର ଅନୁନ୍ନତ ସମ୍ପ୍ରଦାୟର ଲୋକେ ଏହିପରି କୁଟୀର ଶିଳ୍ପରେ ନିଯୁକ୍ତ ଥାନ୍ତି । ଜଣେ ବାଉଁଶ ପାତିଆରେ ଝୋଟେଇ ତିଆରି କରୁଛନ୍ତି

କଳାହାଣ୍ଡି, ଫୁଲବାଣୀ, କୋରାପୁଟ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଦେଖାଯାଆନ୍ତି । ଏହି ବିଭିନ୍ନ ଶ୍ରେଣୀର ଆଦିବାସୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତି ଆଲୋଚ୍ୟ ବିଷୟ ଅଟେ । ଉତ୍ତରାଞ୍ଚଳର ଆଦିବାସୀମାନଙ୍କ ମଧ୍ୟରେ ପାହାଡ଼ ଭୂୟାଁ ଓ ଜୁଆଙ୍ଗମାନଙ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ ସମସ୍ତେ କୃଷିବାସ କରି ଜୀବିକାର୍ଜ୍ଜନ କରନ୍ତି । ପୋଷାକପରିଚ୍ଛଦ ତଥା ଆଚାର ବ୍ୟବହାରରେ ସେମାନେ ପାର୍ଶ୍ୱବର୍ତ୍ତୀ ହିନ୍ଦୁମାନଙ୍କୁ ଅନେକାଂଶରେ ଅନୁକରଣ କରି ସାରିଲେଣି । ବହୁସଂଖ୍ୟାରେ ଆଦିବାସୀମାନେ ମଧ୍ୟ ମିଶନାରୀମାନଙ୍କର ଉଦ୍ୟମରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଆଦିବାସୀମାନେ ଆଚାର ବ୍ୟବହାର ତଥା ଅନ୍ୟାନ୍ୟ କାର୍ଯ୍ୟରେ ବହୁତ ଉନ୍ନତ; ମାତ୍ର ଦକ୍ଷିଣାଞ୍ଚଳର ଆଦିବାସୀମାନେ ବହୁସଂଖ୍ୟାରେ ବର୍ତ୍ତମାନ ନିତାନ୍ତ ଅନୁନ୍ନତ ଅବସ୍ଥାରେ ରହିଛନ୍ତି । କଳାହାଣ୍ଡି ଓ କୋରାପୁଟର ଡଙ୍ଗରିଆ କନ୍ଧମାନେ, ଗଞ୍ଜାମ ଓ କୋରାପୁଟର ଲାଞ୍ଜିଆ ସଉରାମାନେ ଓ କୋରାପୁଟର ବଣ୍ଡା ପରଜାମାନେ ସମୁଦ୍ର ପତନରୁ ୩/୪ ହଜାର ଫୁଟ ଉଚ୍ଚରେ ବସବାସ କରନ୍ତି । ସେମାନେ ପାହାଡ଼ଚାଷଦ୍ୱାରା ଯତ୍‌ସାମାନ୍ୟ ଫସଲ ଆମଦାନୀ କରି ସେଥିରେ ବଞ୍ଚିରହନ୍ତି । ବାଘ, ଜ୍ୱର ତଥା ଅନାହାର ଏ ଅଞ୍ଚଳର ଆଦିବାସୀମାନଙ୍କର ପ୍ରଧାନ ଶତ୍ରୁ ଏହା ଉପରେ ମହାଜନମାନଙ୍କର ଦାଉ ମଧ୍ୟ ରହିଛି । ଫସଲ ଉତ୍ପନ୍ନ ହେବା ସଙ୍ଗେ ସଙ୍ଗେ ମହାଜନମାନଙ୍କର ଚକ୍ରବୃଦ୍ଧି ହାରରେ ସୁଧ ପରିଶୋଧ କରୁ କରୁ ସମସ୍ତ ଫସଲ ଶେଷ ହୋଇଯାଇଥାଏ । ନାନାପ୍ରକାର କନ୍ଦା, ଚେରମୂଳ ପ୍ରଭୃତି ସଂଗ୍ରହ କରି ଏମାନେ ଉଦର ପୂରଣ କରନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଆଦିବାସୀମାନଙ୍କର ଅର୍ଥନୈତିକ ପରିସ୍ଥିତି ଅତିଶୀଘ୍ର ଉନ୍ନତ ହେବା ଆବଶ୍ୟକ ।

ଶିକ୍ଷାଦିଗରେ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ତରଫରୁ ୫୭ ଗୋଟି ଆଶ୍ରମ, ୧୦୨୭ ଗୋଟି ସେବାଶ୍ରମ ବିଦ୍ୟାଳୟମାନ ବିଭିନ୍ନ ଅଞ୍ଚଳରେ ସ୍ଥାପନ କରାଯାଇଛି । ଆଦିବାସୀ ପିଲାମାନେ ଛାତ୍ରାବାସରେ ରହି ହସ୍ତକର୍ମ ଶିକ୍ଷା ଓ ସାଧାରଣ ଶିକ୍ଷା ପାଉଛନ୍ତି । ସାମାଜିକ ଜୀବନରେ ନିଜସ୍ୱ ସାଂସ୍କୃତିକ ଓ ପ୍ରାକୃତିକ ପରିବେଷ୍ଟନୀରେ ଯେପରି ଆଦିବାସୀମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପ୍ରତି ଦୃଷ୍ଟି ରଖି ସରକାର ବିଶେଷ ଧରଣର ଶିକ୍ଷା କେନ୍ଦ୍ରମାନ ସ୍ଥାପନ କରିଛନ୍ତି; ଯାହାକି ସେବାଶ୍ରମ ଓ ଆଶ୍ରମସ୍କୁଲ ନାମରେ ପରିଚିତ । ଆଶ୍ରମ ସ୍କୁଲରେ ବିଭିନ୍ନ ଗୋଷ୍ଠୀର ଆଦିବାସୀମାନେ ବିଭିନ୍ନ ଭାଷାଭାଷୀ ଅଞ୍ଚଳରୁ ଆସି ସୁସ୍ଥ ଓ ସୁନ୍ଦର ଜୀବନଯାପନ କରନ୍ତି । କେବଳ ମାତ୍ର ପୋଥିଗତ ଶିକ୍ଷାକୁ କେନ୍ଦ୍ର କରି ଏହି ଆଶ୍ରମସ୍କୁଲ ଗଠିତ ନୁହେଁ । ପୋଥିଗତ ଶିକ୍ଷା ସଙ୍ଗେ ସଙ୍ଗେ ମୌଳିକ ଶିକ୍ଷା ମଧ୍ୟ ଦିଆଯାଇଥାଏ ଯାହାକି ଭବିଷ୍ୟତରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିପାରିବ । ଛାତ୍ରମାନଙ୍କର ବୁଦ୍ଧିମତ୍ତା ପରୀକ୍ଷା କରି ତାଙ୍କର ପାଠ୍ୟତାଲିକା ପ୍ରତି ଶିକ୍ଷକମାନେ ଦୃଷ୍ଟି ଦିଅନ୍ତି । ଜାତିଭେଦ ପ୍ରଥା ଭୁଲି ଆଦିବାସୀମାନେ କିପରି ଭାବରେ ସୁସ୍ଥ ଜୀବନଯାପନ କରି ପାରିବେ, ତାହା ମଧ୍ୟ ଏହି ଶିକ୍ଷାକେନ୍ଦ୍ରର ବିଶେଷତ୍ୱ । ସାନ୍ତାଳ, ମୁଣ୍ଡା, ଭୂୟାଁ, ଜୁଆଙ୍ଗ ପ୍ରଭୃତି ଆଦିବାସୀମାନେ ନିଜ ନିଜର ଗାଁଗହଳରେ ଏକାଠି ନ ଖାଇଲେ ମଧ୍ୟ ଏଠାରେ ଖାଆନ୍ତି ଓ ସେମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କଲାଭଳି କୌଣସି ବାତାବରଣର ପ୍ରଶ୍ରୟ ଦିଆଯାଏ ନାହିଁ । ଏତଦ୍‌ବ୍ୟତୀତ ଉଚ୍ଚ ଶିକ୍ଷାଳୟମାନଙ୍କରେ ଶିକ୍ଷା ପାଉଥିବା ଆଦିବାସୀ ଓ ହରିଜନ ଛାତ୍ରମାନଙ୍କୁ ଛାତ୍ରବୃତ୍ତି ଦେବାର ବନ୍ଦୋବସ୍ତ ମଧ୍ୟ କରାଯାଇଛି । ଏହିଭଳି ବର୍ଷକୁ ପ୍ରାୟ ୧୩ ଲକ୍ଷ ଟଙ୍କା ଛାତ୍ରବୃତ୍ତି ଆକାରରେ ଦିଆହୁଏ । ବିଭିନ୍ନ ଆଶ୍ରମ ଓ ଶିକ୍ଷାଳୟମାନ ପରିଦର୍ଶନ କରି ଆଦିବାସୀ ଛାତ୍ରମାନଙ୍କ ସହିତ ମିଶିବାର ସୁଯୋଗ ପାଇଛି । ଅନେକ ସମୟରେ ଆଦିବାସୀ ଛାତ୍ରମାନେ ଆଶ୍ରମ ସ୍କୁଲମାନଙ୍କରେ ହର୍ଷୋତ୍‌ଫୁଲ୍ଲ ଦେଖାଯାଉ ନାହାନ୍ତି । ଅନେକ ସ୍ଥଳରେ ଛାତ୍ରମାନେ ଆଶ୍ରମ

ବିଦ୍ୟାଳୟରେ ୨।୪ ମାସ ରହିବା ପରେ ପଳାଇ ଯାଉଛନ୍ତି । ଅଳ୍ପଦିନ ପାଇଁ ଘରକୁ ଗଲେ ମଧ୍ୟ ଛାତ୍ରମାନେ ନିଜ ନିଜ ଘରେ ବହୁତ ସମୟ ରହୁଛନ୍ତି । ଏହିସବୁ ଗମ୍ଭୀରଭାବେ ଅନୁଧାନ କରି ଓ ଆଦିବାସୀ ଗବେଷଣା କେନ୍ଦ୍ରର ମତାମତ ନେଇ ଦେଖିଲି ଯେ ଆଶ୍ରମ ବିଦ୍ୟାଳୟମାନଙ୍କର ବାତାବରଣ ଅଧିକାଂଶ ସ୍ଥାନରେ ଆଦିବାସୀମାନଙ୍କର ସରଳ ଜୀବନ ସହିତ ଖାପ ଖାଉନାହିଁ । ସାଧାରଣତଃ ନୃତ୍ୟ ଓ ସଙ୍ଗୀତମୟ ଆଦିବାସୀ ଜୀବନରେ ଆମ୍ଭମାନଙ୍କ ପଦ୍ଧତିର ଶୃଙ୍ଖଳା ପ୍ରଯୁଜ୍ୟ ହୋଇପାରେ ନାହିଁ । ଶିକ୍ଷକମାନଙ୍କର ମଧ୍ୟ ଛାତ୍ରମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ଅନେକ ସ୍ଥଳରେ ରହିପାରୁନାହିଁ । ଶିକ୍ଷକମାନେ ଆଦିବାସୀ-ମନୋବିଜ୍ଞାନ ସମ୍ବନ୍ଧରେ ମଧ୍ୟ କୌଣସି ପ୍ରଶିକ୍ଷଣ ପାଉନାହାନ୍ତି । ଏହା ଫଳରେ ଆଦିବାସୀ ଛାତ୍ରମାନେ ଆଶ୍ରମରେ ରହିବାକୁ ପସନ୍ଦ କରୁନାହାନ୍ତି । ଏ ବିଷୟରେ ଅତିଶୀଘ୍ର ଧ୍ୟାନ ଦେବା ଆବଶ୍ୟକ । ଶିକ୍ଷକମାନଙ୍କୁ ମଧ୍ୟ ଆଦିବାସୀ ମନୋବିଜ୍ଞାନ ତଥା ଆଦିବାସୀ ସଂସ୍କୃତି ସମ୍ବନ୍ଧରେ ଆବଶ୍ୟକୀୟ ତାଲିମ ଦେଲେ ସେମାନେ ଆଦିବାସୀ ଛାତ୍ରମାନଙ୍କ ସହିତ ଉପଯୁକ୍ତ ବ୍ୟବହାର କରି ପାରିବେ । ଆଦିବାସୀ ଭାଷା ମଧ୍ୟ ପ୍ରତ୍ୟେକଙ୍କର ଶିକ୍ଷା କରିବା ଉଚିତ । ତା'ହେଲେ ଆଦିବାସୀମାନଙ୍କ ସହିତ ଭାବର ଆଦାନପ୍ରଦାନ ହୋଇ ପାରିବ ।

ଆଦିବାସୀମାନଙ୍କର ଅର୍ଥନୈତିକ ଉନ୍ନତି ସରକାରଙ୍କର ପ୍ରଧାନ କର୍ତ୍ତବ୍ୟ ଅଟେ । ବହୁକାଳ ଧରି ନିଷ୍ପେଷିତ ଆଦିବାସୀମାନେ ପରିବର୍ତ୍ତନ ସହିତ ସମକକ୍ଷ ହୋଇ ନିଜ ନିଜର ଅର୍ଥନୈତିକ ପରିସର ବଢ଼ାଇ ପାରି ନାହାନ୍ତି । ଭୂମିସମସ୍ୟା ଆଦିବାସୀ-ମାନଙ୍କର ଏକ ପ୍ରଧାନ ସମସ୍ୟା । ଆଦିବାସୀମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ପ୍ରଣୟନ ହେବା ପୂର୍ବରୁ ଅଣ-ଆଦିବାସୀମାନେ ଆଦିବାସୀମାନଙ୍କଠାରୁ ଅଧିକାଂଶ ଜମି ହସ୍ତାନ୍ତର କରି ନେଇଛନ୍ତି । ଏହାଛଡ଼ା ଅନେକ ଆଦିବାସୀ ଗୋଷ୍ଠୀ ପୋଡ଼ୁଚାଷ କରି ମୂଲ୍ୟବାନ ବନ୍ୟସମ୍ପଦ ଧ୍ୱଂସ କରି ଚାଲିଛନ୍ତି । ସରକାର ଆଦିବାସୀମାନଙ୍କ ପୁନର୍ବସତି ନିମିତ୍ତ ୮୧ ଗୋଟି ପୁନର୍ବସତି କେନ୍ଦ୍ରରେ ୨୫୦୦ ପରିବାରକୁ ବସାଇଛନ୍ତି । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ଆଉ ୩୫୦୦ ପରିବାରକୁ ବସାଇବାର ଉଦ୍ୟମ ସରକାର କରୁଛନ୍ତି । ଏହିସବୁ କେନ୍ଦ୍ରମାନଙ୍କରେ ଆଦିବାସୀମାନେ ଅପେକ୍ଷାକୃତ ଉନ୍ନତ ଧରଣର ଜୀବନଯାପନ କରିବାକୁ ଆରମ୍ଭ କଲେଣି । ତଥାପି ଏହି କେନ୍ଦ୍ରମାନଙ୍କରେ ଆହୁରି ଅଧିକ ଯତ୍ନ ନେବା ଆବଶ୍ୟକ । ସାମାଜିକ ତଥା ଅର୍ଥନୈତିକ ଉନ୍ନତି ପାଇଁ ଏହି ପୁନର୍ବସତି କେନ୍ଦ୍ରମାନ ଉପଯୁକ୍ତ ସ୍ଥଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜଙ୍ଗଲ ସହିତ ଆଦିବାସୀମାନେ ଘନିଷ୍ଠ ଭାବେ ସମ୍ପୃକ୍ତ । ବହୁକାଳ ଧରି ଆଦିବାସୀମାନେ ଜଙ୍ଗଲରେ ବସବାସ କରି ଜଙ୍ଗଲଜାତ ଦ୍ରବ୍ୟ ଉପଭୋଗ କରି ଆସୁଛନ୍ତି । ଜଙ୍ଗଲ ନିୟନ୍ତ୍ରଣ ପାଇଁ ସୁଫଳପ୍ରଦ ଆଇନମାନ ଆଦିବାସୀମାନେ ଶିକ୍ଷା ଅଭାବରୁ ବୁଝି ପାରୁନାହାନ୍ତି । ଜଙ୍ଗଲ ଠିକାଦାରମାନେ ଆଦିବାସୀ-ମାନଙ୍କ ପ୍ରତି ଅନେକ ସମୟରେ ସହାନୁଭୂତିଶୀଳ ହେଉ ନାହାନ୍ତି । ସେଥି ନିମିତ୍ତ ଜଙ୍ଗଲ ସମବାୟ-ସମିତିମାନ ଗଠନ କରି ଆଦିବାସୀମାନଙ୍କୁ ସାହାଯ୍ୟ କରିବା ନିମିତ୍ତ ମଧ୍ୟ ଉଦ୍ୟମ ହେଉଛି ।

ଆଦିବାସୀମାନଙ୍କ ମଧ୍ୟରେ ଯୌନ-ରୋଗ (Venerial Deseases), ୟୁଜ୍ (yaws) ପ୍ରଭୃତି ରୋଗମାନ ପ୍ରଭାବ ବିସ୍ତାର କରିଛି । ଆଦିବାସୀ ଅଞ୍ଚଳରେ ପାନୀୟ ଜଳର ଅଭାବ ଗ୍ରୀଷ୍ମ ଋତୁରେ ଦେଖାଯାଏ । ଏହା ଫଳରେ ସଂକ୍ରାମକ ରୋଗମାନ ବୃଦ୍ଧି ପାଏ । ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଏ ପର୍ଯ୍ୟନ୍ତ ୧୬ ଲକ୍ଷ ଟଙ୍କା ବ୍ୟୟରେ ୨,୩୭୮ ଗୋଟି କୂଅ ଖୋଳାଇ ସାରିଛନ୍ତି ଓ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳରେ ୩୪ ଲକ୍ଷ ୫୦ ହଜାର ଟଙ୍କା

ବ୍ୟୟରେ ଆଉ ୩,୩୦୦ ଗୋଟି କୂଅ ଖୋଳାଇବାର ଉଦ୍ୟମ କରୁଛନ୍ତି । ଔଷଧ ପ୍ରଭୃତି ବିତରଣ ଓ ଚିକିତ୍ସାଳୟମାନ ସ୍ଥାପନ କରିବା ଦିଗରେ ବିଶେଷ ଧ୍ୟାନ ଦେଉଛନ୍ତି ।

ଆଦିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ନିତାନ୍ତ ସହଜ ବିଷୟ ନୁହେଁ । ଆଦିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରିବାପାଇଁ କର୍ମକର୍ତ୍ତାଙ୍କର ସହାନୁଭୂତି ଓ ଗଭୀର ଅନୁକମ୍ପା ଆବଶ୍ୟକ । କେବଳ ଟୃକରି ଓ ଭତ୍ତା ଦିଗରୁ ବିଚାର କରି ଆଦିବାସୀମାନଙ୍କର ମଙ୍ଗଳ କରିବା ସମ୍ଭବ ନୁହେଁ । ବିଭିନ୍ନ ରାଜ୍ୟମାନଙ୍କରେ ତଥା ଆମ ଓଡ଼ିଶା ରାଜ୍ୟରେ ଉପଯୁକ୍ତ କର୍ମକର୍ତ୍ତାର ଅଭାବ ପରିଲକ୍ଷିତ ହେଉଛି । ବିଭିନ୍ନ ଅଧିକାରୀମାନେ ତଥା ତାଙ୍କର ଅଧୀନସ୍ଥ କର୍ମଚାରୀମାନେ ଏହି ବିଭାଗରେ କାର୍ଯ୍ୟ କରିବା ସମୟରେ ନିଜକୁ ଆଦିବାସୀମାନଙ୍କ ସ୍ତରରେ ରଖି ବିଚାର କରିବା ଉଚିତ । ଏହି କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ଆବଶ୍ୟକ । ଆମ୍ଭମାନଙ୍କର ତାଲିମ କେନ୍ଦ୍ରମାନଙ୍କରେ ମାନବବିଜ୍ଞାନ ଓ ମନୋବିଜ୍ଞାନ ଶିକ୍ଷା ଦେବା ବିଧେୟ । ସରକାରଙ୍କର ଆଦିବାସୀ ଗବେଷଣା କେନ୍ଦ୍ର ଏ ଦିଗରେ ବ୍ୟବସ୍ଥା କରନ୍ତୁ । ଏହାଛଡ଼ା ଆଦିବାସୀ ସମସ୍ୟାମାନଙ୍କର ସମାଧାନ ଦିଗରେ ବିଜ୍ଞାନସମ୍ମତ ପନ୍ଥାମାନ ଦର୍ଶାଇବା ଆବଶ୍ୟକ । ଗବେଷଣା କେନ୍ଦ୍ରର କର୍ମଚାରୀମାନେ ଶାସନଗତ ତଥା ସାମାଜିକ ପରିବର୍ତ୍ତନ ସହିତ ଘନିଷ୍ଠଭାବେ ସମ୍ପୃକ୍ତ ନ ହେଲେ ଏହି କେନ୍ଦ୍ର ନିଜର କର୍ତ୍ତବ୍ୟ ପୂର୍ଣ୍ଣମାତ୍ରାରେ ସମ୍ପାଦନ କରିପାରିବ ନାହିଁ । ଆଦିବାସୀମାନଙ୍କର ଲୋକଗୀତ, ନୃତ୍ୟକଳା ଓ କାହାଣୀମାନ ସର୍ବସାଧାରଣଙ୍କ ଗୋଚରକୁ ଆଣିବା ନିତାନ୍ତ ଆବଶ୍ୟକ । ଆଦିବାସୀ ଛାତ୍ରମାନଙ୍କ ନିମିତ୍ତ ନିମ୍ନ ଶ୍ରେଣୀମାନଙ୍କରେ ଉପାଦେୟ ପାଠ୍ୟପୁସ୍ତକମାନ ସଙ୍କଳିତ ହେଲେ ପ୍ରାଥମିକ ଶିକ୍ଷାଦିଗରେ ବିଶେଷ ସାହାଯ୍ୟ କରିବ ।

ଆଦିବାସୀମାନଙ୍କର ଉନ୍ନତି କେବଳ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗର କର୍ତ୍ତବ୍ୟ ନୁହେଁ । ଏହା ସରକାରଙ୍କର ପ୍ରତ୍ୟେକ ବିଭାଗ ତଥା ଦେଶର ପ୍ରତ୍ୟେକ ନାଗରିକର ପ୍ରଧାନ କର୍ତ୍ତବ୍ୟ ଅଟେ । ସ୍ୱାଧୀନ ଭାରତର ସମ୍ବିଧାନରେ ଆଦିବାସୀମାନଙ୍କର ଉନ୍ନତିକୁ ପ୍ରଥମ ସ୍ଥାନ ଦିଆଯାଇଛି । ଆଦିବାସୀମାନେ ପରିବର୍ତ୍ତନଶୀଳ ବାତାବରଣ ସହିତ ଯେପରି ନିଜକୁ ଖାପ ଖୁଆଇ ପାରିବେ, ଏହା ଆମ୍ଭମାନଙ୍କର ଦେଖିବା ଉଚିତ । ଆଧୁନିକ ସଭ୍ୟତା କାହାରିକୁ ଅପେକ୍ଷା ନ କରି ବ୍ୟାପକଭାବେ ମାଡ଼ି ଚାଲିଛି । ଆଦିବାସୀମାନେ ନିଜର ଶକ୍ତିବଳରେ ଏହି ସଭ୍ୟତାର ଉପାଦେୟତା ଗ୍ରହଣ କରି ଏହାର ଖରାପ ଅଂଶତକ ଯେପରି ବାଦ୍ ଦେଇ ପାରନ୍ତି, ସେଥିପାଇଁ ସେମାନଙ୍କୁ ଯୋଗ୍ୟ ଓ ଶିକ୍ଷିତ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

# ଆଦିବାସୀ ଓ ଆମେ

## ଲକ୍ଷ୍ମୀନାରାୟଣ ସାହୁ

କୃଷ୍ଟିଦିଗରୁ ବିଚାର କଲେ ଆଦିବାସୀମାନଙ୍କଠାରୁ ଆମ୍ଭେମାନେ ଅନେକ କଥା ଗ୍ରହଣ କରିଅଛୁଁ ଓ ଆଦିବାସୀମାନେ ମଧ୍ୟ ଆମ୍ଭମାନଙ୍କଠାରୁ ଅନେକ କଥା ଗ୍ରହଣ କରି ଅଛନ୍ତି ।

ପ୍ରଥମତଃ 'କଳା' କଥା ବିଚାର କରାଯାଉ । 'କଳା' କଅଣ ? କେହି ଜଣେ କହିଅଛନ୍ତି— ନୀରସତାରୁ ନିଷ୍କୃତିହିଁ କଳା । କଳାରେ ଏକମାତ୍ର ବୀଭତ୍ସତା ହେଉଛି ନୀରସତା ।

ଉତ୍କଳୀୟ 'କଳା'ରେ ଆର୍ଯ୍ୟ ଓ ଆଦିବାସୀ କୃଷ୍ଟିର ପ୍ରଭାବ ପଡ଼ିଅଛି । ଅଧ୍ୟାପକ ଓ. ସି. ଗାଙ୍ଗୁଲି କହିଛନ୍ତି ('ମାର୍ଗ' ୧୯୫୫ ସେପ୍ଟେମ୍ବର ପୃଷ୍ଠା ୪୭):—

"ସଉରା ଧର୍ମର ଗୋଟିଏ ବିଶିଷ୍ଟ ବିଷୟ ଏହି ଯେ ରୋଗ ନିବାରଣପାଇଁ ଓ ଜମିର ଉର୍ବରତା ବଢ଼ାଇବାପାଇଁ ମୃତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ କାନ୍ଥମାନଙ୍କରେ ଚିତ୍ର ଅଙ୍କନ କରାଯାଏ । ଏ ସବୁ ଅଙ୍କନକୁ ସେମାନେ ଇଡ୍ଡିଲନ୍ ବୋଲି କହନ୍ତି ।"

ତେଣୁ ବର୍ତ୍ତମାନ ଯୁଗର ଭିତ୍ତିଚିତ୍ର ( mural painting ) ଆଦିବାସୀମାନଙ୍କର ଉପରୋକ୍ତ ଚିତ୍ରର ଅନୁକରଣ ।

ତା ପରେ ବର, ଅଶ୍ୱତ୍ଥ ଓ ତୁଳସୀ ଗଛର ଉପାସନା । ଏ ସବୁ ଗଛରେ ଅଧିଷ୍ଠାତ୍ରୀ ଦେବତା ଅଛନ୍ତି ଓ ଭକ୍ତିରେ ଉପାସନା କଲେ ସେମାନେ ବର ଦାନ କରନ୍ତି । ଗ୍ରୀସ ଓ ଇଟାଲିରେ ପ୍ରାଚୀନକାଳରେ ଗଛମାନଙ୍କର ଉପାସନା ହେଉଥିବାର ଅନେକ ପ୍ରମାଣ ରହିଅଛି । ଗଛମାନଙ୍କୁ ଚେତନ ଜୀବ ବୋଲି ଜ୍ଞାନ କରାଯାଏ ଏବଂ ବର ଓ ଅଶ୍ୱତ୍ଥ ଗଛକୁ ବିବାହ କରି ଦିଆଯାଏ । ବରଗଛ ଗୋଟିଏ ପବିତ୍ର ଗଛ ଓ ଅଶ୍ୱତ୍ଥ ଗଛ ସହିତ ତାହାର ବିବାହ ହୁଏ । ଲୋକେ ଏ ଦୁଇ ଗଛକୁ ପାଖାପାଖି କରି ଲଗାନ୍ତି ଓ ସେ ଦୁହିଁଙ୍କି ବିବାହ କରି ଦିଅନ୍ତି । ଉଚ୍ଚ ଜାତିର ଲୋକେ ଏହା କରନ୍ତି । ଏ ପ୍ରଥା ଆଦିବାସୀମାନଙ୍କଠାରୁ ଆମ୍ଭେମାନେ ଗ୍ରହଣ କରିଥାଇଁ । ତେଣୁ ଆମ୍ଭେମାନେ ଓ ଆଦିବାସୀମାନେ ଅଜ୍ଞାତରେ ମିଳିବାକୁ ଯତ୍ନ କରିଥାଇଁ, ଏବେ ମଧ୍ୟ କରୁଥାଇଁ ।

ଇଂରେଜ କବି ଓ୍ୱାଡ଼ସଓ୍ୱର୍ଥ ବଣର ଗଛମାନଙ୍କରେ ଅଧିଷ୍ଠାତ୍ରୀ ଦେବତା ଥିବା କଥା ଲେଖିଛନ୍ତି ।

ବୋଧିତରୁ ବୁଦ୍ଧଙ୍କ ସ୍ମୃତି ସହିତ ବିଜଡ଼ିତ— ତେଣୁ ଏହା ଇତିହାସପ୍ରସିଦ୍ଧ ଓ ବିଖ୍ୟାତ । ବୁଦ୍ଧ ବୋଧିତରୁ ମୂଳରେ ତପସ୍ୟା କରି ପ୍ରଜ୍ଞା ଲାଭ କରିଥିଲେ ।

### ପିତୃ ପୁରୁଷଙ୍କ ଉପାସନା

ମୃତ ପିତୃ ପୁରୁଷମାନଙ୍କର ଉପାସନା ଆମ୍ଭେମାନେ ଆଦିବାସୀମାନଙ୍କଠାରୁ ଶିକ୍ଷା କରିଥାଇଁ । ଏହାର ପ୍ରମାଣ ଆଦିବାସୀମାନେ ଘରର କାନ୍ଥମାନଙ୍କରେ ଏବେ ମଧ୍ୟ ପିତୃପୁରୁଷମାନଙ୍କର ଚିତ୍ର ଅଙ୍କନ କରିଥାନ୍ତି ।

ଆଦିବାସୀମାନେ ପ୍ରକୃତିର ଘନିଷ୍ଠ ସଂସ୍ରବରେ ବାସ କରନ୍ତି । ତେଣୁ ସେମାନଙ୍କ ନିକଟରେ ପ୍ରକୃତିର ସବୁ ଜିନିଷ ଜୀବନ୍ତ । ମଣିଷ ମରେ; କିନ୍ତୁ ସେ ମୃତ ହୁଏନାହିଁ—ଅନ୍ୟ ରାଜ୍ୟକୁ ଚାଲିଯାଏ ମାତ୍ର । ତେଣୁ

ତା ଉଦ୍ଦେଶ୍ୟରେ ଶ୍ରାଦ୍ଧ । ବର୍ଷକେ ଥରେ ଡାକ ତାକୁ ଅନ୍ନରେ ପିଣ୍ଡ ପ୍ରଦାନ ।

## କଳା

ଆଦିବାସୀମାନଙ୍କର ସୌନ୍ଦର୍ଯ୍ୟବୋଧ ଥିଲା । ତେଣୁ କାନ୍ଥମାନଙ୍କରେ ସେମାନେ ଚିତ୍ର ଆଙ୍କୁଥିଲେ । ଦେହରେ ଚିତା କୁଟାଉଥିଲେ । ସେମାନଙ୍କ ନୀରସ ଜୀବନରେ ନୃତ୍ୟ ଓ ସଙ୍ଗୀତ ସେମାନଙ୍କର ଚିର ସହଚର । କ୍ରମଶଃ ସେମାନେ ଦେହରେ ଚିତା କୁଟାଇବା, ଲୁଗା ପିନ୍ଧିବା ଓ ଅଳଙ୍କାର ଲଗାଇବା ଶିଖିଲେ । ତେଣୁ କଳାର ଉଦ୍‌ଭବ ଓ ବିକାଶ ଘଟିଲା । ବହୁଦିନ ପରେ ସେମାନେ ଚିଠି ଲେଖା ଶିଖିଥିଲେ । ଆମ୍ଭେମାନେ ମଧ୍ୟ କ୍ରମବିକାଶର ପଥରେ ଯାଇ ଆଦିବାସୀ ଅବସ୍ଥା ଅତିକ୍ରାନ୍ତ ହୋଇଥାଉଁ । ତେଣୁ ଆମ୍ଭେମାନେ ଓ ସେମାନେ ଏକ—ଆମ୍ଭମାନଙ୍କ ଓ ସେମାନଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥା ସମାନ ।

## କଳାନୁରକ୍ତି

ଆଦିବାସୀମାନଙ୍କ ମନ କଳା ଓ କଳାସମ୍ମତ ଚିନ୍ତାରେ ପରିପୂର୍ଣ୍ଣ । ଆଦିବାସୀ ଉଲଗ୍ନ ରହୁଥିଲେ ମଧ୍ୟ ସେ ମୁଣ୍ଡରେ ପକ୍ଷ ଓ ପର କାଠି ଓ ଫୁଲ ଲଗାଏ ଏବଂ ରଙ୍ଗ ବୋଳିହୁଏ । ଆଦିବାସୀମାନେ ମାଙ୍କଡ଼; ବାଘ ଓ ଭାଲୁ ପ୍ରଭୃତି ବଣଜନ୍ତୁଙ୍କ ଅନୁକରଣ କରନ୍ତି । କାଠରେ ସେମାନଙ୍କ ମୂର୍ତ୍ତି ତିଆରି କରନ୍ତି । ସେମାନଙ୍କ ନିର୍ମାଣ ସାରଲ୍ୟରେ ଭରା । ଘର କବାଟ ଉପରେ ସେମାନଙ୍କ ଖୋଦନ-କଳା ପ୍ରଶଂସନୀୟ ଓ ଆଶ୍ଚର୍ଯ୍ୟଜନକ ।

## ଯୌନ-ଜୀବନ

ଆଦିବାସୀମାନଙ୍କ ମଧ୍ୟରେ ବ୍ୟଭିଚାର ଅତ୍ୟନ୍ତ ନିନ୍ଦିତ । ବ୍ୟଭିଚାର ଦେଖିଲେ ସ୍ୱାମୀ ସ୍ତ୍ରୀକୁ ବିନା ସଂକୋଚରେ ହତ୍ୟାକରିପାରେ । ବ୍ୟଭିଚାରଯୋଗୁ ସ୍ତ୍ରୀ ଅପେକ୍ଷା ପୁରୁଷ ଅଧିକ କଠୋର ଦଣ୍ଡ ପାଏ । ଆଦିବାସୀ ସମାଜରେ ନାରୀହରଣ ଅଛି । ଅର୍ଜୁନ ତ ପୁଣି ସୁଭଦ୍ରାଙ୍କୁ ହରଣ କରି ନେଇଥିଲେ ଏବଂ ଦ୍ରୌପଦୀଙ୍କୁ ପାଣ୍ଡବମାନେ ମଧ୍ୟ ବଳାତ୍କାରରେ ହରଣ କରି ନେଇଥିଲେ ।

ଆଦିବାସୀମାନଙ୍କ ମଧ୍ୟରେ ସ୍ତ୍ରୀମାନଙ୍କ ଆସନ ଖୁବ ଉଚ୍ଚରେ । ବିବାହ ଗୋଟିଏ ଆଇନସଙ୍ଗତ ଅନୁଷ୍ଠାନ ଏବଂ ସେ ଅନୁଷ୍ଠାନର ବଶବର୍ତ୍ତୀ ହୋଇ ସ୍ତ୍ରୀ ଓ ପୁରୁଷ ସଙ୍ଗମରେ ନିରତ ହୁଅନ୍ତି । ସ୍ତ୍ରୀ ପୁରୁଷ ପ୍ରତି ଓ ପୁରୁଷ ସ୍ତ୍ରୀ ପ୍ରତି ପୂର୍ଣ୍ଣ ଅନୁରକ୍ତ ରହିବାକୁ ବାଧ୍ୟ । ଆଦିବାସୀମାନଙ୍କ ମଧ୍ୟରେ ପୁରୁଷ ଓ ସ୍ତ୍ରୀଙ୍କର ସମାନ ଅଧିକାର । ପୂର୍ବେ ସ୍ତ୍ରୀମାନଙ୍କୁ ମାଡ଼ ଦିଆଯାଉ ନ ଥିଲା । ଯାଜ୍ଞବଲ୍କ୍ୟ କହନ୍ତି, ସ୍ତ୍ରୀମାନଙ୍କୁ କୌଣସିମତେ ଦଣ୍ଡିତ କରାଯାଇ ପାରିବ ନାହିଁ । ବୌଦ୍ଧଯୁଗରେ ସ୍ତ୍ରୀମାନଙ୍କୁ ଅଧିକ ଉଚ୍ଚ ସ୍ଥାନ ଦିଆଯାଇଥିଲା । ବୌଦ୍ଧଧର୍ମ ଗ୍ରହଣ କଲା ପରେ ସ୍ତ୍ରୀମାନେ ମତ ପ୍ରକାଶ କରିବାରେ ଅଧିକ ସ୍ୱାଧୀନତା ପାଇଥିଲେ । ବୁଦ୍ଧଙ୍କ ପୂର୍ବରୁ ସମାଜରେ ସ୍ତ୍ରୀର ଆସନ ଅପେକ୍ଷା ମାତାର ଆସନ ଅଧିକ ଉଚ୍ଚ ଥିଲା । କିନ୍ତୁ ବୌଦ୍ଧଧର୍ମ ପ୍ରବର୍ତ୍ତିତ ହେଲା ପରେ ସ୍ତ୍ରୀର ଆସନ ସମଧିକ ଉନ୍ନତ ହେଲା ।

ଆଦିବାସୀମାନଙ୍କ ମଧ୍ୟରେ ବିନା ପୁରୋହିତରେ ବିବାହ ହେଉଥିଲା, କାରଣ ବିବାହ ଗୋଟିଏ ଘରୋଇ ବିଷୟ ବୋଲି ସେମାନଙ୍କର ଧାରଣା । ବିବାହରେ କୌଣସି ପୂଜା, ବ୍ରତ ହୋମ ଇତ୍ୟାଦି କରାଯାଉ ନ ଥିଲା ଓ କୁସଂସ୍କାରର ସର୍ତ୍ତ ମଧ୍ୟ ନ ଥିଲା । କେବଳ କନ୍ୟାର ଘରେ ଭୋଜି ହେଉଥିଲା । ଅବସ୍ଥାର ତାରତମ୍ୟ ଅନୁସାରେ କିଏ ବା ବେଶୀ ଦିନ ଭୋଜି ଦେଉଥିଲା, କିଏବା କମ ଦିନ ଭୋଜି ହେଉଥିଲା ।

ବେଳେ ବେଳେ କନ୍ୟା ଓ ବରଙ୍କୁ ଉପହାର ଦିଆଯାଉଥିଲା । ବିବାହ ଉତ୍ସବ ପରେ କନ୍ୟା ବର ସହିତ ଯାଇ ବର ଘରେ ଏକାନ୍ନବର୍ତ୍ତୀ ପରିବାରରେ ରହୁଥିଲା । ଆଦିବାସୀମାନଙ୍କ ମଧ୍ୟରେ ସେତେବେଳେ ଏକାନ୍ନବର୍ତ୍ତୀ ପରିବାର ପ୍ରଥା ପ୍ରଚଳିତ ଥିଲା ।

ଏକାନ୍ନବର୍ତ୍ତୀ ପ୍ରଥା ବର୍ତ୍ତମାନ ସଉରମାନଙ୍କ ମଧ୍ୟରେ ପ୍ରଚଳିତ । କନ୍ଧମାନେ ଏହି ପ୍ରଥା ତ୍ୟାଗ କରିଛନ୍ତି ।

## ପୋଷାକ

ଆଦିବାସୀମାନଙ୍କର ସୌନ୍ଦର୍ଯ୍ୟବୋଧ ଅଛି ଓ ସେମାନେ ସେହି ଅନୁସାରେ ପୋଷାକପତ୍ର ପିନ୍ଧନ୍ତି । ଦୁଃଖର କଥା କେତେକ ଆଦିବାସୀ ଉଲଗ୍ନ ରହୁଥିବାରୁ ଲୋକେ ତାହା ପସନ୍ଦ କରନ୍ତି ନାହିଁ । କିନ୍ତୁ ପୋଷାକ-ପତ୍ର ପିନ୍ଧୁ ନ ଥିବାରୁ ଆଦିବାସୀମାନେ ଆନନ୍ଦରେ ଓ ଅସଂକୋଚରେ ଜୀବନଯାପନ କରନ୍ତି । ଉଲଗ୍ନ ରହିବାରୁ ନୈତିକତାହାନି ହେଲା ବୋଲି ସେମାନେ ବିଶ୍ୱାସ କରନ୍ତି ନାହିଁ । ପୋଷାକ ସହିତ ନୈତିକତାର ସମ୍ପର୍କ ସେମାନେ ଜାଣନ୍ତି ନାହିଁ, ତେଣୁ ଶିକ୍ଷିତ ଲୋକେ ଆଦିବାସୀ-ମାନଙ୍କ ମନୋଭାବ ସହାନୁଭୂତିସହକାରେ ବିଚାର କରିବା ଉଚିତ । ଯେଉଁ ଆଦିବାସୀମାନେ ସହରର ସଂସ୍ପର୍ଶରେ ଆସୁଛନ୍ତି ବା ଖ୍ରୀଷ୍ଟଧର୍ମ ଗ୍ରହଣ କରୁଛନ୍ତି, ସେମାନେ ପୋଷାକ ପ୍ରତି ବିଶେଷ ଧ୍ୟାନ ଦେବାକୁ ଭୁଲୁନାହାନ୍ତି ।

## କୃଷି

କୃଷି ବିଷୟରେ ଆଦିବାସୀମାନଙ୍କଠାରୁ ଆମ୍ଭମାନଙ୍କର ବହୁତ ଶିଖିବାର ଅଛି । ସେମାନେ ପର୍ବତ କଡ଼ରେ ଭଲ ଚାଷ କରି ଜାଣନ୍ତି । ଗଞ୍ଜାମ ଜିଲାର ପର୍ବତମାନଙ୍କରେ ସେମାନେ ହଳଦିଚାଷ କରି ପର୍ବତ କଡ଼ମାନଙ୍କୁ ମନୋରମ କରିଥାନ୍ତି ।

## ସଙ୍ଗୀତ

ସଙ୍ଗୀତରେ ସେମାନେ ପ୍ରକୃତିର ଧ୍ୱନିକୁ ଅର୍ଥାତ୍ ନଦୀ, ପବନ, ପତ୍ର ଓ ମେଘର ନିନାଦକୁ ଅନୁକରଣ କରନ୍ତି । ସେମାନଙ୍କର ଗୋଷ୍ଠୀ-ମନୋଭାବ ଅନୁକରଣୀୟ । କାରଣ ସେମାନେ ସଙ୍ଗୀତରେ ନିରତ ହେଲାବେଳେ ସାଙ୍ଗସାଥୀଙ୍କୁ ଘେନି ନୃତ୍ୟ ଓ ଗାନ କରନ୍ତି । ପୁରୁଷ ଓ ସ୍ତ୍ରୀ ଅବାଧରେ ଏକତ୍ର ସଙ୍ଗୀତ ଓ ନୃତ୍ୟ କରନ୍ତି । ଆମ୍ଭମାନଙ୍କର ଏହାକୁ ପ୍ରଶଂସା କରିବା ଓ ଅନୁକରଣ କରିବା ଉଚିତ । ଗାଦବାମାନେ ସୁନ୍ଦର ଲୁଗା ବୁଣି ପାରନ୍ତି । ସେମାନେ ନିଜ ପ୍ରସ୍ତୁତ ରଙ୍ଗରେ ସୂତା ରଙ୍ଗାନ୍ତି । ସେମାନେ ଯେଉଁସବୁ ସଙ୍ଗୀତ ଯନ୍ତ୍ର, ବାଘଧରା ଫାନ୍ଦ, ମୂଷାଧରା ଫାନ୍ଦ, ଧନୁ ଓ ଶର ବ୍ୟବହାର କରନ୍ତି, ଆମ୍ଭମାନଙ୍କର ସେମାନଙ୍କଠାରୁ ସେ ସବୁ ଶିକ୍ଷା କରିବା ଉଚିତ । ସେମାନଙ୍କୁ ଜନ୍ମ ନିୟନ୍ତ୍ରଣ ବିଦ୍ୟା ଜଣାଅଛି । ଏଥିପାଇଁ ସେମାନେ ଯେଉଁ ଚେରମୂଳ ବ୍ୟବହାର କରନ୍ତି, ସେ ସବୁ ଆମ୍ଭେମାନେ ସେମାନଙ୍କଠାରୁ ବୁଝିନେବା ଉଚିତ ।

# ମରୁଡ଼ ପୂଜା

**ଗଣନାଥ ଦାସ**

ଗତ କେତେ ଦିନ ହେବ ପାଲୁର ଗାଁରେ ମରୁଡ଼ ଦେବତାଙ୍କର ଆବିର୍ଭାବ ହୋଇଛି । ଘରେ ଘରେ ପିଲାଏ 'କାଇଲା' ହେଉଛନ୍ତି, ଭୁଖାରେ ଶୁଖି ଶୁଖି ଯାଉଛନ୍ତି; ଶେଷକୁ ଆଖିବୁଜି ଦେଉଛନ୍ତି । ଯେତେ ଯାହା କଲେ ବି ରକ୍ଷା ମିଳୁନାହିଁ ।

ଗାଁରେ ବୁଢ଼ାବୁଢ଼ୀମାନଙ୍କ ମନରେ ଛନକା ପଶିଛି, ଭାଳେଣି ଲାଗିଛି । ଅବସ୍ଥା ଅସମ୍ଭାଳ ହୋଇ ପଡ଼ିଲାଣି । ଯେତେ ଯାହା କଲେ ବି କିଛି ହେଉନାହିଁ । କେତେ ଭୁଟୁକା ଚେରମୂଳି, କେତେ ଔଷଧ, ପଥି । କେଉଁଥିରେ ରୋଗ ହଟୁନାହିଁ, ବେଳକୁବେଳ ବଢ଼ୁଛି । ସେ ଦିନ ଲକ୍ଷ୍ମୀପୁର ହାଟପାଳି, କିନ୍ତୁ ପାଲୁର ଗାଁର କେହି ହାଟକୁ ଯାଇ ନାହାନ୍ତି । ଗାଁଦାଣ୍ଡରେ ସକାଳ ପହରୁ ସଭା ବସିଛି, ବିଚାର ଲାଗିଛି କଅଣ କରିବାକୁ ହେବ । ବୁଢ଼ା ଭେଣ୍ଡିଆ ସମସ୍ତେ ମୁହଁ ଶୁଖେଇ ବସିଛନ୍ତି । ବେଜୁଣୀ ବୁଢ଼ୀ 'ଶିରିଆ' କହି ଚାଲିଛି—"କାଲି ରାତି ଅଧରେ ମୁଁ ସପନ ଦେଖିଛି, ମରୁଡ଼ ଦେବତା ପାହାଡ଼ ଉପରେ ଠିଆହୋଇ ଆମ ଗାଁ ଆଡ଼କୁ କଟମଟ କରି ଅନେଇଛି । ମତେ ଦେଖି ହାତ ଠାରି ଦେବତା ଡାକିଲା । ମୁଁ ଘଡ଼କେ ଦେବତା ପାଖରେ ହାଜର ହେଲି । ଦେବତା ଭାରି ରାଗିଛି । କହିଲା ମତେ, ପୂଜିବାକୁ ତୁମର ଡର ନାହିଁ କି ଲୋ ? ମୁଁ କହିଲି କାହିଁକି ଏମିତି କହୁଛ ମହାପ୍ରଭୁ ! ତମକୁ ପୂଜିବୁ ନାହିଁ ତ କାହାକୁ ପୂଜିବୁ । ଦେବତା ଟିକେ ହସିଲା, କୁଆଡ଼େ ଉଭେଇଗଲା । ମୋର ନିଦ ଭାଙ୍ଗିଗଲା । ଆଖି ମେଲି ଦେଖିଲି ସକାଳ ହୋଇ ଆସୁଛି । ତମକୁ ଭଲ ବୁଦ୍ଧି ଥିଲେ ଦେବତାକୁ ମନେଇ ସୁଝେଇ ଆଣ, ଆଉ ଭଲ କରି ପୂଜା ଦିଅ ।"

ବେଜୁଣୀ ବୁଢ଼ୀକୁ ସମସ୍ତେ ମାନନ୍ତି । ତା' କଥା ଶୁଣି ଆଉ କାହାର କିଛି ଅବିଶ୍ୱାସ ରହିଲା ନାହିଁ । ତିନିବର୍ଷ ବା ପାଞ୍ଚବର୍ଷରେ ଥରେ ମରୁଡ଼ ଦେବତାକୁ ପୂଜା ଦେବା ବିଧି । ଏବେ ଦଶବର୍ଷରୁ ଅଧିକ ହେଲାଣି ଦେବତାକୁ ଡକା ଯାଇନାହିଁ । ଏ ଗାଁରେ ମରୁଡ଼ ପଶିବ ନାହିଁ ତ ଆଉ ପଶିବ କେଉଁଠି ।

ମରୁଡ଼ ପୂଜା କରିବା ଦିନ ଠିକ ହେଲା । ସଙ୍ଗେ ସଙ୍ଗେ ଚାନ୍ଦା କଥା ମଧ୍ୟ ଛିଡ଼ିଗଲା । ଘରପିଛା ପାଞ୍ଚ ଟଙ୍କା କରି ଦେବେ । ଦିନ ଠିକ କରିବାକୁ ବେଜାର ପରାମର୍ଶ ଲୋଡ଼ା । ପାଲୁର ଗାଁରେ ବେଜା ନାହିଁ । ସାଧାରଣତଃ ଆଠ ଦଶ ଖଣ୍ଡ ଗାଁରେ ଜଣେ ଜଣେ ବେଜା ଥାଆନ୍ତି । ବେଜା ପାଖକୁ ଖବର ଦିଆଗଲା । ସେ ଆସି ଦିନ ଧାର୍ଯ୍ୟ କରି ଦେବ, ପୂଜାକାମ ନିର୍ବାହ କରିବ ।

ପାଲୁର ଗୋଟିଏ ଛୋଟ ହରିଜନ ଗାଁ । ଗାଁରେ କୋଡ଼ିଏ ଘର ପରିବାର । କେଉଁ କାଳର ଗାଁଟି । ଲକ୍ଷ୍ମୀପୁରରୁ ଯେଉଁ ରାସ୍ତା ନାରାୟଣପାଟଣାକୁ ଯାଇଛି, ତାହାରି କଡ଼ରେ ପାଲୁର ଗାଁ । ଗାଁ ପଛପଟକୁ ନୂଆଣିଆଁ ହୋଇ କେତେ ବାଟ ଲମ୍ବି ଯାଇଛି ପାହାଡ଼ିଆ ଜମି । ତା ସେ ପଟେ ଛୋଟ ନାଳଟିଏ, ଯହିଁରେ ସବୁ ଦିନ ପାଣି ଚାଲେ । ଏହି କ୍ଷେତରୁ କିଆରିଏ କିଆରିଏ କରି କୋଡ଼ିଏଟି ପରିବାରଙ୍କର କିଛି କିଛି ଜମି, ଯହିଁରେ ମକ୍କା,କାନ୍ଦୁଲ ପରି ବର୍ଷକୁ ବର୍ଷ ଗୋଟେ ଦୁଇଟି ଫସଲ ହୁଏ । କିନ୍ତୁ ଏମାନଙ୍କର ଅସଲ ରୋଜଗାରର ବାଟ ଅଲଗା । ଆଦିବାସୀମାନଙ୍କୁ ଏମାନେ ବଳଦ ଯୋଗାଇ ଦିଅନ୍ତି । ତାଙ୍କ ଚାହିଦା ଜାଣି ଲୁଣ, ଧୂଆଁପତ୍ର, ଲଙ୍କା ଭଳି କେତେକ ଜିନିଷ

ଆଣି ଦିଅନ୍ତି । ତହିଁରୁ ବେଶ୍ ଦି ପଇସା ଫାଇଦା ଉଠାଇ ହୁଏ । ପାହାଡ଼ିଆ ବିଲରେ ହାଡ଼ଭଙ୍ଗା ଖଟଣି କରି ମକ୍କା ବଡ଼ାଏ ଦୁଇବଡ଼ା ବା ଜହ୍ନା ବୋଝେ ଦୁଇ ବୋଝ ପାଇବା ତହିଁ ସଙ୍ଗେ ତୁଳନା କରି ହୁଏନା । ବେଉସା କଲେ କଞ୍ଚା ପଇସା ହାତକୁ ଆସେ । ବିଲ କରି ଫସଲ କଲେ ଠକେଇ ହେବା କଥା ସିନା । ଆଦିବାସୀକୁ ସେ ପାଇଟି ଆସେ । ହରିଜନର ଲୋଡ଼ା କଞ୍ଚା ପଇସା । ତେଣୁ ଫନ୍ଦି ଫିକର କରି ନାନା ବ୍ୟବସାୟ କରି ସେ ପଇସା ଉଆଏ ।

ମରୁଡ଼ି ପୂଜା ପାଇଁ ଗୃହା ଘରପିଛୁ ପାଞ୍ଚଟଙ୍କା । ଗୃହା ଟଙ୍କାରୁ ବେଜୀର ତାଲିକା ମୁତାବକ ସରଞ୍ଜାମ ସବୁ କିଣା ଯାଇଛି । ଗାଁ ଦାଣ୍ଡରେ ଡାଳ ଗୁମୁଣ୍ଡିଆ କରାଯାଇଛି । ଭୂଇଁ ଲିପାପୋଛା ହୋଇ ପିଠୋଉରେ କେତେ ରକମର କମକୁଟ କରାଯାଇଛି । ତହିଁ ଉପରେ ନୂଆ ଲୁଗା ରଖାଯାଇଛି । ଲୁଗା ଉପରେ ଦୁଇଟି ନୂଆ ମାଟି ଘଡ଼ିରେ ଆମ୍ବପତ୍ର ଦିଆଯାଇ ଦୁଇଟି କଳସ । ଗୋଟିକରେ ନାନାପ୍ରକାର ଚିତ୍ର ବିଚିତ୍ର କରାଯାଇଛି, ହଳଦି ଓ ସିନ୍ଦୂରରେ ସୁନ୍ଦର ଭାବରେ ମଣ୍ଡି ଦିଆଯାଇଛି । ତହିଁ ସାମନାରେ ଆଉ ଗୋଟିଏ ମାଟି ଘଡ଼ି ଉପରେ ଦୀପଟିଏ ଜଳୁଛି । ଏହା ଅହରହ ଜଳିବାର କଥା । ଚିତ୍ର ବିଚିତ୍ର କଳସଟି ମରୁଡ଼ି ଦେବତା । ଦେବତାଙ୍କୁ ଡକା ଯାଇ ତହିଁରେ ଥାପନା କରାଯାଇଛି ।

ପାଞ୍ଚଦିନ ଧରି ମରୁଡ଼ି ଦେବତା ପୂଜା ଲାଗିଛି । ଦୁଇଦିନ ଆଗରୁ ବେଜୀ ଆସି ଅତିଥି ହୋଇଛି ପାଲୁର ଗାଁରେ । ଆଉ ଗାଁର ବାଜାଦାର ପଞ୍ଚାଏ ବରାଦ କରା ହୋଇ ଆସିଛନ୍ତି । ଦିନରାତି ବାଜା ବାଜି ପାଲୁର ଗାଁ ଉଠୁଛି ପଡ଼ୁଛି । ଏ ଗାଁରେ ଦୁଇଜଣ ବେଜୁଣୀ । ଦୁଇ ଜଣଯାକ ବୁଢ଼ୀ କେତେ ମନ୍ତ୍ରଯନ୍ତ୍ର ଜାଣିଛନ୍ତି, କେତେ ଗୀତ ପଇଟୁଛି ତାଙ୍କୁ । ଦେବତାଙ୍କ ଜଣାଣ ଅନର୍ଗଳ ବୋଲୁଛନ୍ତି, କାକୁତି ମିନତି କରୁଛନ୍ତି—"ହେ ଦେବତା ! ଆମ ପାଲୁର ଗାଁରେ ବିଜେ ହୋଇଛ । କେଡ଼େ ଭାଗ୍ୟ ଆମର । ତମକୁ ଆମେ କେତେ ବର୍ଷ ହେଲା ଭୁଲିଥିଲୁ । ଆମର ଭୁଲ । ଆମେ ତମର ପୁଅ । ଆମର ଦୋଷ ତମେ କ୍ଷମା କରିବ । ଆମେ ଗରିବ ଲୋକ । ତମକୁ କଅଣ ଦେଇ ପାରିବୁ । ଫୁଲପତ୍ର ଯାହା ଦେଉଛୁ, ଦେବତା ! ତୁମେ ଗ୍ରହଣ କର । ଆମ ପିଲାଙ୍କୁ ବାଧିକା ରୋଗ ଧରିଛି । ତାହା ଭଲ ହେଉ । ତୁମେ ରକ୍ଷା ନ କଲେ ଆମେ ଭାସି ଯିବୁ ।"

ପାଞ୍ଚ ଦିନଯାକ ଭୋଗରାଗ ଲାଗୁଛି ଦେବତା ପାଖରେ । ଡାଳ ଗୁମୁଣ୍ଡିଆ ତଳେ କେତେ ପ୍ରକାର ମୁଆଁ, ପିଠା, ଖିରି, ଘିତ, ଡାଲି ଭୋଗ ସଜଡ଼ା ହେଉଛି ପ୍ରତିଦିନ । ତା ଛଡ଼ା ପ୍ରତି ଘରୁ ନିତି ନିତି ଭୋଗଡାଲା ଆସୁଛି । ପ୍ରତି ଘରୁ ନୂଆ ଲୁଗା, ନୂଆ ଶାଢ଼ୀରେ ଗୁମୁଣ୍ଡିଆ ଛାଇ ହୋଇଯାଇଛି । ବୁଢ଼ାବୁଢ଼ୀ ଭେଣ୍ଡା ସମସ୍ତେ ଏକଯୁଟ ହୋଇଛନ୍ତି । କେହି ଗାଁ ବାହାରକୁ ଯିବାକୁ ନାହିଁ । ଯେ ଯାହାର ମନମୁତାବକ ଛେଳି ବା କୁକୁଡ଼ା ଠିକ୍ କରି ରଖିଛି । ପୂଜା ଶେଷ ଦିନ ବଳି ପକାଇ ଭୋଜି କରିବାକୁ କୋଠପାଣ୍ଠିରୁ ଛେଳି ଛୁଆଟିଏ କିଣା ଯାଇଛି ବଳି ପଡ଼ିବାକୁ ।

ଆଜି ଶେଷ ପୂଜା । ପାଞ୍ଚ ଦିନଧରି ଯେଉଁ ପର୍ବ ଲାଗିଛି ଆଜି ତାହାର ପୂର୍ଣ୍ଣାହୁତି ଦିଆଯିବ । ପ୍ରତି ଘରେ ଜଣେ ଦୁଇ ଜଣ କରି ମରଦ ମାଇପେ ଆଜି ଉପାସ କରିଛନ୍ତି । ଶେଷ ପୂଜା ଆୟୋଜନରେ ସମସ୍ତେ ଲାଗି ପଡ଼ିଛନ୍ତି । ପିଠାପଣା ଘରେ ଘରେ ତିଆରି ଲାଗିଛି । ପିଲା ଭେଣ୍ଡିଆ ସଭିଏଁ ନୂଆ ଲୁଗା, ନୂଆ-ଶାଢ଼ୀ ପିନ୍ଧିଛନ୍ତି । ବାଜା ରହି ରହି ବାଜି ଉଠୁଛି । ପେଁକାଳି କେତେ ସୁର ଧରୁଛି । ବେଜୁଣୀ ଦୁଇଜଣ ଆଜି ସକାଳୁ ଦେବତାଙ୍କ ପାଖ ଛାଡ଼ି ନାହାନ୍ତି । ଗୀତର ଲହରୀ ଆଜି ବନ୍ଦ ହେବାକୁ ନାହିଁ । କ୍ରମେ

ପୂଜା ଶେଷ ହୋଇ ଆସୁଛି । ବାଜାର ତେଜ ବଢ଼ି ବଢ଼ି ଚାଲିଛି । ବେଜୁଣୀ ଦୁଇ ଜଣ ଏଥର ଉଠିପଡ଼ିଲେ । ବାଜାର ତାଳେ ତାଳେ ଦେହହାତ ଥରାଇ ନାଚିବାକୁ ଆରମ୍ଭ କଲେ । ସେ ନାଚର ଯେପରି ଅନ୍ତ ନାହିଁ । ବୁଢ଼ୀ ବେଜୁଣୀଙ୍କ ଦେହରେ ଆଜି ଯୁବତୀର ବଳ । ଦେଖୁ ଦେଖୁ ଘରୁ ଘରୁ ଯୁବକ, ଯୁବତୀ, ପ୍ରୌଢ଼ା, ପ୍ରୌଢ଼, ବୃଦ୍ଧା, ବୃଦ୍ଧ ଜଣ ଜଣ ହୋଇ ନାଚିବାକୁ ବାହାରି ପଡ଼ିଲେ । ଦେବତା ସେମାନଙ୍କୁ ଆଜି ପ୍ରସନ୍ନ ହୋଇଛି । ଦେହମନ ପୁଲକରେ ଭରପୂର । ନାଚି ନାଚି କିଏ ହାଲିଆ ହୋଇ ପଡ଼ୁଛି । ଦୁଇ ଚାରି ଜଣ ତାକୁ ଘର ଭିତରକୁ ଉଠାଇନେଇ ଯାଉଛନ୍ତି ।

ତେଣେ ବେଜା ପ୍ରସ୍ତୁତ ହେଉଛି । ତାକୁ ଧୂପ, ଧୂପ ଦିଆଯାଉଛି । ପୁଲକରେ ଦେହହାତ ଥରି ଉଠୁଛି । ଶେଷକୁ ବେଜା ପୂଜାବେଦି ପାଖକୁ ଆସିଲା । ଦେବତାଙ୍କୁ ନିବେଦନ କଲା । ଲମ୍ବ ହୋଇ କିଛି ସମୟ ଭୂଇଁରେ ପଡ଼ିରହିଲା । ତା'ପରେ ମରୁଡ଼ି ଦେବତାଙ୍କୁ ଧରି ମୁଣ୍ଡରେ ବସାଇଲା । ବାଜାର ସୁର ବଢ଼ି ବଢ଼ି ଉଠିଲା । ବେଜା ନାଚିବାକୁ ଆରମ୍ଭ କଲା । ପ୍ରତିଘରୁ ମା'ମାନେ ତାଙ୍କର ଛୋଟ ଛୁଆମାନଙ୍କୁ କୋଳ କରି ବାହାରି ଆସିଲେ । ବେଜା ଉପରକୁ ଅର୍ଘ୍ୟ ଥାଳିରୁ ଅକ୍ଷତ ବୃଷ୍ଟି କଲେ । ବେଜା ଦେହ ହାତରେ ପିଲାଙ୍କର ଅଙ୍ଗ ସ୍ପର୍ଶ କରାଇଲେ । ଗାଁଦାଣ୍ଡ ମୁଖରିତ ହୋଇ ଉଠିଲା ।

କ୍ରମେ ବେଜା ପ୍ରକୃତିସ୍ଥ ହେଲା । ଦେବତାଙ୍କୁ ମୁଣ୍ଡରେ ନେଇ ଚାଲିଲା ଗାଁଦାଣ୍ଡର ସଡ଼କ ଉପରକୁ, ଯେଉଁଠି ନିଆଁ ଜଳା ହୋଇ ଗୋଟିଏ ବିଶାଳ ଅଙ୍ଗାର ଗଦା ଦଳ୍ ଦଳ୍ ହୋଇ ଜଳୁଥାଏ । ଯୁବକ ଦୁଇଜଣ ଦୁଇଟି କୁଲାରେ ନିଆଁକୁ ବିଞ୍ଚି ବିଞ୍ଚି ଅଧିକ ତେଜ କରାଉ ଥାଆନ୍ତି । ନିଆଁ ପାଖରେ ପଦାଞ୍ଚଳରୁ ବେଜାର ଗୋଡ଼ ଧୂଆ ହେଲା ଓ ସେ ଦେବତାଙ୍କୁ ମୁଣ୍ଡରେ ଥୋଇ ଏପଟରୁ ସେପଟ ନିଆଁ ଉପରେ କେତେଥର ନିର୍ବିଘ୍ନରେ ଯିବାଆସିବା କଲା । ତା ସଙ୍ଗେ ସଙ୍ଗେ କେତେ ଭେଣ୍ଡିଆ ପିଲା ମଧ୍ୟ ନିଆଁ ଉପରେ ଚାଲିଲେ ; କାହାରି କିଛି ହେଲା ନାହିଁ । ହସ ହସ ମୁହଁରେ ନିଆଁ ଉପରେ ଚାଲିଥାନ୍ତି ସେମାନେ ।

ତହିଁ ପରେ ଦେବତାଙ୍କୁ ନେଇ ସମସ୍ତେ ଗଲେ ଗାଁଠାରୁ ଖଣ୍ଡେ ଦୂର, ଯେଉଁଠି ପାହାଡ଼ ନାଳ ରାସ୍ତା କାଟି ଚାଲିଯାଉଛି । ନାଳକୂଳରେ ପଦ ଘୁମୁଣ୍ଡିଆ ହୋଇଥିଲା । ସେଠି ଦେବତାଙ୍କୁ ବିଦାୟ ଦେଇ ସମସ୍ତେ ଫେରି ଆସିଲେ । ପୂଜା ସମାପ୍ତ ହେଲା । ତେତେବେଳକୁ ପ୍ରାୟ ସନ୍ଧ୍ୟା । ତା'ପରେ ଭୋଜିର ଆୟୋଜନ । ଭୋଜିଭାତ ଖାଇ ସାରା ରାତି ନାଚ ଗୀତରେ ଆମୋଦପ୍ରମୋଦରେ କଟାଇ ଦେଲେ ସମସ୍ତେ ।

ପାଲୁର ଗାଁଦାଣ୍ଡ ମଝିରେ ସରୁ ହୋଇ ପାଣି ନଳାଟିଏ ଲମ୍ବି ଯାଇଛି । ତହିଁରେ କାଦୁଅ ଠା'କୁ ଠା' ଭରି ରହିଛି । ଅସଂଖ୍ୟ ଗାଡ଼ରେ ପଚା ପାଣି ଠିଆ ହୋଇଛି । ସବୁଠି ମଶା ଭଣଭଣ ହେଉଛନ୍ତି । ସବୁ ପିଲାଙ୍କ ପେଟରେ ପିଳେହି । ମେଲେରିଆର ପ୍ରାଦୁର୍ଭାବ ହେବା ସ୍ୱାଭାବିକ । ଏ ଗାଁରେ ବା ଆଖପାଖ ଗାଁରେ ସ୍କୁଲ ନାହିଁ । ସମସ୍ତେ ନିରକ୍ଷର ।

ପାଲୁର ପରି ଗାଁ ସମାଜସେବକର ତୀର୍ଥ ହେବା ଉଚିତ ।

# କନ୍ଧର ଆଇନ୍

## ଗୋପୀନାଥ ମହାନ୍ତି

ଆମେ ଯାହାଙ୍କୁ 'କନ୍ଧ' ବୋଲି ନାଁ ଦେଇଛୁଁ ତାଙ୍କ ନିଜ ଭାଷାରେ ସେମାନେ 'କୁଇ' ବା 'କୁଇ' ଲୋକ, ତାଙ୍କ ଭାଷାରେ 'କୁ' ଧାତୁରୁ ଉତ୍ପନ୍ନ ସେହି ଶବ୍ଦର ଅର୍ଥ 'ଅ-ରାଜ ଅମାନିଆଁ ମଣିଷ'। ସେ 'କୁଇେସି' ବା 'କୁଇେୟୁଁ' ଅର୍ଥାତ୍ 'ରାଜ ନୁହେଁ'। ମୂଳରୁ ଯେଉଁ ଜାତିର ଅର୍ଥହିଁ ଏପରି, ଯେ ପାହାଡ଼ ପର୍ବତରେ ରହେ, କିଭଳି ଆଇନ୍ ସେ ଗଢ଼ିଛି ବୋଲି ଆମେ ଭାବିବା ?

ଫେର୍ ଖାଲି ନାଁରୁ ନୁହେଁ, କିମ୍ବଦନ୍ତୀ ଅନୁସାରେ ବି ତାର ବିଶ୍ୱାସ ସେ ସାଧାରଣ ସଂସାର ବାହାରେ, କାରଣ ତାର କିମ୍ବଦନ୍ତୀ ଅନୁସାରେ ସେ ବଡ଼ଭାଇ, ରାଜୁତିଟା ତାର ପାଉଣା; କିନ୍ତୁ ସାନଭାଇ ରାଜା ତାକୁ ଠକିଠାକି ରାଜ୍ୟଟା ନେଇଗଲା। ସେ ରାଜାର ବଡ଼ଭାଇ, ତେଣୁ ରାଜ୍ୟର ଆଇନ୍‌ଠୁଁ ଟିକିଏ ଉପରେ।

ଆଉ ଆଚାରର ବ୍ୟବହାରରେ ବି ସେ ପ୍ରକୃତିର ଶିଶୁ, ସେଠି ବି ସେ ବନ୍ଧା ନୁହେଁ, ମେଲା ଖୋଲା ଅଖିଳା, ନିଉଛୁଆ, ସେଠି ବି ସାଧାରଣ ଆଇନ୍ ଯେପରିକି ତାକୁ ଅଣ୍ଟେ ନାହିଁ।

କିନ୍ତୁ ଏକଥା କହିଲେ ଭୁଲ୍ ହେବ ଯେ କନ୍ଧର ଆଇନ୍ ନାହିଁ। ଆଇନ୍‌ଟା ଟିକିଏ ଭିନେ, ଏତିକି ଯାହା।

ଗୋଟି ଗୋଟିକିଆ ମଣିଷ ଯେତେବେଳେ ଏକାଠି ହୋଇ ଗୋଠ ଗଢ଼ିଲେ ସେତେବେଳେ ସମସ୍ତିଙ୍କ ସୁବିଧା ଲାଗି ଗୋଟି ଗୋଟିକିଆ ମଣିଷଙ୍କର ସ୍ୱାଧୀନତାରୁ କେତେ ପରିମାଣରେ କାଟି ଦିଆହେବ ତାହାରି ବିଚାର ଉପରେ ଆଇନ୍ ଗଢ଼ାହେଲା। ଯେତେଠିଁ ମଣିଷ ସମାଜ ସେତେଠିଁ ଆଇନ୍।

ସବୁ ଆଇନ୍‌ର ମୂଳଦୁଆରେ କେତେକ ମୌଳିକ ସାମଞ୍ଜସ୍ୟ ଦେଖାଯାଏ—ହତ୍ୟା କରିବ ନାହିଁ, ଚୋରି କରିବ ନାହିଁ, ପରର ସ୍ତ୍ରୀଙ୍କୁ ଆଖି ଦେବ ନାହିଁ, ପରର ଜମିକୁ ଝିଙ୍କିବ ନାହିଁ। ଏହାରି ଉପରେ ଆଇନ୍। କେଉଁ ସର୍ତ୍ତରେ ପରର ଜିନିଷ ଜଣକଠୁଁ ଆଉ ଜଣକଠିଁକି ଆସି ପାରିବ ସେ ବିଷୟରେ ଊଣା ଅଧିକେ ସବୁ ସମାଜରେ ଆଇନ୍ ଅଛି; କିନ୍ତୁ ସେ ଆଇନ୍ ଭିନେ।

ମୌଳିକ ନୀତିଗୁଡ଼ିକ ମଣିଷ ସମାଜର ସଂରକ୍ଷଣ ପାଇଁ ଏକାନ୍ତ ଆବଶ୍ୟକ, ତା ନହେଲେ ଲୋକେ ହଣାହଣି ହୋଇ ମରନ୍ତେ। ତେଣୁ ସମସ୍ତଙ୍କ ସମୂହ କଲ୍ୟାଣପାଇଁ ବ୍ୟକ୍ତିକୁ ସେଥିରେ ତାର ସ୍ୱାଧୀନତା ଖର୍ବ କରିବାକୁ ପଡ଼େ। ଏ ବିଷୟରେ କନ୍ଧ ଆଦର୍ଶ। ଆଇନ୍ ବହି ନାହିଁ, ଓକିଲ ନାହାନ୍ତି, ଲେଖା କିଛି ନାହିଁ। ପର୍ବତ ଜଙ୍ଗଲ ଭିତରେ ଲୁଚିବାକୁ, ଧରା ନପଡ଼ି ରହିବାକୁ ଅସରନ୍ତି ସୁଯୋଗ ସୁବିଧା। ତଥାପି ଦେଖାଯାଏ ଅଗ୍ନାଗିନ୍ନ ବନସ୍ତ ଭିତରେ ଅନ୍ଧାରି ପାହାଡ଼ ଖୋଲ ଭିତରେ ଭିତରେ ଏକୁଟିଆ ଯୁବତୀ ସ୍ତ୍ରୀ କାଠ ହାଣି ବୁଲୁଛି, କନ୍ଦା ଖୋଳି ବୁଲୁଛି, ତାର କାମଦାମ କରୁଛି, ଅଥଚ ଲେଖା ଆଇନ୍‌ର ପାହାଡ଼ ଗଦେଇ ଆମ ଏ ସଭ୍ୟ ଦେଶର ସମାଜ ସ୍ତ୍ରୀପିଲାଙ୍କୁ ଏକୁଟିଆ କୁଆଡ଼େ ପଠାଇବାକୁ ଶଙ୍କା ବୋଧ କରୁଛି, କାରଣ ନବ୍ୟ ଶିକ୍ଷିତ ଭଦ୍ରବେଶୀ ଯୁବକମାନେ ଦେବତା

ବିଗ୍ରହଙ୍କ ସାମ୍ନାରେ ଉତ୍ତର ସୁଯୋଗ ନେଇ ନାରୀକୁ ଆକ୍ରମଣ କରିବାର ବି ଶୁଣାଯାଏ । ଏଠି ଅଫିସ୍ ଆଲୁଅର ବଲ୍‌ବ ଚୋରିଯାଏ, ଟେଲିଗ୍ରାଫ୍ ତାର ଯାଏ, ବାରିରୁ କଦଳୀ ଯାଏ, ଘରଚାଳରୁ ରୁଅ ବାଉଁଶ ବି ଯାଏ; କିନ୍ତୁ ସେହି ବଣ ପାହାଡ଼ ଭିତରେ ଦେଖିବୁ ବାଟକରରେ ଏଠି ସେଠି କାଠ ବାଉଁଶ ହଣା ହୋଇ ଗଦା ହୋଇଛି, ଜଗୁଆଳ ନାହିଁ । କିଏ ଆପଣା ଛତା ଛୁଟୋଡ଼ ଛୁଡ଼ିଯାଇଛି । ଜଗୁଆଳ ନାହିଁ । କେବଳ ସେତିକି ନୁହେଁ, କେଉଁଠି ଠାଏ ଖୋଲା କୁଡ଼ିଆ ଭିତରେ ଗାଈ ଜଗୁଆଳ ଦହି କି ଛେନା ଲଟକାଇ ଦେଇ କୁଆଡ଼େ ଚାଲିଯାଇଛି, ଜଗୁଆଳ ନାହିଁ । ସେମିତି ବାରିରେ ଫଳ, କ୍ଷେତରେ ପାଚିଲା ଫସଲ,ଆଖୁ, ଧୂଆଁପତ୍ର । ଅବଶ୍ୟ ସମସ୍ତେ ହାତ ଟେକି ତାଳିମାରି ରାମନାମ କଲାବେଳେ ଅନ୍ୟ କିଏ ତାଙ୍କ ପକେଟ୍ ଅଣ୍ଡାଳି, ଅଣ୍ଟା ଅଣ୍ଡାଳି ଦେଖିଲା କାମ କଲାପରି ଏପରି ବି ହୋଇଛି ଓ ଘଟୁଛି ଯେ କନ୍ଧଜାତି ସତ୍ୟ ଓ ଧର୍ମ ଜଗୁ ଜଗୁ ଡମ୍ବ ଆସି ଘରେ କଳାକନା ବୁଲେଇ ଦେଇଛି । ଶୁଣ୍ଢି, କୁମୁଟି ନେଇଯାଇଛନ୍ତି ତାର ଜମିବାଡ଼ି । ତେବେ, 'ଯାହାର ଧର୍ମ ତାକୁ' । କନ୍ଧ କେବଳ ମୌଳିକ ଆଇନ୍ ଗଢ଼ିଛି ତା ନୁହେଁ, ଅକ୍ଷରେ ଅକ୍ଷରେ ମାନିଛି ।

ତେଣୁ ଦେଖାଯାଏ ଏକ ବିଚିତ୍ର କଥା,—ଯେତେ ଥର କନ୍ଧ ଚାଲିଆସେ ଧାନକାଟି ଫସଲକାଟି ମକଦମାରେ ସେତେଥର ଦେଖାଯାଏ ଯେ ସେ ତାର ଅଧିକାର ସାବ୍ୟସ୍ତ କରିବାକୁ ଯାଇଛି; ଚୋରି କରିବାକୁ ନୁହେଁ ।

ଅବଶ୍ୟ ଏକଥା ସତ ଯେ ତାର ଅଧିକାରର ଧାରଣା ଆମ ଧାରଣାଠୁଁ ଭିନେ । ସେ ଧାରଣାରେ 'କାଳ-ଦୋଷ' ଶବ୍ଦଟି ନାହିଁ । "ଉପରେ ଆକାଶ, ତଳେ ବସୁଧା, ମଝିରେ ମଣିଷ, ଯେ ମରେ ନାହିଁ, ଖାଲି କାୟା ପରିବର୍ତ୍ତନ କରେ, ଏଥିରେ ଯାହା ଯାହାର ତା ତାହାର, 'ସବୁଦିନେ' ଜଣେ ଯାଚି କରି ନଦେଲେ ଆଉ ଜଣେ କେମିତି ପାଇବ ମହାପ୍ରଭୁ ?" ଏଇ ଧାରଣାରେ ତାର ଆଇନ୍ ଆମ ଆଇନ୍ ଲଢ଼େଇ ଲାଗେ ଓ ଆମ 'ନ୍ୟାୟ' ତା ମନକୁ ଆସେ ନାହିଁ । ସେ କେବଳ ଏ ନ୍ୟାୟକୁ ମୁଣ୍ଡପାତି ନିଏ ଆମେ ସଂଖ୍ୟାଗରିଷ୍ଠ ବୋଲି,ଆମେ ଅଧିକ ଶକ୍ତିଶାଳୀ ବୋଲି । କେଉଁ ପଚାଶ ବର୍ଷ ତଳେ କନ୍ଧର ଜମିକୁ ବନ୍ଧା ନେଲା ଶୁଣ୍ଢି କି କୁମୁଟି, ତାକୁ ହୀନବଳ ଦେଖି 'ବନ୍ଧା'କୁ 'ବିକ୍ରି' ବୋଲି ଚଳେଇ ନେଲା, ପୁରୁଷକୁ ପୁରୁଷ କନ୍ଧ ଘରେ ଗଡ଼ିଚାଲିଲା ଏ କାହାଣୀ, ପୁରୁଷକୁ ପୁରୁଷ ହାଇଁପାଇଁ ହୋଇ ସେଇ କ୍ଷେତକୁ ଅନାଇଁ ଅନାଇଁ ମଲେ । ତାପରେ ଉଠିଲା ଜଣେ; ସେ ବି ସେହି 'କୁଇ'—'ଅମାନିଆଁ ଲୋକ' ଜମିଟା ଛଡ଼େଇ ଆଣିବାକୁ ଏକ ଚେଷ୍ଟା ଲଗାଇଲା, ପଡ଼ିଲା ଆମ ଆଇନ୍ ଲଙ୍ଘନ 'ଦୋଷରେ', ତାର ବିଚାର ହେଲା । ସେ ଦଣ୍ଡ ପାଇଲା । ଅବଶ୍ୟ ଆମର ଆଇନ୍‌ବିତ୍ କହିବେ ଯେ ଆମର ଆଇନ୍‌ରେ ବି **Bonafide Good faith** ପ୍ରଭୃତିପାଇଁ ଛୁଡ଼ ଅଛି । କିନ୍ତୁ ଷାଠିଏ ବର୍ଷ ପରେ ହଠାତ୍ ଯେ ପୁରୁଣା ଦାଗୀ ପାଇଁ କୁହୁଳି ଉଠୁଛି, ତାର **Good faith** ଆମ ଆଇନ ସ୍ୱୀକାର କରିବା କଷ୍ଟ, ଯେପରି କଷ୍ଟ ତା ପକ୍ଷରେ ଆମର **Law of limitatin** ସ୍ୱୀକାର କରିବା । ସେ କହିବ "ଏ ଆକାଶ ବଦଳି ନାହିଁ, ଦିନରାତି ହେଉଛି ଆଗପରି, ଏ ପର୍ବତ ବଦଳି ନାହିଁ ସେମିତି ଠିଆ ହୋଇଛି,ଭଗବାନ ଅଛନ୍ତି । ତେବେ ମୋ ଦାବୀ ବଦଳିବ କୁଆଡ଼ୁ ? ଯିବ କୁଆଡ଼େ ? ମିଛଟା ସତ କରିଦେବ ତୁମେ କେଉଁ ଯୁକ୍ତିରେ ? ବର୍ଷର କଳନା ସେଠି ଆସିଲା କୁଆଡ଼ୁ ? ଯେତେ ବର୍ଷ ଗଡ଼ିଗଲେ ବି ତୁମର ସ୍ତ୍ରୀ ତୁମର, ମୋର ସ୍ତ୍ରୀ ମୋର, ସେମିତି ମୋ ଜମି ।"

ଆଉ ଏ **Good faith**ର ଅଙ୍କୁର ହୁଏ ଯେଉଁ କାରଣରୁ, ତା ବି ଆମ ଆଇନ୍‌ରେ ଗ୍ରହଣୀୟ ହୁଏ ନାହିଁ । ହଠାତ୍ କନ୍ଧ ସକାଳୁ ଉଠିଛି । ରାତିରେ ସେ ସ୍ୱପ୍ନ ଦେଖିଛି ତାର କେଉଁ ଅଚିହ୍ନା ପ୍ରପିତାମହଙ୍କୁ, ଯେ

ମଲାଣି ଷାଠିଏ ବର୍ଷ ହେଲା । ସ୍ୱପ୍ନ ଦେଖିଛୁ ପ୍ରପିତାମହ କହିଲେ 'ବାବୁରେ ସେହି ମହୁଲ ଗଛତଳ ଜମିଟା ଝୋଲ ପାଖେ, ସେଇଟା ଆମ ବଂଶର ଜମି,—ଶୁଣି ତାକୁ ଠକି ନେଇଥିଲା । ତୋର ଅଧିକାର ସାବ୍ୟସ୍ତ କର ।' ପହଞ୍ଚିଲା ସେ ଜମି ଉପରେ, ତାପରେ ଫଳ ସହଜାନୁମେୟ ।

ତାର ସରଳ ଆଇନ ସୂତ୍ର । ଯାହାର ଅଧିକାର ତାର ସେ । ସେ ନିଜେ ନିବୁଝାଇଲେ ଭୁଟେ ନାହିଁ । ବିଜ୍ଞପରି ଜ୍ଞାନ କରି ସେ ସେ ଅଧିକାରକୁ ମାନେ ଓ ରକ୍ଷା କରେ ତାର ସମୁଦାୟ ଶକ୍ତି ଏକାଠି କରି । ଯଦି ନକରେ, ତେବେ ଶକ୍ତି ଅଭାବରୁ ସିନା, ମନ ପରିବର୍ତ୍ତନରୁ ନୁହେଁ ।

ହୁଏତ ଏହିପରି ଜ୍ଞାନ ଧାରଣା ନଥିଲେ ସେହି ଜଗୁଆଳିବିହୀନ ଦେଶରେ ତା ପକ୍ଷରେ ନିଜ ସମାଜ ରଖିବା କଷ୍ଟ ହୋଇଥାନ୍ତା ।

ଜଣେ ଜଣକର ଅଧିକାର ଉପରେ ଆକ୍ରମଣ କଲେ ତାର ଦଣ୍ଡ ଅତି କଠୋର । ଚୋରକୁ ଶାସ୍ତି ମାଡ଼, ସମାଜରୁ ତଡ଼ା । ଜମି ଅଧିକାରରେ ହସ୍ତକ୍ଷେପ କଲେ ତାର ଶାସ୍ତି ପ୍ରବଳ ଆକ୍ରମଣ, ହୁଏତ ତାର ପରିମାଣ ହାଣକାଟ, ଲମ୍ପଟର ଶାସ୍ତି କେବଳ ଗୋଟିଏ ପ୍ରାଣଦଣ୍ଡ ।

ଅନେକ ସ୍ଥଳରେ ଦୁଇ ଗାଁ ଭିତରେ ବାଡ଼ କେବଳ ଏକ ପର୍ବତ କି ପାହାଡ଼ ମୁଣ୍ଡିଆ । ଏ ପାଖ ଅଧିକ ଏପାଖ ଗାଁର, ସେପାଖ ଅଧିକ ସେପାଖ ଗାଁର । ମଝିରେ ପାହାଡ଼ ମୁଣ୍ଡରେ ଏକ ବଡ଼ ଗଛ, ସେହି 'ସନ୍ଧି ଗଛ', ଯେଉଁ ପର୍ଯ୍ୟନ୍ତ ସେ ଠିଆ ହୋଇଛି ଦୁଇ ଗାଁ ଲୋକ ଆପଣା ଆପଣା କକ୍ଷରେ ନିୟନ୍ତ୍ରିତ ହୋଇ ସୁଖରେ ଚଳୁଛନ୍ତି । ସନ୍ଧିଗଛ କାଟିବା ଅର୍ଥ ଯୁଦ୍ଧ, ହାଣ କାଟ । ଆମ ଆଖିରେ ଅନ୍ୟ ଗଛ ପରି ସେଇଟା ଗୋଟାଏ ସାଧାରଣ ଗଛ; କିନ୍ତୁ କନ୍ଧ ଆଖିରେ ସେ ଗୋଟିଏ ବାଡ଼ । ତେଣୁ କନ୍ଧ ଯେତେ ପୋଡ଼ୁଚାଷୀ ହେଲେ ବି ଚଳା-ପାହାଡ଼ ମୁଣ୍ଡ ଉପରେ ସନ୍ଧିଗଛ ନକାଟନ୍ତି । ସନ୍ଧିଗଛର ହାଣା ଯୁଦ୍ଧ, ଅତି ସାଧାରଣ କଥା ।

ଅଧିକାରଟା କେବଳ ବ୍ୟକ୍ତିଗତ ନୁହେଁ, ଗୋଷ୍ଠୀଗତ । କାରଣ ସେଠି ଜୀବନଯାପନ ଗୋଷ୍ଠୀମୂଳକ । ଆଗେ ଥିଲା ଗାଁର ସବୁଯାକ ଜମି ସମସ୍ତିଙ୍କର । କୋଠଗୃହହିଁ ଥିଲା ନିୟମ । ପ୍ରତି କାର୍ଯ୍ୟରେ 'ପଞ୍ଚାୟତ'ର ପରାମର୍ଶ ଓ ଅନୁମତି ଲୋଡ଼ା । ଗାଁ ଦାଣ୍ଡରେ, ଯେଉଁଠି ଧରଣୀ ଦେବତାଙ୍କ ସଙ୍କେତ ସ୍ୱରୂପ ବିରାଟ-ପଥର ପଡ଼ିଛି; ପିଲାରୁ ବୁଢ଼ା ସେଠି ବସିବେ ଓ ଗୋଟିଏ ନିଷ୍ପତ୍ତି କରିବେ । ଗାଁ ଗୋଟାକର ନିଷ୍ପତ୍ତିରେ ସମସ୍ତେ ବାଧ୍ୟ ରହିବେ । ଯେ ନମାନିବ ସେ ସେ ଗାଁ ଛାଡ଼ି ଚାଲିଯିବ । ବିକାକିଣା ସବୁ ସେହି ନିଷ୍ପତ୍ତି ଅନୁସାରେ ।

ତେଣୁ ଜଣକର ଅଧିକାରରେ ଆକ୍ରମଣ ଅର୍ଥ ସମସ୍ତଙ୍କ ଅଧିକାର ଉପରେ ଆକ୍ରମଣ ।

ପୂର୍ବେ ଏକ ଗୋତ୍ରର ଲୋକେ ଏକାଠି ଏକ ଗାଁରେ ରହୁଥିଲେ । ସେହି ପର୍ଯ୍ୟାୟରେ ଏକ ବିଚିତ୍ର ଅଧିକାର ଚେତନା କେଉଁଠି କେଉଁଠି ଦେଖାଯାଏ । ବିଶେଷତଃ ନିୟମଗିରି ପର୍ବତର ଡଙ୍ଗରିଆ କନ୍ଧମାନଙ୍କ ଭିତରେ । ଗୋଟାଏ ଗାଁର 'କାଡ୍ରାକା' କନ୍ଧ (ପୋଡ଼ ଗୋତ୍ରର) ମାନଙ୍କର ଜମି ଅଛି । କିନ୍ତୁ ସେ ଜମିକୁ ହସ୍ତାନ୍ତର କରିବାକୁ ହେଲେ ଯେତେଠିଁ ଯେତେ 'କାଡ୍ରାକା' ଗୋତ୍ରର କନ୍ଧ ଅଛନ୍ତି ସମସ୍ତିଙ୍କ ଅନୁମତି ଦରକାର । ଏପରି ଅନୁମତି ନନେଇ ଯେ ଜମି ହସ୍ତାନ୍ତର କରିଥିବ, ସେଥିରେ ଯେ କୌଣସି ସମୟରେ ଅନ୍ୟ ଗାଁର ଯେ କୌଣସି 'କାଡ୍ରାକା' ବଂଶର କନ୍ଧ ଆସି ଗୋଳମାଳ କରିପାରିବେ । ଗାଁ କନିଆରେ ଏଭଳି ଯୁକ୍ତିକି ସେମାନେ ଆଗତ କରନ୍ତି; ସରଳ କଥା ଯାହାର ସଂପତ୍ତି ତାର, ଜଣେ ଯାଚି କରି ନଦେଲେ ଆଉ ଜଣେ ନେବାକୁ ହକ୍‌ଦାର କିପରି ହେବ ?"

ଏହି ବିଷୟରେ ଭାବିହୁଏ ସେମାନଙ୍କର ନାରୀ-ସମ୍ପର୍କୀୟ ଅଧିକାର । କନ୍ଧ ତାର ଜମିକୁ ଓ ନାରୀକୁ ଏକାଠି ଭାବେ । ନିୟମଗିରିର ଡଙ୍ଗରିଆ କନ୍ଧ ଜମିକୁ କହେ 'ମୋ ଝିଅ' । କେତେବେଳେ ସେ ଜମି ତାର ଝିଅ, କେତେବେଳେ ତାର 'ସ୍ତ୍ରୀ' ସେହି ଏକ; ନାରୀ ଧାରଣାରୁ ଦୁଇ ଭାବ । 'ଝିଅ' ଧାରଣାହିଁ ବେଶି ପ୍ରଚଳିତ । ଝିଅ ଶାଶୁଘରକୁ ଯାଏ; କିନ୍ତୁ ବାପମା'ଙ୍କର ଅଧିକାର ତା ଉପରୁ ତୁଟେ ନାହିଁ । ଶାଶୁଘରୁ ତଡ଼ା ଖାଇଲେ ତାର ଆଶ୍ରୟ ସେହି ବାପଘର, ପୁଣି ଆପେ ଇଚ୍ଛାକରି ଶାଶୁଘରୁ ଚାଲି ଆସିଲେ ବି ତାର ଆଶ୍ରୟ ସେହି ବାପଘର, ତେଣୁ ମାମୁଁର ଆସନ ସ୍ୱତନ୍ତ୍ର ।

## କନ୍ଧ ଆଇନ୍‌ରେ ନାହିଁ ଜମି ବିକିବା ପ୍ରଥା, ଜମି କେବଳ ବନ୍ଧା ଦିଆହୁଏ

ପଚିଶ ବର୍ଷ ହେଉ, ଶହେ ବର୍ଷ ହେଉ, ତଥାପି ସେ କେବଳ 'ବନ୍ଧା' ହିଁ, ବିକ୍ରି ନୁହେଁ । ତାକୁ ମୁକୁଳାଇବାକୁ ଅଧିକାର ଅଛି । ଏଇ ତ ପ୍ରାଚୀନ କାଳର ରୀତି, ଦୁର୍ଭେଦ୍ୟ ବଣମାଳ ଭିତରେ ଆମ ସଭ୍ୟତାଠୁଁ ଦୂରରେ, ନାଳ ସଡ଼କଠୁଁ ଦୂରରେ ଏଇ ରୀତିହିଁ ତ ପ୍ରଚଳିତ । ଅନ୍ୟନ ଯେଉଁଠି କ୍ୱଚିତ୍ ବିକ୍ରି କଥା ଶୁଣୁଁ ସେ ନୂଆ କଥା, ସେ କନ୍ଧରୀତି ନୁହେଁ । ବହୁ କଷ୍ଟରେ ଜମି ତିଆରି ହୁଏ, ବଣ ହାଣି, ଖୋଳି ତାଡ଼ି, ବାଘମୁହଁରେ ଆପଣା ବନ୍ଧୁ ସ୍ୱଜନଙ୍କୁ ବଳିଦେଇ, ଛିପ କ ପାହାଡ଼କୁ ପାହାଚ ପାହାଚ କରି କାଟି, ନାନା ଉପାୟ କରି କନ୍ଧ ଜମି ତିଆରି କରେ । ସେ ଗୋଷ୍ଠୀଗତ ଉଦ୍ୟମ, ଜଣକର କାମ ନୁହେଁ । ତେଣୁ ସେ ଗଢ଼େ ତା ଗୋଷ୍ଠୀର ସବୁଦ୍ଧନ ପାଇଁ ବ୍ୟବହାର ଲାଗି, ପରହାତକୁ ସବୁଦ୍ଧନ ଲାଗି ଟେକିଦେବା ଲାଗି ନୁହେଁ । ବନ୍ଧା ଦିଏ ଅଭାବରେ ପଡ଼ି, ଗୋଟିଏ ବର୍ଷ ଗଲେ ଦଉଡ଼ିରେ ଗୋଟିଏ ଗଣ୍ଠି ପକାଏ । ବିଶ୍ୱାସ କରେ, ବନ୍ଧା ନୁହେଁ ବିକ୍ରି ।

କିନ୍ତୁ ଜମି ଆଉ ଫେରେ ନାହିଁ । ହୁଏତ ଯେଉଁ କାଗଜରେ ସେ ଟିପ ଦେଇଛି ସେଥିରେ ଲେଖା ଥିଲା 'ବିକ୍ରି' ସେ ଜାଣି ପାରି ନାହିଁ, ହୁଏତ ବନ୍ଧକଧାରୀ ନିଜକୁ ଚଳେଇଦେଲା ବିକ୍ରିଧାରୀ ବୋଲି, କାରଣ ଯାହା ହେଉ ପଛେ । ବ୍ୟାବହାରିକ ସମ୍ପର୍କରେ ଚିରନ୍ତନ ମାଟିର ଚେତନା ଯେପରି କନ୍ଧକୁ ତାର ଅଧିକାର ସାବ୍ୟସ୍ତ କରିବା କାର୍ଯ୍ୟରେ କଠୋର କରେ, ସେପରି କଠୋର କରେ ତାର ଋଣ ସୁଝିବା କାର୍ଯ୍ୟରେ । ଖାଲି ବାପଅଜା ନୁହନ୍ତି, ପଣ ପଣ ଅଜାମାନେ ଯେଉଁ ଋଣ କରିଯାଇଥିଲେ ତାକୁ ସୁଝିବାକୁ ସେ ନିଜକୁ ବାଧ ମନେ କରେ । ଆମ ଆଇନରେ ଋଣ ସୁଝିବାକୁ ଯେଉଁ 'କାଳଦୋଷ'ର ବିଧାନ ଅଛି ଓ ଯାହା ଅନେକ ସମୟରେ ତାକୁ ତାର ଓକିଲ ପରାମର୍ଶ ଦିଅନ୍ତି, ସେଥିରେ ତାର ମନ ମାନେ ନାହିଁ । ସେ କହେ 'ସତଟା ସତ, ମିଛଟା ମିଛ, ଅଧିକାରଟା ଅଧିକାର ସବୁ କାଳେ'—ତେଣୁ ଶହେ ବର୍ଷର ଋଣ ସୁଝିବାକୁ ସେ ଦାୟୀ । ସେ ସମୟକୁ କଳନା କରି ଅଧିକାରକୁ ନିୟନ୍ତ୍ରିତ କରେ ନାହିଁ । ଫେର୍ ସେହିପରି, ସେ ଆପଣା କଥାରେ ବାଧ ରହିବାଯୋଗୁଁ ଯାହା ସର୍ତ୍ତ ହୋଇଥିଲା, ସେହିଆକୁ ମୁଣ୍ଡପାତି ଗ୍ରହଣ କରେ । ହୁଏତ ସେହି ସର୍ତ୍ତଗୁଡ଼ାକ ଆମ ଆଇନ୍ ଅନୁସାରେ ସ୍ୱୀକାର୍ଯ୍ୟ ନୁହେଁ । ତାର ସେଥିରେ କିଛି ଯାଏ ନାହିଁ, ସେ ତାର ସର୍ତ୍ତକୁହିଁ ମାନିବ । ଅଜା ବିଭା ହେଲା ବେଳେ କେବେ ସାହୁକାରଠୁଁ ଦଶ ସେର ଚାଉଳ ଉଧାର ନେଇଥିଲା, ସୁଧ ବର୍ଷକୁ କୋଡ଼ିଏ ସେର, ଗଡ଼ି ଗଡ଼ି ଆଉ ଛିଡ଼ୁନାହିଁ, ଅଜା ସେ ଋଣ 'ଛିଡ଼ନ' ବାବତକୁ ମାହାଲିଆ ଗୋତି ଖଟିଲା ଦଶବର୍ଷ, ବାପ ସେ ଋଣର 'ଛିଡ଼ନ' ବାବତକୁ ଗୋରୁଗାଈ ଦେଲା, ମାହାଲିଆ ଗୋତି ଖଟିଲା, ଜମି ଖଣ୍ଡେ ବନ୍ଧା ଦେଲା, ଚାଲିଛି ସେ ଋଣ । ଲେ'ଅ ଦର୍ମୁ, ଡୋ' ଇଁ ଦର୍ତ୍ତିନୁ; ଅର୍ଥାତ୍ ଉପରେ ଧର୍ମ ତଳେ ଧରଣୀ, ଅନ୍ୟ ସାକ୍ଷୀ ଦରକାର ନାହିଁ ।

ଏହି ପ୍ରକରଣରେ ଆସେ ସ୍ୱାମୀ-ସ୍ତ୍ରୀ ସମ୍ବନ୍ଧର ବିଚାର । ସମାଜର ପ୍ରଥା ଅନୁସାରେ ବିବାହଟା ହୁଏ ଆଗ ବର କନ୍ୟା ରାଜି ହେଲେ । ସେମାନେ ଢେର ଚାହିଁ ଭାବି ବିଚାରି ସାମାଜିକ ଚୁକ୍ତି ମାନିନେଲେ ଯେ ଏକାଠି ସ୍ୱାମୀ-ସ୍ତ୍ରୀ ହୋଇ ରହିବେ । ତା'ପରେ ଆନୁଷ୍ଠାନିକ ବିବାହ । ସେ ଯେଉଁ ପ୍ରକାରର ହେଉ, ଅର୍ଥାତ୍ ବର ଯଦି ଭୋଜି ଦେଇପାରିବ, କନ୍ୟାସୁନା ବାବଦକୁ ଟଙ୍କା, ହଡ଼ାବଳଦ ଆଦି ଦେଇପାରିବ ତେବେ ସେ ବଡ଼ ବିଭା, ନହେଲେ କନ୍ୟାର ରାଜିରେ ସେ ତାକୁ ଚୋରାଇ ନେଇ ପାରିବ । ନହେଲେ କନ୍ୟା-ସୁନା ସୁଝାଇବାକୁ ଶଶୁରଘରେ ଦିନାକେତେ ଗୋତି ଖଟିସାରି ତା'ପରେ କନ୍ୟାକୁ ଆଣିପାରିବ । ଉପାୟ ଯାହା ହେଉ ପଛେ ବିଭା ନା ବିଭା, ସେଥିରେ ବର କନ୍ୟାଙ୍କର ଦୃଢ଼ ମତ ଅଛି, ଏତିକି ଧରିନେବାକୁ ପଡ଼ିଲା ।

ଅତଏବ ବିବାହ ବନ୍ଧନରେ ନିଜକୁ ବାନ୍ଧି-ଦେଲପରେ ପରସ୍ପର ପ୍ରତି ବିଶ୍ୱାସ ରଖି ଚଳିବାକୁ ସେମାନେ ବାଧ । ସେହି ଅବସ୍ଥାରେ ରହିଥିଲାବେଳେ ନାରୀ ଯଦି ବ୍ୟଭିଚାରିଣୀ ହେବ କି ପର ପୁରୁଷ ଯଦି ପର ସ୍ତ୍ରୀ ସହିତ ଅସତ୍ ସମ୍ବନ୍ଧ କରିବ, ତେବେ ତାର ଗୋଟିଏ ମାତ୍ର ଶାସ୍ତି,—ପ୍ରାଣଦଣ୍ଡ । ସଙ୍ଗେ ସଙ୍ଗେ ଉଠିବ ଟାଙ୍ଗିଆ ବା ଧନୁ, କିଛି ଦ୍ୱିଧା କରିବ ନାହିଁ । ଅସଂଖ୍ୟ କାହାଣୀ ଶୁଣିବାକୁ ମିଳେ, ସେ ହାଣିବ, ଆଉ ସ୍ୱୀକାର କରିବ କଚେରିରେ ।

କିନ୍ତୁ ନାରୀର ସ୍ୱାଧୀନତା ଅଛି । ପର ପୁରୁଷକୁ ମନ ହେଲା, କି ନିଜ ପୁରୁଷକୁ ଛାଡ଼ିବାକୁ ଇଚ୍ଛା ହେଲା, ସେ ତ ଅତି ସହଜ; କିନ୍ତୁ ତାର ଉପାୟ ସାମାଜିକ ବିଧାନ ଅନୁସାରେ । ସେ ସ୍ତ୍ରୀ ଆପଣା ମତ ପ୍ରକାଶ କରିବ । ବସିବ ପଞ୍ଚାୟତ । ସେ ପ୍ରକାଶ କରିବ ସେ ଏ ପୁରୁଷକୁ ଛାଡ଼ିବ । ଏତିକି କହିଲେ ବିବାହ ଭାଙ୍ଗିଗଲା । ତାକୁ ଖଣ୍ଡେ ନୂଆ ଶାଢ଼ୀ ଦେବେ, ଆଉ ଗୋଟିଏ ଟଙ୍କା । ଗାଁ ଲୋକ ଦି ଚାରିଜଣ ତାକୁ ତା ଗାଁରେ ଛାଡ଼ିଦେବାକୁ ଯିବେ । ସେ ସ୍ୱାଧୀନ । ପୁଣି ସତେକି 'ବାପଘରେ ଝିଅ' । ତାର ଯାହାକୁ ମନ ହେବ ତାକୁ ବିଭା ହେବ । ବିଭାଘର ହେଲା ଜାଣିଲେ ତାର ପ୍ରଥମ ସ୍ୱାମୀ ତାର ଦ୍ୱିତୀୟ ସ୍ୱାମୀ ପାଖକୁ ଯାଇ ତା ଗାଁରେ ପଞ୍ଚାୟତ ବସାଇ ସେ ବିଭାହେଲାବେଳେ ଯାହା ଖର୍ଚ୍ଚ କରିଥିଲା, ତାକୁ ସେହି ଦ୍ୱିତୀୟ ପୁରୁଷଠୁଁ ଦାବୀ କରି ଆଣିବ, ନ ଦେଲେ ଏଥିପାଇଁ ମକଦମା ଚଳିପାରେ ।

ଆଜିକାଲି ଏଭଳି ଅବସ୍ଥାରେ ପ୍ରଥମ ପୁରୁଷ ଆମ ପେନାଲ୍ କୋଡ୍ ଅନୁଯାୟୀ ୪୯ ପ୍ରଭୃତି ଦଫାରେ ମକଦମା କରୁଥିବା ଦେଖାଯାଏ । ଚଳନ୍ତି ପ୍ରଥା ବିଷୟରେ ଖୋଳତାଡ଼ ପଚାରିଲେ ସତ ଧରା ପଡ଼ିଯାଏ । ତାର ଦାବୀ କେବଳ 'ସଗଛି' ବା 'ପ୍ରିଡ୍ରୋନ୍‌ଜି'; ଅର୍ଥାତ୍ ଏଇ କ୍ଷତିପୂରଣରେ, ଆଉ ସେ ସ୍ତ୍ରୀ ଉପରେ ତାର ଦାବୀ ନାହିଁ ।

କନ୍ଧ ଏଭଳି ମକଦମା କ୍ୱଚିତ୍ କରେ । କିନ୍ତୁ କନ୍ଧର ଏ ପ୍ରଥା ଝୋଡ଼ିଆ ପରଜା, ବଡ଼ ପରଜା, ଡମ୍ବ, ଘାସି, ମଗଧା ଗଉଡ଼ ପ୍ରଭୃତି କନ୍ଧ ଅଞ୍ଚଳର ଅନେକ ଜାତି ଗ୍ରହଣ କରିଥିବା ଦେଖାଯାଏ । ମକଦମା ସେହିମାନଙ୍କରହିଁ ବେଶି । କନ୍ଧର କନ୍ୟା-ସୁନା ମୋଟେ ପାଞ୍ଚ ଦଶଟଙ୍କା, ଗୋଟାଏ ହଡ଼ା, ଟିଣେ ଦି'ଟିଣ ମଦ, ଏହିପରି; କିନ୍ତୁ ଗଉଡ଼ ଓ ଡମ୍ବମାନଙ୍କ କନ୍ୟାସୁନା ବେଳେ ବେଳେ ଚାରିଶହ ପାଞ୍ଚଶହ ଟଙ୍କା ହୋଇଥିବାର ବି ଦେଖାଯାଏ । ମକଦମା ସେଇଠି ବେଶି ।

ମୋଟାମୋଟିରେ ଏଭଳି ପ୍ରଥା କୋରାପୁଟର ଅନ୍ୟାନ୍ୟ ପାହାଡ଼ି ଜାତିଙ୍କଠି ବି ଦେଖାଯାଏ, ଯଥା—ଗାଦବା, ପାରେଙ୍ଗା ଇତ୍ୟାଦି ।

ବାପଘରେ ଥିବା ଝିଅମାନଙ୍କର ଯଥେଷ୍ଟ ସ୍ୱାଧୀନତା ଅଛି । ଧାଙ୍ଗଡ଼ାବସା ଘର ଓ ଧାଙ୍ଗଡ଼ୀବସା ଘର ଏ ଅଞ୍ଚଳର ବିଶିଷ୍ଟ ଅନୁଷ୍ଠାନ । ବାଟରେ ଚାଲିଯାଉଥିବା ଝିଅମାନଙ୍କୁ ଦେଖି ପୁଅମାନେ ଓ ପୁଅମାନଙ୍କୁ ଦେଖି

ଝିଅମାନେ ଢେନାଢେନ ଲଗାଇବା ଗୀତ ବୋଲନ୍ତି । ଏ ତ ତାଙ୍କର ଜୀବନର ସାଧାରଣ ଘଟଣା । କିନ୍ତୁ ସବୁ ଚାଲିଯିବ ଯଦି ଝିଅପିଲାର ମତ ଥିବ, ତେବେ । ଯେଉଁଥିରେ ତାର ମତ ନାହିଁ ସେ ଅପମାନ । ନାରୀପ୍ରତି ଅପମାନର ଶାସ୍ତି ମୃତ୍ୟୁ । ସେ ଦଣ୍ଡ ଦେବେ ତାର ବାପ, ଭାଇ, ସମାଜ । ଅବଶ୍ୟ ଏଭଳି ଘଟନା କ୍ୱଚିତ ଘଟେ, ତାର ଅନେକ କାରଣ । ଏମାନଙ୍କ ସମାଜରେ ସ୍ୱାଧୀନ ବଛିବଛି ପାଇଁ ସୁଯୋଗ ଅଛି ବୋଲି ଝିଅମାନେ ଟିକିଏ ଉଡ଼ ଶିଖିଲାଦିନୁ ସେମାନଙ୍କର ପୁରୁଷ ସଙ୍ଗୀ ଜୁଟି ଯାଆନ୍ତି ଓ ବଛିବଛି ପରେ ସେମାନେ ବିଭା ହୋଇ ପଡ଼ନ୍ତି । ଝିଅମାନଙ୍କୁ ପୁଅମାନଙ୍କ ସମାଜ ସବୁବେଳେ ଘଣ୍ଟ ଘୋଡ଼େଇ ରଖିଥାନ୍ତି । ଝିଅମାନେ ବି କାନ୍ଧରେ ଠାଙ୍ଗିଆ ପକାନ୍ତି, ମିଁ-ମିଁ-କିଆ ନୁହନ୍ତି । ଆଉ କନ୍ଧ ସମାଜରେ ସବୁବେଳେ ଝକମକ ହତିଆର ।

ତାଛଡ଼ା, ଏଭଳି ଘଟନା ଘଟିଲେ ପ୍ରାୟ 'ପୁଅ'କୁ ବାଧ୍ୟ କରିହୁଏ ତାକୁ ବିଭା ଦେବାକୁ । ବିଭା ହେବ ନାହିଁ, ଦାୟିତ୍ୱ ନେବ ନାହିଁ, ଲୁଚ୍ଚା ଲଫଙ୍ଗାମି କରିବ । କନ୍ଧ ତା ସହିବ ନାହିଁ, କେହି ସହିବ ନାହିଁ ।

ଏ ସମ୍ପର୍କରେ ଗୋଟିଏ ଶୁଣା କାହାଣୀ ମନେ ପଡ଼େ । ବହୁଦିନ ତଳର କଥା । ବଡ଼ ସାହେବ୍, ଇଂରେଜ୍ । ଏବର ମାଛକୁଣ୍ଡ ଯୋଜନା ପାଖ ଲମତାପୁଟ୍ ଗାଁରେ ଆମ୍ବତୋଟାରେ ପଡ଼ିଛି ତମ୍ବୁ । ଆଗରେ ଥାଏ ଗୋଟିଏ ଝରଣା ମୁହଁ । ଗାଦବା-ଭାଷୀ ପାରେଙ୍ଗା ଜାତିର କେଉଁ 'କର୍ଷାନ'ର ଝିଅ ପାଣି ନେବାକୁ ଆସିଲା । ସାହେବ ଗୋଡ଼େଇଲେ ।

ଝିଅ ଗାଁକୁ ପଳାଇଲା । ପ୍ରାୟ ଘଣ୍ଟାଏ ପରେ ଆସିଲେ ମଣିଷ । ଗାଁକୁ ଗାଁ ଉକାଉକ ହୋଇ ସେମାନେ ଆସିଥାନ୍ତି । ସଶସ୍ତ୍ର । ବୁଢ଼ା ଚପରାସି ପଦାକୁ ବାହାରିଲା । ସେମାନେ କହିଲେ ଆମେ ତମ୍ବୁ ପୋଡ଼ିବୁ, ସାହେବକୁ ଚଟଣି କରିବୁ, ତେବେ ଯାଇଁ ଯିବୁ । ଭିତରେ ସାହେବ୍ ଥରଥର । ଚପରାସି ବୁଦ୍ଧି ଦେଲା, ଦାନ୍ତରେ କୁଟା ଧର, ବେକରେ ପାଲଦଉଡ଼ି ପକାଅ, ଟଙ୍କା ପଚିଶଟି ଥୋଇ ଦେଇ ଲମ୍ବ ହୋଇ ଗୋଡ଼ତଳେ ପଡ଼, ବାକି ସବୁ ମୁଁ ବୁଝିବି, ନ ହେଲେ ଏଠୁ ଆଉ ଫେରିବା ନାହିଁ । ଜୀବନ ବିକଳରେ ସାହେବ ସେଇଆ କଲେ । ଚପରାସି ବୁଝେଇଲା ଏ ସାହେବ ତୁମ ଝିଅକୁ ବିଭା ହେବା ପାଇଁ ଏ କନ୍ୟାସୁନା ଥୋଇଦେଲେ, ଶରଣ ପଶିଲେ, ଆଉ ରାଗ ନାହିଁ । ମୁହୂର୍ତ୍ତିକେ ଅବସ୍ଥା ବଦଳିଗଲା । ସେମାନେ ଖୁସି ହୋଇଗଲେ । ଝିଅକୁ ଟାଣିଆଣି ବୁଝେଇ ଶୁଝେଇ କହିଲେ "ଯା ମା' ଏଇଠା ଛୋଟେ ବିଭା ହେବାକୁ ମନ କରିଚି, ଭଲ ସଲଖ ସୁନ୍ଦର ଭେଣ୍ଡିଆ, ବିଭା ହ, ଡାକ ଡିସାରିକି, ପୂଜା ବସୋଉ ।" ସାହେବଙ୍କର ଯଥେଷ୍ଟ ହୋଇଥିଲା । ତୁଣ୍ଡେ ତୁଣ୍ଡେ କନ୍ୟା ଗ୍ରହଣ କରି ପୁଣି କନ୍ୟାକୁ ସ୍ୱାଧୀନତା ଦେଇ ତମ୍ବୁ ଉଠେଇ ବିଦା ହୋଇ ଆସିଲେ । ସେଦିନ ଜନଚେତନାରେ ଜଳି ଉଠିଥିଲା ଆଉ ଏକ ବିଜୁଳି, ସେ ମାଛକୁଣ୍ଡର ନୁହେଁ ।

ଅନେକ ସମୟରେ କନ୍ଧର ସାମାଜିକ ରୀତି ଆମ ଆଇନ୍‌ରେ ଦୂଷଣୀୟ ହୁଏ । ହାଟମଝିରୁ ଗୋଟିଏ ବଢ଼ିଲା ଝିଅକୁ ଟୋକାମାନେ ମହା ଉଲ୍ଲାସରେ ଟେକି ନେଇ ପଳାଉଛନ୍ତି, ସେ ପାଟିକରୁଛି ଛଟିପିଟି ହେଉଛି । ତାର ସାଙ୍ଗସାଥୀମାନେ ମାରି ଗୋଡ଼ାଉଛନ୍ତି । ଏଠି ପେନାଲ୍ କୋଡ଼ର ସବୁ ଆଇନ୍ ଭାଙ୍ଗିଗଲା । କିନ୍ତୁ ଟିକିଏ ଅନୁସନ୍ଧାନ କଲେ ଜଣାଯିବ ଯେ ଏ ସବୁଯାକ କନ୍ଧର ବିଧାନ-ସମ୍ମତ । ପୁଅଝିଅ ଆଗରୁ ଶିଖାଶିଖି ହୋଇଛନ୍ତି । ବରର ପଇସା ନାହିଁ, ସେ କନ୍ୟାସୁନା ଦେଇ ସମାଜ ଲୋକଙ୍କୁ ଭୋଜିଭାତ ଦେଇ ଆନୁଷ୍ଠାନିକ ବିବାହ ପଦ୍ଧତିରେ ବିଭା ହେବାକୁ, ତେଣୁ ଏହି ତ ତାର ରୀତି, ଟେକି ନେଇ ପଳାଇବା । ଟେକି ନେବେ ତାର ପୁରୁଷ ବନ୍ଧୁମାନେ । ହୁଏତ ତାଙ୍କ ସାଙ୍ଗରେ ସେ । ଏପରି କ୍ଷେତ୍ରରେ କନ୍ୟା ଚିହ୍ନାରି

କରିବା, କାନ୍ଦିବା, ଘୁଷିପିଟି ହେବା, ମାର୍‌ପିଟ୍ କରିବା, ତା ସଖୀମାନେ ଓ ଗାଁଲୋକମାନେ ଗୋଡ଼େଇବା, ପାଟି କରିବା, ଗାଳିଦେବା—ଏ ସବୁ କାର୍ଯ୍ୟ ପ୍ରାଚୀନ ପଦ୍ଧତିସମ୍ମତ । ସେମାନେ ବରର ମାମୁଁ ଘରକୁ ଯିବେ, ଲୁଚିବେ, କନ୍ୟାଘର ଲୋକେ କନ୍ୟାକୁ ଖୋଜି ଆସିବେ, ବରକୁ ଧରି ମାରିପିଟି କେବେ କେବେ ଖଣ୍ଡିଆ ଦଣ୍ଡିଆ କରି ଲଙ୍ଘା କରି ଶୁଆଇଦେବେ । ଏସବୁ ବି ପ୍ରାଚୀନ ରୀତିସମ୍ମତ, ଏଥିରେ ଦୋଷ ନାହିଁ, କାରଣ ଏ 'ଉଦୁଲିଆ ବିଭା'ର ରୀତି । ବର ମାଡ଼ ଖାଇଲେହିଁ କନ୍ୟା-ପକ୍ଷଙ୍କୁ କନ୍ୟା-ସୁନା ମିଳିଗଲା, ତା'ପରେ ଆନୁଷ୍ଠାନିକ ବିବାହ ବଲେ ହେବ ।

ଆପଣା ଆଇନ୍ ଛଡ଼ା ଅନ୍ୟ ଆଇନ୍ ବୁଝିବା କନ୍ଧପକ୍ଷରେ କଷ୍ଟକର ହୁଏ, ବିଶେଷତଃ ଆମର ବିଶିଷ୍ଟଆଇନ୍‌ଗୁଡ଼ିକ, କାରଣ ତାର ବିଚାରରେ ସାମାଜିକ ଆଇନ୍ ଓ ନୈତିକ ଆଇନ୍ ଭିତରେ ବିଶେଷ ପ୍ରଭେଦ ନାହିଁ । ଗୋଟାଏ ଗୋଷ୍ଠୀର ମାଲିକପଣ ଗୋଟାଏ ବ୍ୟକ୍ତି ଉପରି ଲୋପ କରି ଦେଇ ପାରିବ । ବନ୍ଧାଟା ଉପରି ବନ୍ଧ ବୋଲି ଧାର୍ଯ୍ୟ କରାଯିବ । ଦେବା ଓ ନେବା ଏ ଉଭୟ ହେତୁ ମଝିରେ ପୁଣି ଏକ ତୃତୀୟ ହେତୁ ଉପରି କାର୍ଯ୍ୟକାରୀ ହେବ ଓ କାଳଦୋଷ ଲାଗିବ । ଏସବୁ ତାଙ୍କୁ ହୃଦ୍‌ବୋଧ କରାଇବା ସହଜ ନୁହେଁ । ସେହିପରି ସେ ବୁଝିପାରେ ନାହିଁ ସାକ୍ଷୀର ଆବଶ୍ୟକତା । ଯେଉଁଠି ଗୋଟିଏ ଘଟଣା ଘଟିଲେ ଉପରେ ଆକାଶ ଦେଖେ, ତଳେ ଧରିତ୍ରୀ ଦେଖେ, ସବୁଠିଁ ପରମେଶ୍ୱର ଦେଖନ୍ତି, ସେଠି ଆଉ କି ସାକ୍ଷୀ ଆବଶ୍ୟକ ସେ ବୁଝିପାରେ ନାହିଁ ।

# ସମ୍ପାଦକୀୟ

'ଆଦିବାସୀ' ପତ୍ରିକାର ଚଳିତ ୧୯୫୭-୫୮ ମସିହା ବାବଦ୍ ଦ୍ୱିତୀୟ ଓ ତୃତୀୟ ସଂଖ୍ୟା ପ୍ରକାଶ ପାଇଲା । ଏ ଦିଗରେ ଯେଉଁମାନଙ୍କଠାରୁ ଆମ୍ଭେମାନେ ସାହାଯ୍ୟ ପାଇଅଛୁଁ, ତାଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଉଅଛୁ । ଗବେଷଣାମୂଳକ ଏହି ପତ୍ରିକା ପାଇଁ ଯଥେଷ୍ଟ ସଂଖ୍ୟାରେ ଉପଯୁକ୍ତ ଲେଖା ସଂଗ୍ରହ କରିବା କଷ୍ଟସାପେକ୍ଷ ହେଉଛି । ଏଥିରେ ସନ୍ଦେହ ନାହିଁ ଯେ ଆଦିବାସୀ ଓ ସେମାନଙ୍କ ସମସ୍ୟା ବିଷୟରେ ଜନସାଧାରଣ ସମ୍ୟକ୍ ଭାବେ ଅବହିତ ହେବା ବାଞ୍ଛନୀୟ । ଆଦିବାସୀକଲ୍ୟାଣ ପାଇଁ ଭାରତ ତଥା ରାଜ୍ୟ ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି । ଜନସାଧାରଣଙ୍କର ପୂର୍ଣ୍ଣ ସହଯୋଗ ବିନା ଉକ୍ତ କାର୍ଯ୍ୟ ସାଫଲ୍ୟମଣ୍ଡିତ ହେବା କଷ୍ଟକର । ତେଣୁ ଆଦିବାସୀ ଓ ତାଙ୍କ ସମସ୍ୟା ବିଷୟରେ ଗବେଷଣାମୂଳକ ଲେଖା ପ୍ରକାଶ କରିବାକୁ ଓଡ଼ିଶା ସରକାରଙ୍କ ଆଦିବାସୀ ଗବେଷଣା କେନ୍ଦ୍ର ପ୍ରୟାସ କରି ଆସୁଅଛି । ଏ ଦିଗରେ ଅଧିକରୁ ଅଧିକ ସାହାଯ୍ୟ କରିବା ପାଇଁ ଆମ୍ଭେମାନେ ଦେଶର ଲବ୍ଧପ୍ରତିଷ୍ଠ ଲେଖକ ଲେଖିକାଙ୍କୁ ସନିର୍ବନ୍ଧ ଅନୁରୋଧ କରୁଅଛୁଁ ।

ଇତ୍ୟବସରରେ ଗତ ଅପ୍ରେଲ ମାସରେ କୋରାପୁଟଠାରେ ଅନୁଷ୍ଠିତ ହୋଇଥିବା ଭାରତୀୟ ଆଦିବାସୀକଲ୍ୟାଣ ସଭାରେ ଆଲୋଚିତ କେତେକ ବିଷୟ ପ୍ରତି ଆମ୍ଭେମାନେ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁଁ । ଏହି ସଂଖ୍ୟାରେ ଆମ ମୁଖ୍ୟମନ୍ତ୍ରୀ ଓ ଆଦିବାସୀ କମିଶନର ତଥା କଲିକତା ବିଶ୍ୱବିଦ୍ୟାଳୟର ଖ୍ୟାତନାମା ଅଧ୍ୟାପକ ଶ୍ରୀ ନିର୍ମଳକୁମାର ବୋଷଙ୍କ ଉଦ୍‌ବୋଧନମାନ ପ୍ରକାଶ ପାଇଛି । ପ୍ରବୀଣ ଶାସକ, ସମାଜସେବକ ଓ ନୃତତ୍ତ୍ୱବିତ୍ ହିସାବରେ ସେମାନଙ୍କର ଗୋଟିଏ ମନ୍ତବ୍ୟ ପ୍ରତି ଆମ୍ଭେମାନେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁ । ସେମାନେ ସମସ୍ତେ ମତ ପ୍ରକାଶ କରିଛନ୍ତି ଯେ ଆଦିବାସୀମାନେ ଅନୁନ୍ନତ ଅବସ୍ଥାରେ ଅଛନ୍ତି ଓ ସେମାନଙ୍କର ଉନ୍ନତି ସର୍ବଥା ବାଞ୍ଛନୀୟ, ଏ ବିଷୟରେ ସନ୍ଦେହ ନାହିଁ । ମାତ୍ର ଏହି କାର୍ଯ୍ୟ ଏପରି ଭାବରେ ସମ୍ପନ୍ନ ହେବା ବାଞ୍ଛନୀୟ ଯଦ୍ୱାରା ଆଦିବାସୀ ଓ ଅଣ-ଆଦିବାସୀ ସମାଜ ମଧ୍ୟରେ କୌଣସି ବିଭେଦ ବା ବିରାଗର ଅବକାଶ ନରହେ । ପରନ୍ତୁ ଉଭୟ ସମାଜ ମଧ୍ୟରେ ପରମ ସହଯୋଗ ଓ ସଦ୍‌ଭାବର ପରମ୍ପରା ସୃଷ୍ଟି ହୋଇ ଉଭୟ ଯେପରି ଏକ ଭାବରେ ଓ ଏକ ଦିଗରେ ଉନ୍ନତି ଲାଭ କରନ୍ତି, ତାହାହିଁ ସମସ୍ତଙ୍କର କାମ୍ୟ ହେବା ଉଚିତ ।

ଆମ୍ଭେମାନେ ଆଶା କରୁଁ ଜନସାଧାରଣ ଓ ବିଶେଷକରି ସମାଜସେବକବୃନ୍ଦ ଏଥିପ୍ରତି ସମ୍ୟକ୍ ଧ୍ୟାନ ଦେବେ ।

ମୁଦ୍ରାକର—ପଣ୍ଡିତ ଶ୍ରୀ ଅନସୂୟାପ୍ରସାଦ ପାଠକ, ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ-୧